ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ସୋମବାର, ଡିସେମ୍ବର ୬/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, December 6/2021 | ★★★★

୪୮ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**କ୍ଲିମେଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ**

ଜୁନିୟର ହକି ବିଶ୍ୱକପ୍‌ର ବ୍ରୋଞ୍ଜ ପଦକ ପାଇଁ ଭାରତ ବିପକ୍ଷ ମ୍ୟାଚରେ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ୦୮

୦୭ **କିସିଂ ସିନ୍‌କୁ ଆଲିଆଙ୍କ ନା**

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ 'ରକି ଔର ରାନି କି ପ୍ରେମ କାହାନି'ରେ ଅଭିନେତା ରଣବୀର ସିଂଙ୍କ ସହ କିସିଂ ସିନ୍ କରିବାକୁ ଅମଙ୍ଗ ହୋଇଛନ୍ତି।



# ସେନା ଗୁଳିରେ ୧୩ ନିହତ

**ଗୁଆହାଟୀ/ନୂଆଦିଲ୍ଲୀ, ୫।୧୨**

ନାଗାଲାଣ୍ଡର ମୋନ୍ ଜିଲାର ଓଟିଙ୍ଗ୍‌ଠାରେ ଶନିବାର ସନ୍ଧ୍ୟାରେ ସେନା ଗୁଳିରେ ୧୩ ଜଣ ସାଧାରଣ ନାଗରିକ ନିହତ ହୋଇଛନ୍ତି। ଏହାକୁ ନେଇ ରାଜ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିବାରୁ ମୋବାଇଲ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ସୈନ୍ୟବାହିନୀ ପକ୍ଷରୁ ଗୁଳିକାଣ୍ଡକୁ ଦୁର୍ଭାଗ୍ୟଜନକ କୁହାଯିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେନା କହିଛି। ଗୋଇନ୍ଦା ବିଫଳତା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି କୁହାଯାଉଛି। ମ୍ୟାନ୍‌ମାର ସୀମାବର୍ତ୍ତୀ ମୋନ୍ ଜିଲାରେ ଉଗ୍ରପନ୍ଥୀମାନଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ଯବାନମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ବୋଲି ଜଣେ ସେନା ଅଧିକାରୀ କହିଛନ୍ତି। ଗୁଳିକାଣ୍ଡ ପରେ କୋହିମାରେ ହେବାକୁ ଥିବା ପ୍ରସିଦ୍ଧ ହର୍ନବିଲ୍ ଉତ୍ସବକୁ ବନ୍ଦ କରିଦିଆଯାଇଛି।



ଓଟିଙ୍ଗ୍ ନିକଟରେ ଗୁଳିକାଣ୍ଡ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ସେନା ଗାଡ଼ିରେ ନିଆଁ ଲଗାଇଛନ୍ତି।

କୋଇଲା ଖଣିରେ କାର୍ଯ୍ୟ କରୁଥିବା କେତେଜଣ ଦିନ ମଜୁରିଆ କାମ ସାରି ଶନିବାର ସନ୍ଧ୍ୟାରେ ଏକ ପିକ୍-ଅପ୍ ଭ୍ୟାନ୍‌ରେ ଘରକୁ ଫେରୁଥିବାବେଳେ ଉଗ୍ରପନ୍ଥୀ ନିରୋଧୀ ଅଭିଯାନରେ ନିୟୋଜିତ ଥିବା ଆସାମ ରାଇଫଲ୍ସର ଯବାନମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ୧୩ ଜଣ ଦିନ ମଜୁରିଆଙ୍କ ମୃତ୍ୟୁ ଘଟିଥିଲା। ତେବେ ଯବାନମାନେ ଭୁଲ୍‌ବଶତଃ ସେମାନଙ୍କୁ ଉଗ୍ରପନ୍ଥୀ ସନ୍ଦେହ କରି ଗୁଳି ଚଳାଇଥିଲେ କି ନାହିଁ ତାହାର ତଦନ୍ତ କରାଯାଉଥିବା କୋହିମା ପୋଲିସ କହିଛି। ଖବର ପାଇବା ପରେ ଦିଲ୍ଲୀରେ ଥିବା ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ କୋହିମା ଫେରିଯାଇ ଜରୁରୀ ବୈଠକ କରିଛନ୍ତି। ସେନା ଗୁଳିରେ ନିରୀହ ଲୋକଙ୍କ ଜୀବନ ଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସେ କହିଛନ୍ତି।

ଦିନ ମଜୁରିଆମାନେ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଗ୍ରାମର କେତେଜଣ ସ୍ୱେଚ୍ଛାସେବୀ ଯାଇ ଖୋଜାଖୋଜି କରିଥିଲେ। ସେମାନେ ଭ୍ୟାନ୍ ଭିତରେ ☞ପୃଷ୍ଠା-୪

## ନାଗାଲାଣ୍ଡରେ ଉତ୍ତେଜନା

- ମୋବାଇଲ ଇଣ୍ଟରନେଟ ସେବା ବନ୍ଦ
- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦାୟୀ କଲେ ରାହୁଲ
- ଉପଯୁକ୍ତ ତଦନ୍ତ ଦାବି କଲେ ମମତା

# ଆର୍ଜେଣ୍ଟିନା ଚାମ୍ପିୟନ



ଚାମ୍ପିୟନ ଆର୍ଜେଣ୍ଟିନା ଦଳକୁ ଟ୍ରଫି ପ୍ରଦାନ ଅବସରରେ ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ (୨୧ ବର୍ଷରୁ କମ୍)ର ସଫଳ ଏବଂ ସୁରକ୍ଷିତ ପରିସମାପ୍ତି ଘଟିଛି। କୋଭିଡ- ୧୯ ଜନିତ ପରିସ୍ଥିତି ଯୋଗୁ ପ୍ରତିଯୋଗିତାକୁ ସୁରକ୍ଷିତ ଭାବେ ଆୟୋଜନ ମୁଖ୍ୟ ପ୍ରସଙ୍ଗ ଥିଲା। ତେବେ ପୂର୍ବରୁ ସିନିୟର ସ୍ତରରେ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ସଫଳତାର ସହ ସମ୍ପନ୍ନ କରି ପ୍ରଶଂସା ସାଉଁଟିଥିବା ଓଡ଼ିଶା ଏଥର ମଧ୍ୟ ଆତିଥେୟତାଠାରୁ ଆରମ୍ଭ କରି ଟୁର୍ନାମେଣ୍ଟର ସଫଳ ଆୟୋଜନ ପର୍ଯ୍ୟନ୍ତ ସବୁଥିରେ ନିଜର ଦକ୍ଷତା ଦେଖାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଜର୍ମାନୀକୁ ୪-୨ ଗୋଲରେ ହରାଇ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଛି। ବିଜୟୀ ଦଳର ଲୌଟାରୋ ଡୋମେନେ ହ୍ୟାଟ୍ରିକ ଗୋଲ ଦେଇ ହିରୋ ବିବେଚିତ ହୋଇଥିଲେ। ଆର୍ଜେଣ୍ଟିନା ପୂର୍ବରୁ ୨୦୦୫ରେ ଚାମ୍ପିୟନ ହୋଇଥିଲା। ତେଣୁ ୧୬ ବର୍ଷ ବ୍ୟବଧାନରେ ଦଳ ପୁଣି ଟାଇଟଲ ସ୍ୱାଦ ଚାଖିଛି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀ ଏଥର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

## ଜୁନିୟର ହକି ବିଶ୍ୱକପ୍ ଉଦ୍‌ଯାପିତ

- ଜର୍ମାନୀକୁ ରୌପ୍ୟ, ଫ୍ରାନ୍ସ ବ୍ରୋଞ୍ଜ, ଭାରତ ୪ର୍ଥ

ପୂର୍ବରୁ ଜର୍ମାନୀ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ସର୍ବାଧିକ ୬ ଥର ଚାମ୍ପିୟନ ହୋଇଥିବାବେଳେ ୧୯୭୯ରେ ରନର୍ସଅପ୍ ହୋଇଥିଲା। ପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୧-୩ ଗୋଲରେ ଫ୍ରାନ୍ସ ନିକଟରୁ ହାରି ଅଳ୍ପକେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଆର୍ଜେଣ୍ଟିନା ଦଳକୁ ସ୍ୱର୍ଣ୍ଣ ପଦକ ଓ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ର ନଙ୍ଗମବାମ୍, ମହାସଚିବ ରାଜିନ୍ଦର ସିଂ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, ☞ପୃଷ୍ଠା-୪



ବାତ୍ୟା 'ଜୱାଦ' ବିପଦ ଟଳିବା ପରେ ରବିବାର ରଙ୍ଗିନ ଦୃଶ୍ୟମାନ ହେଉଥିବା ପୁରୀ ବେଳାଭୂମି ଆକାଶ।




# ଆଜି ଆସୁଛନ୍ତି ପୁଟିନ୍



**ନୂଆଦିଲ୍ଲୀ, ୫।୧୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ଭାରତ ଆସିବେ। ୨୧ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ସେ ଯୋଗଦେବେ। ୨୦୧୯ ନଭେମ୍ବରରେ ବ୍ରିକ୍ସ ସମ୍ମିଳନୀ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ କରି ପୁଟିନଙ୍କୁ ସାମ୍ନା ସାମ୍ନି ଭେଟିବେ। ଏହି ଅବସରରେ ୭.୫ ଲକ୍ଷ ଏକେ-୨୦୩ ରାଇଫଲ ନିର୍ମାଣ ଡିଲ୍ ସମେତ ଯୋଗାଯୋଗ, ପରିବହନ, ମହାକାଶ, ସାମରିକ-ବୈଷୟିକ ସହଯୋଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଓ ସଂସ୍କୃତି ଭଳି ୧୦ରୁ ଊର୍ଦ୍ଧ୍ୱ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇପାରେ। ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ ଡେଲିଭରୀ ଉପରେ ମଧ୍ୟ ଆଲୋଚନା ହୋଇପାରେ। ଏହାସହିତ ରୁଷିଆ ଓ ଭାରତ ୨+୨ ଡାଏଲଗ୍‌ରେ ଉଭୟ ଦେଶର ବହିର୍ବ୍ୟାପାର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ହେବ।

**ଆଜିର ସମ୍ପାଦକୀୟ**

**ଦୁଶ୍ଚିନ୍ତାରେ ଯବାନ**

# ଦେଶରେ ୨୧ ଓମିକ୍ରନ୍ ସଂକ୍ରମିତ

## ଦିଲ୍ଲୀରେ ଜଣେ, ରାଜସ୍ଥାନରେ ୯, ମହାରାଷ୍ଟ୍ରରେ ଆଉ ୭ ଚିହ୍ନଟ

**ନୂଆଦିଲ୍ଲୀ/ମୁମ୍ବାଇ/ ଜୟପୁର, ୫।୧୨**

ରବିବାର ଦିଲ୍ଲୀରେ ଜଣେ, ରାଜସ୍ଥାନରେ ୯ ଜଣ ଏବଂ ମହାରାଷ୍ଟ୍ରରେ ଆଉ ୭ ଜଣ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ତାଞ୍ଜାନିଆରୁ ଦିଲ୍ଲୀ ଫେରିଥିବା ଜଣେ ୩୭ ବର୍ଷୀୟ ବ୍ୟକ୍ତି ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କୁ ଲୋକନାୟକ ଜୟପ୍ରକାଶ (ଏଲ୍ଏନ୍‌ଜେପି) ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତାଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମହାରାଷ୍ଟ୍ରର ପୁଣେ ଜିଲାରେ ୭ ଜଣ ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ସେମାନଙ୍କର ଦୁଇ ଝିଅ ଅଛନ୍ତି। ମହିଳା ଜଣଙ୍କ ପିମ୍ପ୍ରି ଚିଞ୍ଚୱାଡ଼ ଅଞ୍ଚଳରେ ରହୁଥିବା ତାଙ୍କ ଭାଇକୁ ଭେଟିବା ଲାଗି ନାଇଜେରିଆରୁ ଦୁଇ ଝିଅଙ୍କ ସହ ଆସିଥିଲେ। ମହିଳାଙ୍କ ଭାଇ ମଧ୍ୟ ଓମିକ୍ରନ୍ ପଜିଟିଭ୍ ଥିବା ଜଣାପଡ଼ିଛି। ସେହିପରି ନଭେମ୍ବର ଶେଷ ସପ୍ତାହରେ ଫିନ୍‌ଲାଣ୍ଡରୁ ପୁଣେ ଫେରିଥିବା ଅନ୍ୟ ଜଣେ ନୂଆ ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି। ଏହାକୁ ମିଶାଇ ମହାରାଷ୍ଟ୍ରରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୮ ହୋଇଛି। ଶନିବାର ଠାଣେ ଜିଲାରେ ଜଣେ ମେରାଇନ ଇଞ୍ଜିନିୟର ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେ ନଭେମ୍ବର ୨୩ରେ ଦକ୍ଷିଣ ଆଫ୍ରିକାରୁ ଦିଲ୍ଲୀ ଆସି ସେଠାରୁ ବିମାନ ଯୋଗେ ମୁମ୍ବାଇ ଫେରିଥିଲେ।





ରାଜସ୍ଥାନ ସ୍ୱାସ୍ଥ୍ୟ ସଚିବ ବୈଭବ ଗଲରିୟାଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ୯ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ପିଲାଙ୍କ ସହ ୪ ଜଣ ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ। ଅନ୍ୟ ୫ ଜଣ ସିକାର ଜିଲା ନ୍ତର୍ଗତ ଅଜିତଗଡ଼ର। ସେମାନେ ଦକ୍ଷିଣ ଆଫ୍ରିକା ଫେରନ୍ତାଙ୍କ ପରିବାର ସଂସ୍ପର୍ଶରେ ଆସିଥିଲେ। ସମସ୍ତଙ୍କୁ ଜୟପୁରସ୍ଥିତ ରାଜସ୍ଥାନ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସହ ମିଶିଥିବା ଜିଲାର ଅନ୍ୟ ୮ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

ସୂଚନାଯୋଗ୍ୟ, ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ଏବେ ୩୦ରୁ ଅଧିକ ଦେଶକୁ ବ୍ୟାପିଥିବାବେଳେ ଗତ ବୁଧବାର ଭାରତରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲେ। କର୍ନାଟକରେ ଜଣେ ୬୬ ବର୍ଷୀୟ ଦକ୍ଷିଣ ଆଫ୍ରିକୀୟ ଏବଂ ବେଙ୍ଗାଲୁରୁର ଜଣେ ୪୬ ବର୍ଷୀୟ ଡାକ୍ତରଙ୍କଠାରେ ଏହି ଭାରିଆଣ୍ଟ ଦେଖାଯାଇଥିଲା। କୋଭିଡ୍ ପଜିଟିଭ୍ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କୁ ଏଲ୍ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ବିପଦ ଥିବା ଦେଶରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

ବର୍ତ୍ତମାନ ସୁଦ୍ଧା ଦିଲ୍ଲୀର ଏଲ୍ଏନ୍‌ଜେପି ହସ୍ପିଟାଲରେ ୧୭ କୋଭିଡ୍ ରୋଗୀ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୬ ଜଣଙ୍କୁ ଭର୍ତ୍ତି କରାଯାଇଛି। ଜିନୋମ୍ ସିକ୍ୱେନ୍ସିଂ ପାଇଁ ୧୨ଟି ନମୁନା ପଠାଯାଇଥିବାବେଳେ ସେଥିରୁ ଗୋଟିଏରେ ☞ପୃଷ୍ଠା-୪

# ଶିଶୁ ସଦନ ଉଦ୍‌ଘାଟିତ



ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର ଅଫିସ,୫।୧୨**

ବାଲେଶ୍ୱର ସଦର ବ୍ଲକ ଅଧୀନ ଆକିନିଆ ଗ୍ରାମରେ ଅବସ୍ଥିତ ଆନନ୍ଦମାର୍ଗ ସ୍କୁଲ ପରିସରରେ ମାନ ଗୋବିନ୍ଦ ମହାନ୍ତି ଚାରିଟେବୁଲ ଟ୍ରଷ୍ଟ (ଭୁବନେଶ୍ୱର)ର ଅନୁଦାନରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଶିଶୁ ସଦନ ରବିବାର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଆନନ୍ଦମାର୍ଗର ବରିଷ୍ଠ ସଦସ୍ୟ ନବ କୁମାର ମହାଳିକ ସଭାପତିତ୍ୱ କରିଥିଲେ। ଆନନ୍ଦମାର୍ଗ ପ୍ରଚାରକ ସଂଘ କୋଲକାତାର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଭବେଶାନନ୍ଦ ଅବଦୂତ ଯୋଗଦେଇ ସମାଜରେ ଅବହେଳିତ ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଆନନ୍ଦମାର୍ଗ ସର୍ବଦା ତତ୍ପରତା ଦେଖାଇଛି। ଏଥିସହିତ ଆନନ୍ଦମାର୍ଗ ଦ୍ୱାରା ବିଶ୍ୱର ବିଭିନ୍ନ ସ୍ଥାନରେ ଶିଶୁ ସଦନ ଖୋଲାଯାଇ ଅସହାୟ ଶିଶୁମାନଙ୍କର ରକ୍ଷଣାବେକ୍ଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ମାଗଣାରେ କରାଯାଉଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଜେନା ସ୍ୱାଗତ ଭାଷଣ ପ୍ରଦାନ କରି ଟ୍ରଷ୍ଟର ମୁଖ୍ୟ ପଦ୍ମଲୋଚନ ମହାନ୍ତି ମହାମାରୀ କରୋନା ସମୟରେ ଯୋଗାଇ ଦେଇଥିବା ସହାୟତା ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଉତ୍ସବରେ ଫକୀରମୋହନ ଜୁନିୟର କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ହାଲ୍‌ର ବରିଷ୍ଠ ଅଧିକାରୀ ଇଂ.ଦୈତାରୀ ସେଠୀ, ଆନନ୍ଦମାର୍ଗ ମହିଳା ବିଭାଗର ବାଲେଶ୍ୱର ଜିଲା ସମ୍ପାଦିକା ବ୍ରହ୍ମଚାରିଣୀ ସୁଚିତା ଆଚାର୍ଯ୍ୟା, ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟାପକ ଡ.ସନ୍ତୋଷ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଅସହାୟ ଶିଶୁଙ୍କୁ ଉଦ୍ଧାର କରି ଉପଯୁକ୍ତ ଲାଳନପାଳନ, ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରଦାନ କରି ସେମାନଙ୍କୁ ଏକ ଭିନ୍ନ ଜୀବନ ପ୍ରଦାନ କରୁଥିବା ଏହି ଅନୁଷ୍ଠାନର ପ୍ରଶଂସା କରିଥିଲେ। ଆନନ୍ଦମାର୍ଗ ଜିଲା ସମ୍ପାଦିକା ତରୁଲତା ଜେନା, ହରପ୍ରିୟା ଜେନା, ପ୍ରତିଷ୍ଠାତା ସଦସ୍ୟ ପରିକ୍ଷୀତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଶିମିଳିପାଳ ବନ୍ଦ

**ବାରିପଦା ଅଫିସ,୫।୧୨**

'ଜୱାଦ' ପ୍ରଭାବରେ ବର୍ଷା ଯୋଗୁ ସୋମବାର ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ୪ ଓ ୫ ତାରିଖ ଦୁଇଦିନ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଏହାକୁ ବନ୍ଦ ରଖାଯାଇଥିଲା। ବାରିପଦା ପୀଠାବଟା ରେଞ୍ଜର ଲୁଲୁଙ୍ଗ ଓ ଯଶିପୁର ରେଞ୍ଜ କାଳିଆଣି ଫାଟକ ଦେଇ ଯାଉଥିବା ଚାରିଚକିଆ ଯାନ ଚଳାଚଳ ବନ୍ଦ




ରଖାଯାଇଛି। ଜୱାଦ ପ୍ରଭାବରେ ପାହାଡ଼ିଆ ରାସ୍ତାଘାଟରେ ଚଳପ୍ରଚଳ ବିପଦପୂର୍ଣ୍ଣ ଥିବାରୁ ଶିମିଳିପାଳ ଭିତରକୁ ପର୍ଯ୍ୟଟକଙ୍କୁ ଯିବା ପାଇଁ ବାରଣ କରାଯାଇଛି। ମାଟି ରାସ୍ତାରେ ଯାନବାହନ ଚଳାଚଳ ସମ୍ଭବ ନ ଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପାଗ ପରିବର୍ତ୍ତନ ହେବା ପରେ ସ୍ଥିତିକୁ ଦେଖି ପୂର୍ବଭଳି ପର୍ଯ୍ୟଟକମାନଙ୍କୁ ଅନୁମତି ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି।

# ଭାଷା ବିନା ବଞ୍ଚିପାରିବନି ଜାତି



ବ୍ରଜରାଜନଗର ଏମ୍‌ସିଏଲ୍ ରେନ୍‌ବୋ ସଭାକକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସାହିତ୍ୟ ଏକାଡେମୀର ସାରସ୍ୱତ ସମାରୋହ**

**ଭୁବନେଶ୍ୱର, (ବ୍ୟୁରୋ)/ ବ୍ରଜରାଜନଗର, ୫।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଓରିଏଣ୍ଟ ଏରିଆ ରେନ୍‌ବୋ ସଭାକକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ ସାମଲ ଏହାକୁ ଉଦ୍‌ଘାଟନ କରି କହିଲେ, ଭାଷା ରହିଲେ ସାହିତ୍ୟ ରହିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସର ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଅନୱର ହୁସେନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଲେ, ପୃଥିବୀର ଯାହା କିଛି ପରିବର୍ତ୍ତନ ହେଉଛି ତାହା କେବଳ ସାହିତ୍ୟ ପାଇଁ। ସମ୍ମାନିତ ଅତିଥି ଭାବେ ଏକାଡେମୀ ସଦସ୍ୟ ଡ. ରଘୁନାଥ ମେହେର, ମୁଖ୍ୟବକ୍ତା ପୂର୍ବତନ ସଦସ୍ୟ ଡ. ସଞ୍ଜୟ କୁମାର ମିଶ୍ର ଓ ସମ୍ମାନିତ ବକ୍ତା ଉତ୍ପଳ କୁମାର ଭୋଇ ଯୋଗଦେଇ ଓଡ଼ିଆ ଲୋକ ସାହିତ୍ୟକୁ ପଶ୍ଚିମ ଓଡ଼ିଶାର ଅବଦାନ ସମ୍ପର୍କରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ଏକାଡେମୀ ସଦସ୍ୟା ଡ. ଶିବ ପ୍ରିୟା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ 'ନାଟ୍ୟ ସାହିତ୍ୟକୁ ଝାରସୁଗୁଡ଼ାର ଅବଦାନ' ଉପରେ ଆଲୋଚନା ହୋଇଥିଲା। ସାହିତ୍ୟିକ ବ୍ୟାସଦେବ ପଣ୍ଡା, ସୁବାସ ଚନ୍ଦ୍ର ପ୍ରଧାନ, ଅନିଲ କୁମାର ଦାସ ଯୋଗଦେଇ ଏନେଇ ନିଜର ମତ ରଖିଥିଲେ। ସେହିପରି ତୃତୀୟ ଅଧିବେଶନ କବିତା ଆସରରେ ଏକାଡେମୀର ପୂର୍ବତନ ସଦସ୍ୟା ଡ. ମନ୍ଦାକିନୀ ଶତପଥୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ସମ୍ମାନିତ ବକ୍ତା କବି କ୍ଷୀରୋଦ କୁଅଁର ଓ ଅନ୍ୟତମ ଅତିଥି ଭାବେ ସଂଗ୍ରାମ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ରମେଶ କୁମାର ପଶାୟତ, ଜନ୍ମେଜୟ ଭୋଇ, ସ୍ୱପ୍ନା ସିଂ ଓ ମାଧବୀ ପଟେଲଙ୍କ ଲିଖିତ ତିନୋଟି ପତ୍ରିକାର ଉନ୍ମୋଚନ ହୋଇଥିଲା।

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ପାଠକମାନଙ୍କ ରୁଚି ମୁତାବକ ଖବର ପ୍ରକାଶ କରି ଚର୍ଚ୍ଚାରେ ରହିଆସୁଥିବା ଧରିତ୍ରୀ ସେହିଭଳି ଚିନ୍ତାଧାରାରେ ଆଗେଇଚାଲୁ, ବାବା ସୋମନାଥଙ୍କ ଚରଣରେ ପ୍ରାର୍ଥନା କରୁଛି।
ବିପ୍ଳବ ପାତ୍ର(ନିର୍ମଳ)
ରଘୁନାଥପୁର, ଯୁବସଦସ୍ୟ, ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୭ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଜଗନ୍ନାଥ ଆପଣଙ୍କ ଚଲାପଥ କୁସୁମିତ କରନ୍ତୁ।
ବିକ୍ରମ ସେନାପତି(ବିକୁ)
ରତାଗଡ଼(ନୂଆସାହି), ସାମାଜିକ କର୍ମୀ, ସଭ୍ୟ ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବଣିକ ସଂଘ ଓ ରଘୁନାଥପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଅନିରୁଦ୍ଧ ରାଉତ
ଉପସଭାପତି, ଲକ୍ଷ୍ମୀଦେବୀ ବଣିକ ସଂଘ, ନନ୍ଦନକାନନ ବସଷ୍ଟାଣ୍ଡ, ରଘୁନାଥପୁର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସୋମନାଥପ୍ରେମୀ ଭକ୍ତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ବାବାସୋମନାଥ ସମସ୍ତଙ୍କୁ ସୁଦୟାକରନ୍ତୁ ଏତିକି କାମନା।
ଅମିୟ କୁମାର ଜେନା(ଲୁଲିଆ)
ଉପସଭାପତି-ବାବା ସୋମନାଥ ସେନା
ଉପଦେଷ୍ଟା-ନାରୀ ଜାଗରଣମଞ୍ଚ, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ବାଙ୍କୀ-ବାରଙ୍ଗ ଅଞ୍ଚଳର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
କିଶାନ କୁମାର ଜେନା
ଯୁବନେତା ବାଙ୍କୀ-ବାରଙ୍ଗ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ସମେତ ବାରଙ୍ଗ ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।
ମଣ୍ଟୁ ମାଝୀ
ପୂର୍ବତନ ବାରଙ୍ଗ ବ୍ଲକ କଂଗ୍ରେସ ସଭାପତି, ବାରଙ୍ଗ

ଧରିତ୍ରୀର ୪୭ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ପ୍ରଭୁ ସୋମନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ।
ଅମୂଲ୍ୟ କୁମାର ମହାରଣା
ଦାଡ଼ାପାଟଣା, ବାରଙ୍ଗ, ସଭ୍ୟ ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୭ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ସୋମନାଥ ପ୍ରେମୀ ଭକ୍ତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ସମସ୍ତଙ୍କ ପ୍ରତି ସୁଦୟା ରଖିଥାନ୍ତୁ, ଏତିକି ପ୍ରାର୍ଥନା।
ଗୌରୀଶଙ୍କର ପ୍ରହରାଜ
ସମାଜସେବୀ, ଉପଦେଷ୍ଟା-ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୭ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ସୋମନାଥ ପ୍ରେମୀ ଭକ୍ତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାଗା ସାହୁ(ଡାଓ୍ୱା)
ଉପଦେଷ୍ଟା, ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଲ୍ୟାଣପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ପ୍ରଭାସିନୀ ସାସ୍ମଲ
ସରପଞ୍ଚ, କଲ୍ୟାଣପୁର ଗ୍ରାମ ପଞ୍ଚାୟତ, ଭୁବନେଶ୍ୱର ବ୍ଲକ

ଧରିତ୍ରୀର ୪୭ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଦାଡ଼ା ପଞ୍ଚାୟତବାସୀଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଉଛି।
ଅସିତ ସାସମଲ
ବରିଷ୍ଠ ସଦସ୍ୟ, ବାବା ସୋମନାଥ ସେନା ଓ ପଞ୍ଚସଖା ସାମାଜିକ ସଙ୍ଗଠନ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦାଡ଼ା ପଞ୍ଚାୟତବାସୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ସମସ୍ତେ ସୁଖଶାନ୍ତି ଓ ନୀରୋଗରେ ରୁହନ୍ତୁ। ବାବା ସୋମନାଥଙ୍କ ଚରଣରେ ଗୁହାରି କରୁଛି।
ଜନକ ମାଝୀ(ଜାନିଆ)
ପୂର୍ବତନ ଦାଡ଼ା ସୋସାଇଟି ସଭାପତି, ପଞ୍ଚସଖା ସାମାଜିକ ସଙ୍ଗଠନର ସଭାପତି, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକମାନଙ୍କ ସହ କଲ୍ୟାଣପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମଙ୍ଗରାଜ ହାତୀ
ସମ୍ପାଦକ, ସାଇନିଂ ଷ୍ଟାର କ୍ଲବ, ଗଣ୍ଡରପୁର

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଧରିତ୍ରୀ ପରିବାର ସମେତ ବାରଙ୍ଗ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ପବିତ୍ର କୁମାର ସାହୁ
ଫକୀରପଡ଼ା, ବାରଙ୍ଗ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରଘୁନାଥପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ଝୁନାରାଣୀ ରାଉତ
ସମିତିସଭ୍ୟା, ରଘୁନାଥପୁର ଗ୍ରା.ପ., ସଭାନେତ୍ରୀ ନାରୀ ଜାଗରଣ ମଞ୍ଚ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ପ୍ରଭୁ ସୋମନାଥ ସମସ୍ତଙ୍କୁ ସୁଦୟା କରନ୍ତୁ ଏତିକି ପ୍ରାର୍ଥନା।
ଦିନବନ୍ଧୁ ପାତ୍ର
ରଘୁନାଥପୁର, ଉପଦେଷ୍ଟା, ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଧରିତ୍ରୀର ସମସ୍ତ କର୍ମଚାରୀ, ସାମ୍ବାଦିକ, ଏଜେଣ୍ଟଙ୍କୁ ଶୁଭେଚ୍ଛା। ପାଠକମାନଙ୍କ ରୁଚି ମୁତାବକ ଖବର ପ୍ରକାଶ କରି ଚର୍ଚ୍ଚାରେ ରହିଆସୁଥିବା ଧରିତ୍ରୀ ସେହିଭଳି ଚିନ୍ତାଧାରାରେ ଆଗେଇଚାଲୁ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ମନୋଜ କୁମାର ମହାପାତ୍ର
ନିର୍ଦ୍ଦେଶକ, ନନ୍ଦନକାନନ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହି ଅବସରରେ ୫ ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟବଡ଼ ଭାଇଭଉଣୀ, ଯୁବବନ୍ଧୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୫ ପଞ୍ଚାୟତର ସାମଗ୍ରିକ ସୁଖ, ସମୃଦ୍ଧି ନିମନ୍ତେ ବାବା ସୋମନାଥଙ୍କ ଚରଣରେ ପ୍ରାର୍ଥନା କରୁଛି।
ନିର୍ମଳ ରାଉତ(ମଣ୍ଟୁ)
ସାଧାରଣ ସମ୍ପାଦକ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେଡି

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକମାନଙ୍କ ସହ ରଘୁନାଥପୁର ଗ୍ରାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିପନ କୁମାର ରାଉତ
ହୋଟେଲ ହିନ୍ଦୁସ୍ଥାନୀ, ରଘୁନାଥପୁର, ନନ୍ଦନକାନନ ରୋଡ଼

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସାମଗ୍ରିକ ଉନ୍ନତି କାମନା କରୁଛି। ଏହାସହ ମେଣ୍ଢାଶାଳ ଗ୍ରାମପଞ୍ଚାୟତବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ।
କୌଶଲ୍ୟା ବଳିଆରସିଂହ
ନାରୀନେତ୍ରୀ, ମେଣ୍ଢାଶାଳ, ଚନ୍ଦକା

Your classified advertisement published in Dharitri will be listed free in Dharitri online edition : **www.dharitri.com**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅନ୍ୟଙ୍କୁ ରୋଜଗାର ଦେଇଛନ୍ତି ବନିତା

ଏମ୍‌ଭି୭୯,୫।୧୨(ଡି.ଏନ୍.ଏ.)

ଇଚ୍ଛା ଓ ଆଗ୍ରହ ଥିଲେ ଜଣେ ଯେକୌଣସି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରେ। ତା'ର ସଫଳତାକୁ କୌଣସି ପ୍ରତିବନ୍ଧକ ରୋକିପାରେ ନାହିଁ। ମାଲକାନଗିରି ଜିଲା ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଣେ ଝିଅ ନିଜ ଆଗ୍ରହ ଓ ନିଷ୍ଠା ବଳରେ ନିଜ ବାପାଙ୍କ ଶେଷ ଇଚ୍ଛା ପୂରଣ କରିପାରିଛନ୍ତି। ବାପାଙ୍କ ଇଚ୍ଛା ଥିଲା ଝିଅ ସିଲେଇ କେନ୍ଦ୍ର ଖୋଲୁ। ସେଥିରେ ତା' ପରି ଆଉ କେତେଜଣ ଝିଅ କାମ କରନ୍ତୁ। ବାପା ଉତ୍ତମ ମଣ୍ଡଳଙ୍କ ଏହି ଇଚ୍ଛାକୁ ବାପାଙ୍କ ମୃତ୍ୟୁ ପରେ ହେଲେ ମଧ୍ୟ ସାକାର କରିପାରିଛନ୍ତି ବନିତା। କାଲିମେଲା ବ୍ଲକ ନାଲାଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି – ୭୨ ଗ୍ରାମର ଉତ୍ତମଙ୍କ ଝିଅ ବନିତା ମଣ୍ଡଳ (୨୩)। ବାପାଙ୍କ ଇଚ୍ଛା ଥିଲା ଝିଅ ସ୍ୱାବଲମ୍ବୀ ହେଉ। ସେଥିପାଇଁ ସିଲେଇ ଶିକ୍ଷା ଅନୁଷ୍ଠାନଟିଏ ଖୋଲିବାକୁ ସେ ବନିତାଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିକୂଳ ପରିବେଶ ଯୋଗୁ ସେ ବାପାଙ୍କ ଜୀବିତାବସ୍ଥାରେ ସିଲେଇ ଶିକ୍ଷାକେନ୍ଦ୍ରଟିଏ ଖୋଲିପାରି ନ ଥିଲେ। ତେବେ ବାପାଙ୍କ ମୃତ୍ୟୁର ୨ବର୍ଷ ପରେ ବନିତା ତାଙ୍କ ସ୍ମୃତିରେ ନିଜ ଉଦ୍ୟମରେ ଆରମ୍ଭ କରିଛନ୍ତି ଉତ୍ତମ ସିଲେଇ କେନ୍ଦ୍ର। ଏଥିପାଇଁ ସେ ୨୫ହଜାର ଟଙ୍କା ଋଣ ଆଣି ଗୋଟିଏ ସିଲେଇ ମେଶିନରୁ ଏହି କେନ୍ଦ୍ର ଆରମ୍ଭ କରିଥିଲେ। ବର୍ତ୍ତମାନ ୩ଟି ସିଲେଇ ମେଶିନ ରଖି ନିଜ ଅନୁଷ୍ଠାନକୁ ବଢ଼ାଇବା ସହ ଗ୍ରାମର ୩ଜଣ ଯୁବତୀ ଉନ୍ନତି ସରଦାର, ଶତାବ୍ଦୀ ରାୟ ଓ ମଧୁ ବିଶ୍ୱାସଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରୁଛନ୍ତି। ସେମାନେ ପ୍ରତ୍ୟହ ସିଲେଇ କେନ୍ଦ୍ରକୁ ଆସି ଶିକ୍ଷା ଗ୍ରହଣ କରୁଥିବା କହନ୍ତି ବନିତା।

### ବାପାଙ୍କ ଶେଷ ଇଚ୍ଛା ପୂରଣ କଲେ ଝିଅ

ବାପାଙ୍କ ମୃତ୍ୟୁ ପରେ ମାଆ ଗୌରୀ ଦୁଇ ଝିଅ ଓ ଗୋଟିଏ ପୁଅକୁ କିପରି ଚଳାଇ ମଣିଷ କରିବେ ଏଇ ଚିନ୍ତାରେ ଭାଙ୍ଗିପଡ଼ିଥିଲେ। ଏହି ସମୟରେ ବାପାଙ୍କ କଥା ମନେପକାଇ ପରିବାର ପାଇଁ ଅଣ୍ଟା ଭିଡ଼ିଥିଲେ ବନିତା। ମାଲକାନଗିରି ଯାଇ ସିଲେଇ ଶିକ୍ଷା ଗ୍ରହଣ କରି ଷ୍ଟେଟବ୍ୟାଙ୍କରୁ ଋଣ ଆଣି ଆରମ୍ଭ କରିଥିଲେ ଏହି ଅନୁଷ୍ଠାନ। ଏବେ ସେ ସିଲେଇରୁ ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରି ପରିବାର ଚଳାଇବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି।


ନିଜ ସିଲେଇ ଶିକ୍ଷାକେନ୍ଦ୍ରରେ ଝିଅମାନଙ୍କ ସହ ବନିତା ମଣ୍ଡଳ (ଡାହାଣ)।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁସକୁ ମଦ;**
**ଗଞ୍ଜାଇକୁ ଘିଅଭାତ, ଅଫିମକୁ ଦୁଧ।**
ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭୋଜି ହୋଇଥିଲେ ବରଷେ**
**ଘୋଷି ହେଉଥାଇ ପୁରୁଷେ।**
ସାଧାରଣତଃ ଭୋଜି ଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ପର୍ସ ଫେରାଇଲେ ୩ ବନ୍ଧୁ



ପିପିଲି,୫।୧୨(ଡି.ଏନ୍.ଏ.): ଏବେ ବି ବଞ୍ଚିଛି ମାନବିକତା। ଜଣେ ଅବସରପ୍ରାପ୍ତ ସୈନିକଙ୍କ ହଜିଥିବା ପର୍ସ ୩ଜଣ ବନ୍ଧୁ ଫେରାଇ ଦେଇଛନ୍ତି। ଭୁବନେଶ୍ୱରର ଅବସରପ୍ରାପ୍ତ ସୈନିକ ଧନଞ୍ଜୟ ଆଚାର୍ଯ୍ୟ ରବିବାର ପୂର୍ବାହ୍ନରେ ପୁରୀ ଯିବା ବାଟରେ ପିପିଲି ବଜାରରେ ନିଜର ଟଙ୍କା ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଥିବା ଏକ ମନିପର୍ସ ହଜାଇ ଦେଇଥିଲେ। ଉକ୍ତ ସମୟରେ ସେଠାରେ ଉପସ୍ଥିତ ଥିବା ୩ଜଣ ସାଙ୍ଗ ସୋମନାଥ, ସଂଗ୍ରାମ ଏବଂ ସୌମ୍ୟରଞ୍ଜନ ପର୍ସକୁ ପାଇ ପିପିଲି ଥାନାରେ ଜିମା ଦେଇଥିଲେ। ଏଏସ୍‌ଆଇ ଆଲ୍ଲୀ ରାଣୀ ସାମଲ ପର୍ସରୁ ମୋବାଇଲ ନମ୍ବର ସଂଗ୍ରହ କରି ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିଥିଲେ। ସେ ଥାନାରେ ପହଞ୍ଚି ପର୍ସରେ ୬୩୫୦ଟଙ୍କା ଏବଂ ଅନ୍ୟାନ୍ୟ ଜରୁରୀ ଡକ୍ୟୁମେଣ୍ଟ ନେଇଥିଲେ। ଏହାପରେ ଆଚାର୍ଯ୍ୟ ଏଏସ୍‌ଆଇ ୩ବନ୍ଧୁଙ୍କୁ ଧନ୍ୟବାଦ ଦେଇଥିଲେ।

# କୂଅରୁ ପିଅନଙ୍କ ମୃତଦେହ ମିଳିବା ଘଟଣା: ୫ ଗିରଫ

କେନ୍ଦୁଝର, ୫।୧୨ (ସ୍ୱ.ପ୍ର.)

କେନ୍ଦୁଝର ପଣ୍ଡାପଡା ଥାନା ଅନ୍ତର୍ଗତ ବଡକମଣ୍ଡରା ଗ୍ରାମରେ ସ୍କୁଲ ପିଅନ ନିରଞ୍ଜନ ନାଏକଙ୍କ ମୃତଦେହ ଶନିବାର ଏକ କୂଅରୁ ମିଳିଥିଲା। ତାଙ୍କୁ ହତ୍ୟା କରି କୂଅରେ ପକାଇବା ଅଭିଯୋଗରେ ପୋଲିସ ରବିବାର ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟବନ୍ଧ ଗ୍ରାମର ଭାଗିରଥୀ ମହାନ୍ତ ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ ମହାନ୍ତ, ଲଳିତ କୁମାର ମହାନ୍ତ, ଗୋପିନାଥପୁର ଗ୍ରାମର ଦିଲୀପ କୁମାର ମହାନ୍ତ ଏବଂ ବଡନୁଆଗାଁର ଅକ୍ଷୟ ବେହେରା। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଠାରୁ ସୂଚନା ମିଳିଛି। ପ୍ରକାଶ ଥାଉ, ନିରଞ୍ଜନ ଧନୁର୍ଜୟପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପିଅନ ଥିଲେ। ଗତ ୨୮ ତାରିଖ ରାତିରେ ଡ୍ୟୁଟି କରିବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ତାଙ୍କ ସ୍ତ୍ରୀ ଦ୍ରୌପଦୀ ପଣ୍ଡାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଆଜିର ମନ୍ତବ୍ୟ

"କଶ୍ମୀରବାସୀ ନିଜ ଅଧିକାର ଫେରିପାଇବାକୁ ହେଲେ ସେମାନଙ୍କୁ ଚାଷୀଙ୍କ ଭଳି ତ୍ୟାଗ କରିବାକୁ ପଡ଼ିବ।

**-ଫାରୁକ୍ ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ପ୍ରଥମ ପୃଷ୍ଠାରୁ...

### ଆର୍ଜେଣ୍ଟିନା ...

ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ରୌପ୍ୟ, ବ୍ରୋଞ୍ଜ ଏବଂ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କୃତ ଦଳର ଖେଳାଳିଙ୍କୁ ପଦକ, ସ୍ମାରକୀ ଏବଂ ଟୋପି ପ୍ରଦାନ କରାଯାଇଥିଲା। ଫ୍ରାନ୍ସ ଦଳର ଅଧିନାୟକ ଟିମୋଥି କ୍ଲିମେଣ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବ ଶେଷରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇ ଶ୍ରେଷ୍ଠ ଦଳ ଆର୍ଜେଣ୍ଟିନା ଓ ଜର୍ମାନୀ ମଧ୍ୟରେ ମ୍ୟାଚ ଆରମ୍ଭରୁ ସ୍ୱାଭାବିକ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୦ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଲୌଟାରୋ ଡୋମେନେ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ସେ ପେନାଲ୍ଟି କର୍ନରରୁ ପୁଣି ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଆର୍ଜେଣ୍ଟିନା ଅଗ୍ରଣୀକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୬ତମ ମିନିଟରେ ଜର୍ମାନୀର ଜୁଲିଅସ ଗୋଲଟି ପରିଶୋଧ କରି ଦେଇଥିଲେ। ନିର୍ଣ୍ଣାୟକ ମ୍ୟାଚ ହୋଇଥିବାରୁ ୪ର୍ଥ ତଥା ଶେଷ କ୍ୱାର୍ଟର ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ଗୋଲ ପରିଶୋଧ ଲକ୍ଷ୍ୟରେ ଥିବା ଜର୍ମାନୀ ୪୭ତମ ମିନିଟରେ ପେନାଲ୍ଟି କର୍ନର ପାଇଥିଲା। ଏହା ମିସ୍ ହୋଇଥିଲେ ହେଁ ଆର୍ଜେଣ୍ଟିନା ଖେଳାଳିଙ୍କ ତ୍ରୁଟି ଯୋଗୁ ଜର୍ମାନୀକୁ କ୍ରମାଗତ ୩ଟି ପେନାଲ୍ଟି କର୍ନର ମିଳିଥିଲା। ଶେଷଟିକୁ ଗୋଲରେ ପରିଣତ କରି ଜର୍ମାନୀର ମାସି ପଫଣ୍ଡଟ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ମାତ୍ର ୫୦ତମ ମିନିଟରେ ଡୋମେନେ ପେନାଲ୍ଟି କର୍ନରରୁ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଫଳରେ ଆର୍ଜେଣ୍ଟିନା ପୁଣି ଅଗ୍ରଣୀ ହୋଇଥିଲା। ଜର୍ମାନୀ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମରେ ଥିବାବେଳେ ଶେଷ ମିନିଟରେ ଫ୍ରାଙ୍କୋ ଅଗଷ୍ଟିନି ଏକ ଫିଲ୍ଡ ଗୋଲ ଦେଇ ଆର୍ଜେଣ୍ଟିନା ବିଜୟକୁ ନିଶ୍ଚିତ କରି ଦେଇଥିଲେ।

### ପୁରସ୍କାର

**ଶ୍ରେଷ୍ଠ କୋଚ୍:** ଜୋହାନେସ ସ୍କିମିଜ(ଜର୍ମାନୀ)-୫୦,୦୦୦ ଟଙ୍କା
**ସର୍ବାଧିକ ଗୋଲ ଦେଇଥିବା ଦଳ:** ନେଦରଲାଣ୍ଡ୍ସ (୪୫ ଗୋଲ)
**ଶ୍ରେଷ୍ଠ ଗୋଲ ସେଭ୍:** ମହମ୍ମଦ ସଲିମ (ଇଜିପ୍ଟ)
**ଫେୟାର ପ୍ଲେ:** ଚିଲି ଦଳ
**ଫ୍ୟାନ୍ସ ଚଏସ୍ ଶ୍ରେଷ୍ଠ ଗୋଲ:** ଇଗ୍ନାସିଓ ନାର୍ଡୋଲିଲୋ(ଆର୍ଜେଣ୍ଟିନା)
**ଶ୍ରେଷ୍ଠ ଗୋଲକିପର:** ଆଣ୍ଟୋନ ବ୍ରିଙ୍କମ୍ୟାନ(ଜର୍ମାନୀ)
**ଟପ୍ ସ୍କୋରର:** ବୁକେନ୍ସ ମାଇଲ୍ସ (ନେଦରଲାଣ୍ଡ୍ସ) ୧୮ ଗୋଲ- ୧ ଲକ୍ଷ ୫୦ ହଜାର ଟଙ୍କା
**ଶ୍ରେଷ୍ଠ ଖେଳାଳି:** ଟିମୋଥି କ୍ଲିମେଣ୍ଟ (ଫ୍ରାନ୍ସ)

### ସେନା ଗୁଳିରେ ...

ଶ୍ରମିକମାନଙ୍କ ମୃତଦେହ ପାଇବା ପରେ ସୁରକ୍ଷା ବଳକୁ ଘେରିଯାଇ ପ୍ରତିବାଦ ଜଣାଇଥିଲେ। ଖବର ପାଇ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଯବାନଙ୍କ ଉପରେ ଆକ୍ରମଣ କରିବା ସହ ସେମାନଙ୍କ ଗାଡ଼ିକୁ ନିଆଁ ଲଗାଇଦେଇଥିଲେ। ଏଥିରେ ଜଣେ ଯବାନ ନିହତ ହେବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ଯବାନମାନଙ୍କ ମାଡ଼ରେ ୯ ଜଣ ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିବାବେଳେ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ନାଗାଲାଣ୍ଡ ରାଜ୍ୟପାଳ ଜଗଦୀଶ ମୁଖି ଏକ ବିବୃତରେ କହିଛନ୍ତି। ଏହା ବ୍ୟତୀତ ଗୁଳି ଚଳାଇଥିବା ଯବାନଙ୍କ ବିରୋଧରେ ସେନା ପକ୍ଷରୁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣ ଶାନ୍ତି ବଜାୟ ରଖିବାକୁ ରାଜ୍ୟପାଳ ଅନୁରୋଧ କରିଛନ୍ତି।

ଉଗ୍ରପନ୍ଥୀ ନିରୋଧୀ ଅଭିଯାନ ବେଳେ ସେନା ଗୁଳିରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦେଶରେ ସାଧାରଣ ଜନତା କିମ୍ବା ସୁରକ୍ଷା କର୍ମୀ କେହି ସୁରକ୍ଷିତ ନୁହନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କ'ଣ କରୁଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସୀମାନ୍ତ ଜିଲାରେ ଉତ୍ତେଜନା ବଢୁଥିବାବେଳେ ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଉପଯୁକ୍ତ ତଦନ୍ତ କରାଯାଇ ମୃତକମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବାକୁ ମମତା ଟୁଇଟ୍ କରିଛନ୍ତି।

### ଦେଶରେ ୨୧ ଓମିକ୍ରନ୍ ...

ଓମିକ୍ରନ୍ ଭାରିଆଣ୍ଟ ମିଳିଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ କେଉଁମାନେ ଆସିଥିଲେ, ତାହା ଖୋଜାଯାଉଛି।

#### 'ଅବହେଳା ନ କରି ସତର୍କ ରୁହ'

ଓମିକ୍ରନ୍ ପୂରା ବିଶ୍ୱର ଚିନ୍ତା ବଢାଇଥିବାବେଳେ କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ ଓ ରାଜସ୍ଥାନରେ ସଂକ୍ରମିତ ଚିହ୍ନଟ ହେଲେଣି। ତେବେ ଓଡ଼ିଶାରେ ଏଯାବତ କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବାବେଳେ ଓମିକ୍ରନର ମୁକାବିଲା ପାଇଁ କିନ୍ତୁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଓମିକ୍ରନ୍ ଆକ୍ରାନ୍ତ ଦେଶଗୁଡ଼ିକରୁ ଫେରୁଥିବା ଲୋକଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି, ବାହାର ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ତର୍ଜମା କରାଯାଉଛି। କେତେ ଲୋକ ରାଜ୍ୟକୁ ଆସୁଛନ୍ତି, ଜିଲାଗୁଡ଼ିକୁ ଜଣାଯାଉଛି। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସଙ୍ଗରୋଧରେ ରଖିବାକୁ ଜିଲାଗୁଡ଼ିକୁ ନିର୍ଦ୍ଦେଶ ରହିଛି। ଅଷ୍ଟମ ଦିନରେ ସେମାନଙ୍କ ଟେଷ୍ଟିଂ କରାଯିବ, ପଜିଟିଭ ବାହାରିଲେ, ନମୁନାର ଜିନୋମ ସିକ୍ୱେନ୍ସିଂ ମଧ୍ୟ କରାଯିବ। ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏପର୍ଯ୍ୟନ୍ତ ଆମ ରାଜ୍ୟରେ କୌଣସି ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଯେହେତୁ ଅନ୍ୟ ରାଜ୍ୟରେ ଓମିକ୍ରନ ଥିବା ଜଣାପଡ଼ିଛି, ଆମକୁ ସତର୍କ ରହିବାକୁ ପଡ଼ିବ। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁମାନେ ଅନ୍ୟ ରାଷ୍ଟ୍ରରୁ ଆସୁଛନ୍ତି ଓ ଗାଁ ଗଣ୍ଡାରେ ପହଞ୍ଚୁଛନ୍ତି, ସେଠାକାର ସ୍ଥାନୀୟ ଲୋକମାନେ ସେମାନଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନକୁ ଜଣାନ୍ତୁ। ସେମାନଙ୍କୁ ସଙ୍ଗରୋଧରେ ରହିବାକୁ ନିବେଦନ କରାଯାଉଛି। ଅତିକମ୍‌ରେ ୭ ଦିନ ସଙ୍ଗରୋଧ ଓ ଆଉ ୭ଦିନ ନିଜସ୍ୱ ନୀରିକ୍ଷଣରେ ରୁହନ୍ତୁ। ଏହି ୧୪ ଦିନ ଭିତରେ କିଛି ଲକ୍ଷଣ ଦେଖାଗଲେ, ଟେଷ୍ଟ କରାନ୍ତୁ। ଟେଷ୍ଟ ପଜିଟିଭ ଆସିଲେ, ଜିନୋମ ସିକ୍ୱେନ୍ସିଂ କଲେ, ଓମିକ୍ରନ୍ ଅଛି ନା ନାହିଁ ଜଣା ପଡ଼ିବ। ବିଦେଶରୁ ରାଜ୍ୟକୁ କେତେ ଲୋକ ଆସୁଛନ୍ତି, ପ୍ରତିଦିନ କେନ୍ଦ୍ର ସରକାରଙ୍କଠାରୁ ତଥ୍ୟ ଅଣାଯାଉଛି। ନଭେମ୍ବର ୨୪ ପରଠାରୁ ଅଳ୍ପ ଦିନ ଭିତରେ ଓମିକ୍ରନ୍ ୩୬ ରାଷ୍ଟ୍ରକୁ ବ୍ୟାପିଗଲାଣି। କିନ୍ତୁ ଯେଉଁ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ଅଛି, ତାହା ରୋଗ ଅଧିକ କରୁଥିବା, ଗୁରୁତର ହେବା କିମ୍ବା ମୃତ୍ୟୁ ହେଉଥିବା ନେଇ କୌଣସି ତଥ୍ୟ ନାହିଁ। ଓମିକ୍ରନ୍ ସଂକ୍ରମଣରେ ଟିକା କାମ କରୁଛି କି ନାହିଁ, ସେ ନେଇ ବି ତଥ୍ୟ ନାହିଁ। ତେବେ ଆତଙ୍କିତ ନ ହୋଇ ଟିକାକରଣ ଜାରି ରଖିବା ସହ କୋଭିଡ୍ ଅନୁରୂପ ନିୟମ ମାନିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି ସାହାଯ୍ୟ ମାଗୁଥିବା ଲୋକଟିର ଇଚ୍ଛା ପୂରଣ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରିକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ:** ଆତ୍ମୀୟଙ୍କ ସହଯୋଗ ଲାଭ କରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। କିନ୍ତୁ କର୍ମକ୍ଷେତ୍ରରେ ଶତ୍ରୁତା କରୁଥିବା ସହକର୍ମୀଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ।

**ମିଥୁନ:** ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସାବଲୀଳ କରିବାରେ ସହାୟକ ହେବ। ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ:** ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସତର୍କତା ଅବଲମ୍ବନ କରିବା ଭଲ ହେବ। ଅଜଣା ବ୍ୟକ୍ତିଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇନପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ସୃଷ୍ଟି ହେବା ସମ୍ଭାବନା ରହିଛି।

**ସିଂହ:** ପରିବାରରେ ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିବେ। ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇପାରନ୍ତି।

**କନ୍ୟା:** ସଙ୍କଟଜନକ ପରିସ୍ଥିତିରେ ପଡ଼ି କ'ଣ କରିବେ ଠିକ୍ କରିପାରିବେ ନାହିଁ। ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି; କିନ୍ତୁ ପଚାରି ମଧ୍ୟ ବୁଝିପାରିବେ ନାହିଁ। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟରଜନିତ ଚିନ୍ତା ଆସିବ। ସନ୍ତାନଙ୍କ ସୁଖବର ପାଇ ଖୁସି ହେବେ।

**ତୁଳା:** ଯାତ୍ରା ସମୟରେ ବିଭ୍ରାନ୍ତିକର ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ଅବଶ୍ୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ବିଶେଷ କିଛି ଅସୁବିଧା ରହିବ ନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହେବାର ସମ୍ଭାବନା ଅଛି।

**ବିଛା:** ସମସ୍ୟା ଓ ପ୍ରତିବନ୍ଧକ ହେତୁ ନୂଆ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ହାତେ ମାପି ଚାଖଣ୍ଡେ ଚାଲିଲେ ଚେଷ୍ଟା ସଫଳ ହେବାର ସମ୍ଭାବନା ମିଳିପାରେ। ଅର୍ଥ ସମ୍ପର୍କୀୟ କାମରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରର ଘଟଣାଗୁଡ଼ାକ ଅସାଧାରଣ ମନେ ହେବ। ବନ୍ଧୁ ସୁଖବର ଦେଇପାରନ୍ତି।

**ଧନୁ:** ଆଶାନୁରୂପକ ସଫଳତା ହାସଲରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ଅନ୍ୟଥା ଅନୁତାପ କରିବାକୁ ପଡିପାରେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ସବୁଠାରୁ ଶ୍ରେୟସ୍କର ହେବ।

**ମକର:** ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ, ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ:** ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ। ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ:** ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

## classifieds Everyday
0674-2580101, 2549302

real estate

**SALE**

A 3BHK duplex with Car Parking near Brahmanajharilo Chhak, Fulnakhara, Cuttack-754001, land-1200sqft., built up area-1700sqft. for sale. Rate Rs.- 45,00,000/- (Rs Forty Five Lakh only) negotiable. Mob. No.- 9437005878, 9437000078. D-22467

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner-9090963952. D-71746

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710. D-71740

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117. D-71741

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି। 8327785834, 9658122456. D-71731

Complete Boundary wall, 30'' blacktop Road. Electricity Fully Developed plots Near Hanspal, N.H-16. 7978069616, 9439485255. D-22462

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

Furnished Office space at Twincity Tower NH-5, Opposite Bharat Motors, Pahala. 675sqft. @ 27,000/-, broker excuse. Conatct: 9040337729, 7978066274. D-71448

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

healthcare

Newly open SPA Offer Price @ 699/-, positively health benefits. 7846814019. D-71444

Refreshing your mind and body with the best therapy. 7873794731. D-71913

Newly open SPA Offer Price @ 599/-, positively health benefits. 8455987557. D-71445

Newly open SPA positively health benefit with expert. Contact: 7749976301. D-71914

# କେଜ୍‌ରିୱାଲଙ୍କ ଘର ଆଗରେ ସିଦ୍ଧୁଙ୍କ ଧାରଣା

■ ସିଦ୍ଧୁଙ୍କ ଯେସାକୁ ତେସା ନୀତି
■ ଶିକ୍ଷକଙ୍କ ସହ ବସିଲେ

ନୂଆଦିଲ୍ଲୀ, ୫।୧୨

ଚାକିରିର ନିୟମିତକରଣ ଦାବି କରି ଦିଲ୍ଲୀର ଠିକା ଶିକ୍ଷକମାନେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସିଭିଲ ଲାଇନସ୍ଥିତ ବାସଭବନ ଆଗରେ ଧାରଣାରେ ବସିଥିବାବେଳେ ରବିବାର ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ସେମାନଙ୍କ ସହ ସାମିଲ ହୋଇଛନ୍ତି। ଗତମାସରେ ପଞ୍ଜାବର ମୋହାଲିଠାରେ ଠିକା ଶିକ୍ଷକମାନଙ୍କ ବିକ୍ଷୋଭକୁ ସମର୍ଥନ କରି କେଜରିୱାଲ ସେମାନଙ୍କ ସହ ଯୋଗ ଦେଇଥିଲେ। ଯେସାକୁ ତେସା ନୀତିରେ ସିଦ୍ଧୁ କେଜରିୱାଲ୍‌ଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

ବିଧାନସଭା ନିର୍ବାଚନ ହେବାକୁ ଥିବା ପଞ୍ଜାବକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ କେଜରିୱାଲ ବାରମ୍ବାର ଗସ୍ତ କରିବା ସହ ଶିକ୍ଷକଙ୍କ ସମେତ ସମାଜର ବିଭିନ୍ନ ବର୍ଗଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ଏଏପି ପଞ୍ଜାବରେ କ୍ଷମତାକୁ ଆସିଲେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବା ସହ ଠିକା ଶିକ୍ଷକମାନଙ୍କୁ ନିୟମିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ। ଦିଲ୍ଲୀ ସରକାର ନିଜ ରାଜ୍ୟରେ ଠିକା ଶିକ୍ଷକଙ୍କୁ ନିୟମିତ କରିପାରୁ ନ ଥିବାବେଳେ ପଞ୍ଜାବରେ ନିୟମିତ କରିବାର ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ବୋଲି ସିଦ୍ଧୁ କହିଛନ୍ତି। ଦିଲ୍ଲୀ ସରକାରଙ୍କର ୧୦୩୧ ସ୍କୁଲ ଥିବାବେଳେ ମାତ୍ର ୧୯୬ଟିରେ ପ୍ରିନ୍ସିପାଲ ଅଛନ୍ତି। ୪୫ ପ୍ରତିଶତ ଶିକ୍ଷକ ପଦବୀ ଖାଲିପଡ଼ିଛି। ୨୨,୦୦୦ ଠିକା ଶିକ୍ଷକରେ ସ୍କୁଲ ଚାଲିଛି ବୋଲି ସିଦ୍ଧୁ ଅଭିଯୋଗ କରିଥିଲେ।


ନବଜ୍ୟୋତ ସିଂ ସିଦ୍ଧୁ ଦିଲ୍ଲୀର ଠିକା ଶିକ୍ଷକଙ୍କ ସହ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

# କଂଗ୍ରେସ ବିନା ବିରୋଧୀ ମେଣ୍ଟ ଅସମ୍ଭବ: ବଘେଲ

ନୂଆଦିଲ୍ଲୀ, ୫।୧୨

କଂଗ୍ରେସ ବିନା ଜାତୀୟ ସ୍ତରରେ ମେଣ୍ଟ ଗଠନ ସମ୍ଭବ ନୁହେଁ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରବିବାର କହିଛନ୍ତି। କିଛିଦିନ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀ ଦେଶରେ ମିଳିତ ପ୍ରଗତିଶୀଳ ମେଣ୍ଟ (ଉପା) ନ ଥିବା କଥା କହିଥିଲେ। ବଘେଲ ତାଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସିକୁ ମମତା ମୁଖ୍ୟ ବିରୋଧୀ ଦଳ କରିବାକୁ ଚାହୁଁଥିଲେ ସ୍ପଷ୍ଟ କରନ୍ତୁ। ମୁଖ୍ୟ ବିରୋଧୀ ଦଳର ପରିଚୟ ପାଇବାକୁ ହେଲେ କ୍ଷମତାରେ ଥିବା ଦଳ ବିରୋଧରେ ଲଢ଼ିବାକୁ ପଡ଼ିବ, ବିରୋଧୀଦଳଗୁଡ଼ିକ ସହ ନୁହେଁ ବୋଲି ବଘେଲ କହିଛନ୍ତି। ଭାଜପାକୁ ମାତ୍ ଦେବାରେ କଂଗ୍ରେସ ମୁଖ୍ୟ ସ୍ତମ୍ଭ ହୋଇଆସିଛି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାଜିତ କରିବା ପାଇଁ କାହାକୁ ବିରୋଧୀ ଦଳର ନେତୃତ୍ୱ ଦିଆଯିବ, ସେ ନିଷ୍ପତ୍ତି ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ ଉପାର ସହଯୋଗୀ ଦଳମାନେ ମିଳିତ ଭାବେ ନେବେ।

ସୂଚନାଯୋଗ୍ୟ, ମହାରାଷ୍ଟ୍ର ଗସ୍ତରେ ଯାଇଥିବା ମମତା ବାନାର୍ଜୀ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ସହ ବୈଠକରେ ସାମିଲ ହେବା ପରେ ଦେଶରେ କଂଗ୍ରେସ ନେତୃତ୍ୱାଧୀନ ଉପା ନ ଥିବା କଥା କହିଥିଲେ।


ଭୂପେଶ ବଘେଲ

# ଆଦିବାସୀଙ୍କ ବିକାଶରେ ବିଜେଡି ବାଧକ: ଭାଜପା

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଆଦିବାସୀଙ୍କ ବିକାଶରେ ଶାସକ ବିଜେଡି ବାଧକ ସାଜିଛି। ରାଜ୍ୟର ପ୍ରତି ୩ ଜଣରେ ଜଣେ ଗରିବ । ନୀତି ଆୟୋଗଙ୍କ ରିପୋର୍ଟ ରାଜ୍ୟର ଦାରିଦ୍ର୍ୟ ଏବଂ ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତିକୁ ପଦାରେ ପକାଇଛି। ଦୀର୍ଘ ୨୨ ବର୍ଷ ଶାସନ ପରେ ମଧ୍ୟ ରାଜ୍ୟରେ ଗରିବୀ ନ ହଟିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଭାଜପା ସମାଲୋଚନା କରିଛି। ଭାଜପା ରାଜ୍ୟ ମୁଖ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ରବି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଶେଷଭାବେ ରାଜ୍ୟର ଆଦିବାସୀବହୁଳ ଜିଲାଗୁଡ଼ିକର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ନବରଙ୍ଗପୁର ଜିଲାରେ ୫୯.୩୨, ମାଲକାନଗିରି ଜିଲାରେ ୫୮.୭୧, କୋରାପୁଟ ୫୧.୧୪, ରାୟଗଡ଼ା ୪୮.୧୪, କଳାହାଣ୍ଡି ୪୭.୨୮, ମୟୂରଭଞ୍ଜ ୪୪.୯ ଏବଂ କନ୍ଧମାଳରେ ୪୪.୭ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ନୀତି ଆୟୋଗ ରିପୋର୍ଟରେ ପ୍ରଘଟ ହୋଇଛି । ବର୍ତ୍ତମାନ ମଧ୍ୟ ରାଜ୍ୟର ଆଦିବାସୀବହୁଳ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟ, ଶିକ୍ଷାର ମୌଳିକ ଭିତ୍ତିଭୂମି ଅଭାବ ରହିଛି। ଏହା ବିରୋଧରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଛନ୍ତି । ଆଦିବାସୀଙ୍କ କଲ୍ୟାଣ ପାଇଁ ଗତ ୪ ବର୍ଷରେ ୪୭,୨୨୯ କୋଟି ଟଙ୍କା କେନ୍ଦ୍ରରୁ ଆସିଥିବାବେଳେ ୫୫୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୟୁସି ରାଜ୍ୟ ସରକାର ଦେଇନାହାନ୍ତି। ସେହିପରି ଅନ୍ୟ ଏକ ଯୋଜନାରେ ଗତ ୩ ବର୍ଷରେ କେନ୍ଦ୍ରୀୟ ଅନୁଦାନ ୪୨,୮୬୪ କୋଟି ଟଙ୍କାରୁ ୭୦୯୬ କୋଟି ଟଙ୍କାର ୟୁସି ରାଜ୍ୟ ସରକାର ଦେଇନାହାନ୍ତି। ଏହା ରାଜ୍ୟ ସରକାରଙ୍କ ଅବହେଳାକୁ ଦର୍ଶାଉଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ କହିଛନ୍ତି। ସବୁ ପ୍ରସଙ୍ଗକୁ ନେଇ ଭାଜପା ଆଦିବାସୀଙ୍କ ନିକଟକୁ ଯିବ ଏବଂ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ଓ ଅନ୍ୟମାନେ।

## ବିଧାନସଭା ସମାଚାର

# ରାଜ୍ୟରେ ଚାଲୁଛି ୪୯ ଶୀତଳଭଣ୍ଡାର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟରେ ସମୁଦାୟ ୧୩୧ଟି ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି। ସେଥିରୁ ୨ଟି ଶୀତଳ ଭଣ୍ଡାର ଆଳୁ ମିଶନ ଅଧୀନରେ ହୋଇଛି। ଆଳୁ ମିଶନ ବାବଦରେ ୩୦୨ ଲକ୍ଷ ଟଙ୍କା ଅର୍ଥ ବ୍ୟୟ ହୋଇଛି। ଏତଦ୍ ବ୍ୟତୀତ ବିଦ୍ୟୁତ୍ ଶୁଳ୍କ ରିହାତି ବାବଦରେ ୯୩.୭୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟର ୩୦ ଜିଲାରେ ଆଳୁ ମିଶନ ପୂର୍ବରୁ ମୋଟ ୨.୬୯ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଥିଲା। ସେହିପରି ଆଳୁ ମିଶନ ସମୟରେ ସାମାନ୍ୟ ଅଧିକ ଉତ୍ପାଦନ ହୋଇଥିଲେ ମଧ୍ୟ ଏତେଟା ଉତ୍ସାହଜନକ ନ ଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ ୨.୭୯ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଥିଲା। ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୩.୦୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦିତ ହୋଇଥିଲା। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ୨.୯୮ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି। ଆଳୁ ମିଶନ ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ମୋ ୨.୯୦ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨.୯୫ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ ୩.୧୦ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ବିଧାୟକ ମୋହନ ଚରଣ ମାଝୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୪୯ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ଅଛି। ଏବେ ୮୨ଟି ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ଅଛି। ଅଚଳ ଅବସ୍ଥାରେ ଥିବା ଶୀତଳଭଣ୍ଡାରକୁ ସଚଳ କରିବା ପାଇଁ ଏହାର ସମ୍ଭାବ୍ୟତା, କରଣୀୟତା ଓ ସାଧନଯୋଗ୍ୟତାକୁ ବିଚାରକୁ ନେଇ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶୀତଳବଣ୍ଡାର ଗୁଡିକର ପୂର୍ଣ୍ଣ କ୍ଷମତା ଉପଯୋଗ ସମ୍ପୂର୍ଣ୍ଣ ଭାବେ ଉଦ୍ୟଗୀମାନଙ୍କ ଦାୟିତ୍ୱ ଅଟେ। ମାତ୍ର ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଶୀତଳ ଭଣ୍ଡାର ପାଇଁ ୩ ବର୍ଷ ଯଥା ୨୦୨୧-୨୨, ୨୦୨୨-୨୩ ଏବଂ ୨୦୨୩-୨୪ ପର୍ଯ୍ୟନ୍ତ ୫୦ ପ୍ରତିଶତ ହାରରେ ବିଦ୍ୟୁତ୍ ଶୁଳ୍କ ଉପରେ ରିହାତି ପ୍ରଦାନ କରାଯାଉଛି। ରାଜ୍ୟରେ ଆଳୁ ଓ ଆଳୁ ବିହନ ଉତ୍ପାଦନ ବୃଦ୍ଧି ଓ ରାଜ୍ୟକୁ ସ୍ୱାବଲମ୍ବି କରିବା ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା ୫୮ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ଆଳୁ ଓ ଆଳୁ ବିହନ ଉତ୍ପାଦନ ବୃଦ୍ଧି, ରାଜ୍ୟକୁ ସ୍ୱଳ୍ପ ଓ ବ୍ୟୟ ଉପଯୋଗୀ ମୂଲ୍ୟରେ ଆଳୁ ବିହନ ଚାଷୀଙ୍କୁ ଯୋଗାଇଦେବା, ପ୍ରୟୋଗଶାଳାରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଆଳୁ ବିହନ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ଲାଗି ଘରୋଇ ସଂସ୍ଥା ଆନ୍ତର୍ଜାତୀୟ ଆଳୁ କେନ୍ଦ୍ର(ସିଆଇପି)କୁ ପ୍ରୋତ୍ସାହନ ଦିଆଯାଉଛି। ସେହିପରି ବିଧାୟକ ପ୍ରଶାନ୍ତ ବେହେରା ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟର ୨୮୨ଟି ବ୍ଲକରେ କୌଣସି ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇନାହିଁ। ରାଜ୍ୟର ୩୨ ବ୍ଲକରେ ସମୁଦାୟ ୪୯ଟି ଶୀତଳଭଣ୍ଡାର ସଚଳ ଅବସ୍ଥାରେ ଅଛି।

# ୧୮୬ ଓଏସ୍‌ଆରଟିସି ବସ୍ ଅଚଳ, ଭୁବନେଶ୍ୱରରେ ସର୍ବାଧିକ ୨୪

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ରାଜ୍ୟରେ ଯାତ୍ରୀମାନଙ୍କ ସହଯୋଗ ଗମନାଗମନ ଲାଗି ଗଢୁଥିବା ସରକାରୀ ବସ୍ ମଧ୍ୟରୁ ୧୮୬ଟି ଅସ୍ଥାୟୀ ଅଚଳ ହୋଇଯାଇଛି। ସେଥିମଧ୍ୟରୁ ନଭେମ୍ବର ୨୦୨୧ ସୁଦ୍ଧା ମିଳିଥିବା ତଥ୍ୟ ମୁତାବକ, ସ୍ମାର୍ଟସିଟି ଭୁବନେଶ୍ୱର ସବୁଠାରୁ ଖରାପ ଅବସ୍ଥାରେ ରହିଛି। ଭୁବନେଶ୍ୱରରେ ସର୍ବାଧିକ ଓଏସ୍‌ଆର୍‌ଟିସିର ୨୪ଟି ବସ୍ ଅଚଳ ହୋଇଯାଇଛି। ନବରଙ୍ଗପୁର ଓ ପାରଳାଖେମୁଣ୍ଡିରେ ସବୁ ଓଏସ୍‌ଆର୍‌ଟିସି ବସ୍ ସଚଳ ଥିବାବେଳେ ଅନ୍ୟ ସବୁ ଜିଲାରେ ସ୍ଥିତି ଭିନ୍ନ ରହିଛି। ସେହିପରି ଭୁବନେଶ୍ୱର ପରେ ଦ୍ୱିତୀୟରେ କଟକ ରହିଛି। କଟକରେ ବର୍ତ୍ତମାନ ମଧ୍ୟ ୨୩ଟି ବସ୍ ଅଚଳ ଥିବାବେଳେ ସମ୍ବଲପୁର ୨୦, ଅନୁଗୋଳ ୧୧, ବଲାଙ୍ଗୀର ୧୧, ବ୍ରହ୍ମପୁର ୧୦, ଭଞ୍ଜନଗର ୬, କେନ୍ଦୁଝର ୯, ବରଗଡ ୯, ମାଳତିପାଟପୁର ୮, ଦେଓଗଡ ୧, ସୁନ୍ଦରଗଡ ୧, ନୂଆପଡା ୧, ରାୟଗଡା ୨, ଫୁଲବାଣୀ ୫, ମାଲକାନାଗିରି ୧, ବିଜୟନଗରମ ୭, ରାଉରକେଲା ୮, ପଦ୍ମପୁର ୨, ଭବାନିପାଟଣା ୬ ଏବଂ ଜୟପୁର ୨୧ଟି ଓଏସ୍‌ଆର୍‌ଟିସି ବସ୍ ଅଚଳ ହୋଇପଡିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତି ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି।

# ନିର୍ଦ୍ଧାରିତ ସମୟରେ ସରିନି ୨୨୩ ପ୍ରକଳ୍ପ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ମଧ୍ୟରୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ୨୨୩ଟି ନିର୍ମାଣ ହୋଇପାରିନାହିଁ। ତନ୍ମଧ୍ୟରୁ ୧୪ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୧୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ୭୭ଟି ମେଗାଲିଫ୍ଟ ପ୍ରକଳ୍ପ ରହିଛି। ଜମି ଅଧିଗ୍ରହଣ, ପୂନର୍ବାସ ଓ ଥଇଥାନ, ଜଙ୍ଗଲ ଜମି ମଞ୍ଜୁରୀ ପରିବେଶ ମଞ୍ଜୁରୀ, ଅଦାଲତରେ ମକଦ୍ଦମା ବିଚାରଧୀନ ଥିବାରୁ ଏବଂ କୋଭିଡ-୧୯ ପାଇଁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ଲାଗି ଏହିସବୁ ପ୍ରକଳ୍ପ କାମ ଅଟକି ରହିଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ବିଧାନସଭାରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଯୋଗୁ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକରେ ୧୬,୯୮୯.୬୭ କୋଟି ଟଙ୍କା ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରେ ମୋଟ ୯୨.୬୧ କୋଟି ଟଙ୍କା ମୂଲ୍ୟ ବୃଦ୍ଧି ହୋଇଛି। କିନ୍ତୁ ମେଗାଲିଫ୍ଟ ପ୍ରକଳ୍ପ ଏବଂ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣରେ ବିଳମ୍ବଜନିତ ବ୍ୟୟ ଅଟକଳ ବୃଦ୍ଧି ହୋଇନାହିଁ।


## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

By E-Mail/ e-Despatch
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
"e" Procurement Notice for Road Work
Identification No.- Online Tender- Road N.C.B. No. 308 for 2021-22
Letter No.4200 / Date: 03.12.2021

No.O-1211:- 1. Name of the work: PMGSY Road Work. 2. Total No. of work: 02 Nos. 3. Estimated cost: Rs.211.58 lakhs to Rs.217.64 lakhs (Approximately). 4. Eligible class of contractor: 'B' & 'A' Class (of Odisha P.W.D.) or relevant class of other licencing authorities (as per annexure). 5. Period of completion: 9 calendar months. 6. Othere details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 308 | Dt.06.12.2021 at 11.00 A.M. | Dt.21.12.2021 upto 5.00 P.M. | Dt.20.12.2021 upto 5.00 P.M. | Dt.22.12.2021 at 11.00 A.M. | Will be intimated later |

Further details can be seen from the website: www.pmgsytenders.gov.in
OIPR-25105/11/0026/2122
Sd./- Chief Construction Engineer, R.W. Circle, Balasore



NATION TAX MARKET
COMMISSIONERATE OF CT & GST (Under Finance Department, GOVERNMENT OF ODISHA)
No.S-29

## ଧ୍ୟାନ ଦିଅନ୍ତୁ

### ଓଡ଼ିଶାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦ୍ରବ୍ୟ ଓ ସେବା କର ତଥା ବୃତ୍ତିଗତ କର ଅଧୀନରେ ପଞ୍ଜୀକରଣ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କର ସର୍ଭେ

- ରାଜ୍ୟରେ ବ୍ୟବସାୟ ଚଳାଉଥିବା, କିନ୍ତୁ ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ନିୟମ ଅନୁଯାୟୀ ପଞ୍ଜୀକରଣ ହୋଇ ନ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ଓଡ଼ିଶାର ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ସଂସ୍ଥା ତରଫରୁ ଏକ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି।
- ପଞ୍ଜୀକୃତ ଟିକସଦାତାମାନେ ଅନେକ ସୁବିଧା ସୁଯୋଗ ପାଇପାରିବେ ଯଥା- ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍ ପାଇବା ବା ହସ୍ତାନ୍ତର କରିବା, ଇ-ୱେ ବିଲ୍ ବ୍ୟବହାର କରିବା ଇତ୍ୟାଦି ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ କରିବା ପାଇଁ ଯୋଗ୍ୟ ହୋଇସାରିଥିବା ସତ୍ତ୍ୱେ ବିନା ପଞ୍ଜୀକରଣରେ ବ୍ୟବସାୟ ଚଳାଇବା ବେଆଇନ ଅଟେ ଏବଂ ସମ୍ପୃକ୍ତ ଆଇନ ଅନୁଯାୟୀ ଜରିମାନା ଦେବାକୁ ପଡିବ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା ଏବଂ ଏକ ସରଳ ଅନ୍‌ଲାଇନ ପ୍ରକ୍ରିୟା ।

Help Desk: 1800-345-6753 (Toll Free)
email: ctdho@odishatax.gov.in
Commissioner of CT & GST
Government of Odisha, Cuttack
OIPR-05032/11/0001/2122



## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
OPTCL Lifeline of Odisha
CAD-2158 CIN:U40102OR2004SGC007553

### EXPRESSION OF INTEREST (EOI)

OPTCL invites expression of interest from reputed/ experienced persons/firm for 3rd party Quality Audit for ongoing power transmission projects in the State of Odisha. The Audit shall be carried out in accordance with the technical specifications/standards adopted by reputed Power Transmission Company across India or abroad. The Firm may also suggest the adoption of technical innovation in construction activities of Extra High Voltage Power Transmission Project. The Firm shall physically visit the various construction sites and list out the general observations on quality and workmanship.

The proposal along with standard terms & conditions for 3rd party quality audit may be sent along with EOI to the Director (Projects), OPTCL Hqrs. Office, Janapath, Bhoinagar-751022, Bhubaneswar, Dist: Khurda (Odisha). Last date for submission is 20th December, 2021.

HIPR-34/2021-22 OIPR-04011/11/0107/2122 S/d- Director (Projects)



## ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, କନ୍ଧମାଳ, ଫୁଲବାଣୀ

- ଫୋକସ୍ ଏରିଆ ବିକାଶ ପ୍ରକଳ୍ପ (FADP) ଓ ମିଶନ ଜୀବିକା ଓଡ଼ିଶା ସରକାରଙ୍କର ଏକ ନୂତନ ଯୋଜନା । ଏହି ଯୋଜନା ମାଧ୍ୟମରେ ଜନଜାତିମାନଙ୍କର ଚିରସ୍ଥାୟୀ ଜୀବନ ଜୀବିକାର ବିକାଶ ନିମନ୍ତେ ୱାଡି, କୃଷି ଓ ପନିପରିବା ଚାଷ, କୁକୁଡ଼ା ପାଳନ, ମାଛ ଚାଷ, ମହୁ ଚାଷ ଏପରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
- ଆଇ.ଟି.ଡି.ଏ., ଫୁଲବାଣୀ ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ଓଡ଼ିଶା ଜନଜାତି ଜଙ୍ଗଲ ଜମି ବିକାଶ ଯୋଜନା ଜଙ୍ଗଲ ଅଧିକାର ଆଇନ୍-୨୦୦୬ ଦ୍ୱାରା ପରିଚାଳନା କରାଯାଉଛି । ୫୭,୮୧୮ ଜନଜାତି ବ୍ୟକ୍ତିବିଶେଷଙ୍କୁ ଜଙ୍ଗଲ ଜମି ଅଧିକାର ଦିଆଯାଇଛି । ପୁନଶ୍ଚ ୨୨୨୧ ରାଜସ୍ୱ ଗ୍ରାମକୁ ଜଙ୍ଗଲ ଅଧିକାର ନିୟମ ଅନୁସାରେ ଗୋଷ୍ଠୀଗତ ଅଧିକାର ଦିଆଯାଇଛି ।
- ଆଇ.ଟି.ଡି.ଏ., ଫୁଲବାଣୀ ଦ୍ୱାରା ୪୬ ଗୋଟି ଏକଶତ ବିଶିଷ୍ଟ ଜନଜାତି ବାଳିକାଙ୍କ ପାଇଁ 'ଛାତ୍ରୀ ନିବାସ' ନିର୍ମାଣ କରାଯାଇଛି । ସେହିପରି ୫ ଗୋଟି ୨ ଶତ ବିଶିଷ୍ଟ ହଷ୍ଟେଲ କମ୍ପ୍ଲେକ୍ସ, ୬ ଗୋଟି ୧ ଶତ ବିଶିଷ୍ଟ ହଷ୍ଟେଲ, ଜଗଜୀବନରାମ ଛାତ୍ରାବାସ ଯୋଜନା ଏବଂ ୨ ଗୋଟି ଆଶ୍ରମ ହାଇସ୍କୁଲ ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ଅତିରିକ୍ତ ଶ୍ରେଣୀ ଗୃହ, ଷ୍ଟାଫ୍ ଗୃହ ପାଚେରି ନିର୍ମାଣ, ପିଇବା ପାଣି, ବିଦ୍ୟୁତୀକରଣ, ଚେକ୍ ଡ୍ୟାମ୍, କଲଭର୍ଟ ନିର୍ମାଣ, ଜଳସେଚନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ୯୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ (SHG)ମାନଙ୍କୁ କୁକୁଡ଼ା ପାଳନ ନିମନ୍ତେ ତାଲିମ ପ୍ରଦାନ, ମାଛଚାଷ ଓ ଜନଜାତି ଚାଷୀମାନଙ୍କୁ ଡିଜେଲ ପମ୍ପ ସେଟ୍ କିଣିବା ପାଇଁ ସହାୟତା, ହଳଦୀ, ଆଳୁ, ମକା ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି ।
- ଜନଜାତି ବର୍ଗର ଯୁବକ / ଯୁବତୀଙ୍କ ଆତ୍ମନିର୍ଭରଶୀଳ ପାଇଁ ସିଲେଇ, କମ୍ପ୍ୟୁଟର ପ୍ରଶିକ୍ଷଣ, ମୋବାଇଲ ରିପେୟାରିଙ୍ଗ୍, ଯାନବାହନ ଚାଳନା ତାଲିମ ଭଳି ବିଭିନ୍ନ ତାଲିମ ଦେବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ସ୍ୱା./- ପ୍ରକଳ୍ପ ପ୍ରଶାସକ,
ଜନଜାତି ଉନ୍ନୟନ ସଂସ୍ଥା, ଫୁଲବାଣୀ



## ପ୍ରଗତି ପଥେ ଝରିଗାଁ ପଞ୍ଚାୟତ ସମିତି
## ଜିଲ୍ଲା: ନବରଙ୍ଗପୁର

Rural Housing Scheme

| Sl. No. | Scheme | Target | Achievement | % |
|---|---|---|---|---|
| 1 | PMAY | 13649 | 12359 | 90.55 |
| 2 | BPGY | 315 | 280 | 88.89 |
| 3 | NSPGY | 197 | 159 | 80.71 |
| 4 | Total | 14161 | 12798 | 90.37 |

Development Scheme

| Sl. No. | Scheme | Total Project Sanctioned | Completed | Under Progress |
|---|---|---|---|---|
| 1 | Mission Shakti Gruha | 11 | 11 | 0 |
| 2 | Multi Utility Centre | 2 | 2 | 0 |
| 3 | Health & Wellness Centre | 5 | 5 | 0 |

MGNREGES

| Sl. No. | Total Project | Completed | Balance | % |
|---|---|---|---|---|
| 1 | 22212 | 17479 | 4733 | 78.69 |

MGNREGES Physical Progress

| Sl. No. | Target | Achieved | 100 days completed House Hold | % |
|---|---|---|---|---|
| 1 | 1403109 | 984241 | 3370 | 70.99 |

MGNREGES Financial Progress

| Sl. No. | Target | Achieved | % |
|---|---|---|---|
| 1 | 4672.08 (In Lakhs) | 2267.25 (In Lakhs) | 48.52 |

Civil Supply Section

| Sl. No. | Scheme | Target | Achievement | % |
|---|---|---|---|---|
| 1 | NFSA | 37908 | 37908 | 100 |
| 2 | SFSS | 485 | 485 | 100 |

Social Security Section

| Sl. No. | Scheme | Target | Achievement | % |
|---|---|---|---|---|
| 1 | NSAP | 8005 | 8005 | 100 |
| 2 | MBPY | 8852 | 8852 | 100 |
| 3 | NFBS | 45 | 45 | 100 |
| 4 | Banishree Scholarship | 38 | 38 | 100 |
| 5 | DRI Loan | 7 | 7 | 100 |

ଅଧ୍ୟକ୍ଷା, ପଞ୍ଚାୟତ ସମିତି, ଝରିଗାଁ
ଉପାଧ୍ୟକ୍ଷା, ପଞ୍ଚାୟତ ସମିତି, ଝରିଗାଁ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତ, ଝରିଗାଁ



## e-Procurement Notice for Road Works Identification No. 16/EERW/BLS/2021-22

No.O-1195:- 1. Name of the work: Roads. 2. Total No. of works: 15 Nos. 3. Estimated cost : Estimated cost Rs.4.42 lakh to Rs.17.68 lakh. 4. Class of contractor: 'D' & 'C'. 5. Time of completion: 1 month (One calendar month). 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 16/EERW/BLS/ 2021-22 | 07.12.2021 at 11.00 A.M. | 13.12.2021 upto 5.00 P.M. | 13.12.2021 upto 1.00 P.M. | 14.12.2021 at 10.00 A.M. |

Further details can be seen from the website- www.tendersodisha.gov.in.
Sd./- Superintending Engineer, R.W. Division, Balasore
OIPR-25108/11/0013/2122



## INVITATION FOR BIDS(IFB) PANCHAYAT SAMITI,ODAGAON

Tender Call Notice No. 01/2021-22
No.4588 //Dt. 05.12.2021

1. The Block Development Officer, Odagaon on behalf of Governor of Odisha invites percentage rates of bids for the following works as detailed below in the Table from ELIGIBLE contractors registered with the State Govt. and contractors of equivalent grade/class registered with Central Govt. for execution of Civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of work | Value of work (In Rs.) | Bid security EMD 1% (In Rs.) | Cost of tender paper (In Rs.) | Period of completion | Class of contractors |
|---|---|---|---|---|---|---|
| 1 | Const. of Block Level Mini Stadium at-Narayan High School Play Ground, Sarankul under Odgaon Block of Nayagarh District | 2232143.00 | 0 | 6000.00 | 6(Six) calendar months | C & B |
| 2 | Construction of Daycare sub center cum health & wellness center at K. Bankatara under Odagaon Block | 1949975.00 | 0 | 6000.00 | 6(Six) calendar months | D & C |
| 3 | Construction of Model Dining Hall at Ostia Ashram School under Odagaon Block | 2634915.00 | 0 | 6000.00 | 6(Six) calendar months | C & B |

2. Sale & Receipts of Bid documents consisting of plans, specification, the schedule of quantities and the set of terms and conditions of the contracts and other necessary documents can be obtained from this office from dt. 07/12/2021 at 10.00 am. to dt. 18/12/2021 upto 2.00PM In the office of the undersigned during the office hour everyday except Sunday and public holidays. The tender will be opened on the same i.e dt.18/12/2021 at 3.00pm.Interested bidder may be obtained further information at the same address and also for detailed term and condition. Please visit our website **www.nayagarh.nic.in**.

Sd./- Block Development Officer, Odagaon



## PANCHAYAT SAMITI OFFICE, LAHUNIPARA
DISTRICT - SUNDARGARH (ODISHA)

### PROCUREMENT NOTICE

1. Name of the work: Civil Construction work as mentioned in website .
2. No. of works: 5 Nos. ( Five Nos.).
3. Bid value: 20746835 to 35319730.
4. Period of completion: 2 and half month.
5. Period of availability tender paper: Office of the Block Development Officer, Lahunipara from Dt.04.12.2021 to 18.12.2021 from 11.00 A.M. to 5.00 P.M. only working day.
6. Last date and time of receipt of tender paper : Dt.18.12.2021, 3.30 P.M. through Registered and Speed Post only.
7. Date & time of opening of tender on dt.20.12.2021 at Panchayat Samiti Office, Lahunipara 11.00 A.M.
8. The undersigned reserves the right eigher to reject any or all tender or cancel the entire process without assigning the reason thereof.
9. Name & address of the office inviting tender: Block Development Officer, Lahunipara further details can be seen in the website www.sundergarh.nic.in.

Sd./- Block Development Officer
Lahunipara

କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ- ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା- ସେହିପରି ଏଇ ମଣିଷ ଭିତରୁଇ ଅତିମାନବର ଉଦ୍‌ଭବ ହେବ। -ଶ୍ରୀଅରବିନ୍ଦ

# ଦୁଶ୍ଚିନ୍ତାରେ ଯବାନ

ନାଗାଲାଣ୍ଡ ମନ୍ ଜିଲାର ଟିରୁ ଅଞ୍ଚଳରେ ୪ ଡିସେମ୍ବର ସନ୍ଧ୍ୟାରେ ସେନାର ଅତର୍କିତ ଆକ୍ରମଣରେ ୧୩ ଜଣ ସାଧାରଣ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୧ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର ପ୍ରତିକ୍ରିୟାରେ ସ୍ଥାନୀୟ ଲୋକଙ୍କ ପ୍ରତିଆକ୍ରମଣରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ବେଆଇନ ଘୋଷିତ ନ୍ୟାଶନାଲିଷ୍ଟ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲାଣ୍ଡ ବା ଏନଏସ୍‌ସିଏନ୍ (ଖାପଲଙ୍ଗ୍ ୟୁଙ୍ଗ୍-ଅଙ୍ଗ୍)ର ଉଗ୍ରପନ୍ଥୀମାନେ ସମ୍ପୃକ୍ତ ଅଞ୍ଚଳରେ ଆତଯାତ କରୁଛନ୍ତି ବୋଲି ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ତଦନୁଯାୟୀ ଯବାନମାନେ କାର୍ଯ୍ୟାନୁଷ୍ଠାନ କରିବା ସକାଶେ ଛପି ରହିଥିଲେ। ସେହି ବାଟ ଦେଇ ଯାଉଥିବା ଗାଡ଼ିରେ ଉଗ୍ରପନ୍ଥୀ ଅଛନ୍ତି ଭାବି ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ହେଲେ ସେଥିରେ ସ୍ଥାନୀୟ ଏକ କୋଇଲା ଖଣିରୁ କାମ ସାରି ଶ୍ରମିକମାନେ ଘରକୁ ଫେରୁଥିଲେ। ଯବାନଙ୍କ ଆକ୍ରମଣ ଯୋଗୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପରେ ଆଉ ୭ ଜଣଙ୍କ ପ୍ରାଣହାନି ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ୧୩ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିବା ବିଷୟକୁ ସେନା ସ୍ୱୀକାର କରି ନ ଥିଲା। ପରେ ଜଣାପଡ଼ିଥିଲା ଯେ ସେନା ଆକ୍ରମଣର ଶିକାର ହୋଇଥିବା ଶ୍ରମିକମାନେ ନିୟମିତ ଖଣିରେ କାମ କରିଥାଆନ୍ତି। ସେମାନେ ସାପ୍ତାହିକ କାର୍ଯ୍ୟ ସାରି ଶନିବାର ଘରକୁ ଫେରନ୍ତି ଓ ରବିବାର ପରିବାର ସହ ରହିବା ପରେ ପୁନଶ୍ଚ ସୋମବାର କାମରେ ଯୋଗ ଦେଇଥାଆନ୍ତି।

ସେନା ଦ୍ୱାରା ଘଟାଯାଇଥିବା ସଂହାର ଯୋଗୁ ଟିରୁ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନିଫ୍ୟୁ ରିଓ ଉକ୍ତ ଘଟଣାକୁ ନିନ୍ଦା କରି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାଧାରଣ ଲୋକଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୀଘ୍ର ମୃତକଙ୍କ ପରିବାରକୁ ନ୍ୟାୟ ମିଳିବ ବୋଲି ଆଶା କରିଛନ୍ତି। ବାସ୍ତବରେ ମୃତକଙ୍କ ପରିବାର କେବେ ନ୍ୟାୟ ପାଇବେ ସମୟ କହିବ। ତେବେ ଏଠାରେ ଏସ୍‌ଆଇଟି କେଉଁ ବିଷୟ ତଦାରଖ ବା ତନାଘନା କରିବ କହିବା କଷ୍ଟକର। ଆଜିର ପରିସ୍ଥିତିରେ ଭାରତୀୟ ସେନାର କୌଣସି ଦୋଷ ଦୁର୍ବଳତାକୁ ଦର୍ଶାଇଲେ ତାହା ଦେଶ ବିରୋଧୀ କାର୍ଯ୍ୟର ଆଖ୍ୟା ଦିଆଯାଉଛି। ଓଡ଼ିଶାବାସୀଙ୍କ ପାଇଁ ସେନାର ବିଭିନ୍ନ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବୁଝିବା କଷ୍ଟକର ନୁହେଁ। ତାହାର ଝଲକ ଏହି ରାଜ୍ୟର ବିଭିନ୍ନ ଜିଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଦ୍ୱାରା କରାଯାଇଥିବା ଭୁଲ୍ କାର୍ଯ୍ୟରୁ ବାରି ହୋଇପଡ଼େ। ଏଥିସହିତ ସେନା ଯବାନମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର ସରକାରଙ୍କ ଦ୍ୱାରା ପ୍ରଦର୍ଶନ କରାଯାଏ ଏବଂ ତାଙ୍କ କାର୍ଯ୍ୟରେ ଯେତିକି ଦୁଶ୍ଚିନ୍ତା ରହିଥାଏ, ସେଥିଯୋଗୁ ସେମାନେ ଅତ୍ୟନ୍ତ ବିଚଳିତ ରହିବା ସ୍ୱାଭାବିକ। ବ୍ୟତିବ୍ୟସ୍ତ ମଣିଷ ଅନେକ ଭୁଲ୍ ଘଟାଇବା ସହଜ ହୋଇଥାଏ।

ଟିରୁ ଘଟଣାକୁ ଦେଖିଲେ ସେନା ପକ୍ଷରୁ କୁହାଯାଇଛି ଯେ, ଯେଉଁଠାରେ ଯବାନମାନେ ସମ୍ପୃକ୍ତ ଗାଡ଼ି ଉପରେ ଆକ୍ରମଣ କଲେ ସେଥିରେ ଉଗ୍ରପନ୍ଥୀ ଥିବା ବିଶ୍ୱାସଯୋଗ୍ୟ ଥିଲା। କାରଣ ବିଶ୍ୱସ୍ତ ସୂତ୍ରରୁ ଗୋଇନ୍ଦା ସୂଚନା ମିଳିଥିଲା। ଏହି ଘଟଣାରୁ ଭାରତୀୟ ସେନାର ଗୋଇନ୍ଦା ବ୍ୟବସ୍ଥା କେତେ ଶକ୍ତିଶାଳୀ ତାହା ଅନୁମାନ କରିହେଉଛି। ଦେଶ ଭିତରେ ଉଗ୍ରପନ୍ଥୀଙ୍କ ଗତିବିଧି ବିଷୟରେ ଅଜ୍ଞ ରହିଯାଉଥିବା ସେନା ସୀମାପାର ଆତଙ୍କବାଦ ଓ ଅନ୍ୟ ରାଷ୍ଟ୍ର ସହ ଅପ୍ରୀତିକର ସ୍ଥିତି ସୃଷ୍ଟି ହେଲେ ତାହାର ମୁକାବିଲା କିଭଳି କରିପାରିବ ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ।

# ପାଇକ ବିଦ୍ରୋହ ଓ ଜୟୀ ରାଜଗୁରୁ



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସର ପ୍ରଥମ ଶହୀଦ ଜୟୀ ରାଜଗୁରୁ(ଜୟକୃଷ୍ଣ ରାଜଗୁରୁ)। ଓଡ଼ିଆ ଅସ୍ମିତା ଓ ବୀରତ୍ୱର କିମ୍ବଦନ୍ତୀ ପୁରୁଷ। ଜଣେ ଧର୍ମଶାସ୍ତ୍ର ଓ ନୀତିଶାସ୍ତ୍ର ବିଶାରଦ ତଥା ସମର କୁଶଳୀ ଯୋଦ୍ଧା। ୧୮୫୭ ସିପାହି ବିଦ୍ରୋହର ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ଖୋର୍ଦ୍ଧାର ବୀର ପାଇକମାନଙ୍କ ଦ୍ୱାରା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହର ଯେଉଁ ବିଗୁଲ ବାଜିଥିଲା,ଏହି ଜୟୀ ରାଜଗୁରୁ ଥିଲେ ତା'ର ପଞ୍ଚ ପୁରୋଧା।

ଶ୍ରୀକ୍ଷେତ୍ର ପୁରୀଠାରୁ ମାତ୍ର ପାଞ୍ଚ ମାଇଲ ଦୂର ଜଗନ୍ନାଥ ସଡ଼କ ଡାହାଣ ପଟରେ ଅବସ୍ଥିତ ହରେକୃଷ୍ଣପୁର ଗାଁ। ଶ୍ରୀକ୍ଷେତ୍ର ଷୋଳ ଶାସନ ପରମ୍ପରାର ସମୃଦ୍ଧ ଏକ ବ୍ରାହ୍ମଣ ଶାସନ। ବୀର ପାଇକର ଲୀଳାଭୂମି ଏହି ପ୍ରଖ୍ୟାତ ପଲ୍ଲୀ କୋଳରେ (୨୯।୧୦।୧୭୩୯) ଜୟୀ ରାଜଗୁରୁଙ୍କ ଜନ୍ମ। ପିତା ଚାନ୍ଦ ରାଜଗୁରୁ ଥିଲେ ଖୋର୍ଦ୍ଧା ରାଜାଙ୍କ କୁଳ ପୁରୋହିତ ବା ରାଜଗୁରୁ। ପିତାଙ୍କ ମୃତ୍ୟୁ ପରେ ପରମ୍ପରା କ୍ରମେ ରାଜଗୁରୁ ପଦରେ ଅଧିଷ୍ଠିତ ହେଲେ ଜୟୀ ରାଜଗୁରୁ। ପିଲାଟି ଦିନରୁ ସେ ଥିଲେ ଖୁବ୍ ନିର୍ଭୀକ ଓ ସ୍ୱାଧୀନଚେତା। ବିଶେଷକରି ରାଜଗୁରୁ ପରିବାରରେ ଜନ୍ମ ହୋଇଥିବାରୁ ଘୋଡ଼ାଚଢ଼ାଠାରୁ ଯୁଦ୍ଧବିଦ୍ୟା ଯାଏ, ସବୁଥିରେ ଥିଲା ତାଙ୍କର ବିଶେଷ ପାରଦର୍ଶିତା। ଏହି ଦକ୍ଷତା କାରଣରୁ ରାଜଗୁରୁ ପଦ ମଣ୍ଡନ କରିବାର ଅଳ୍ପ ଦିନ ମଧ୍ୟରେ ନିଜର ବିଚକ୍ଷଣ ବୁଦ୍ଧି, ଦେଶପ୍ରେମ, ରାଜାନୁରକ୍ତି, ସାହସ ଓ ଶକ୍ତି ବଳରେ ଜିତିନେଲେ ଖୋର୍ଦ୍ଧା ରାଜାଙ୍କ ହୃଦୟ। ତାଙ୍କର ପ୍ରଜ୍ଞା ଓ ପ୍ରତିଭାକୁ ଆକଳନ କରି ରାଜା ତାଙ୍କ ଉପରେ ନ୍ୟସ୍ତ କଲେ ପ୍ରଧାନମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା ଓ ସେନାଧ୍ୟକ୍ଷ ଭଳି ଗୁରୁ ଦାୟିତ୍ୱ। ତା'ର ପ୍ରତିଦାନ ସ୍ୱରୂପ ଗଜପତିଙ୍କ ପ୍ରତିଷ୍ଠା ବଢ଼ାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଲେ ରାଜଗୁରୁ। ପାଇକ ଜାଗରଣ ନିମନ୍ତେ ସେ ପଦ ବ୍ରଜରେ ବୁଲିଲେ ଖୋର୍ଦ୍ଧାର ଗାଁକୁ ଗାଁ। ତାଙ୍କରି ଆହ୍ୱାନ କ୍ରମେ ଘରେ ଘରେ ସୃଷ୍ଟି ହେଲେ ସୈନିକ। ଠା'କୁ ଠା ଗଢ଼ି ଉଠିଲା ପାଇକ ଆଖଡ଼ା। ସେ ନିଜେ ବୁଲି ବୁଲି ଆଖଡ଼ା ଶାଳରେ ପାଇକମାନଙ୍କୁ ଶିଖାଇଲେ ସମର କୌଶଳ। ତାଙ୍କରି ନିରନ୍ତର ଉଦ୍ୟମ ଫଳରେ ସୁଦୃଢ଼ ହେଲା ବରୁଣାଇ ଗଡ଼। ଅନ୍ୟପକ୍ଷରେ ଏହି ଜାତୀୟ କର୍ତ୍ତବ୍ୟ ସଂପାଦନ କରୁ କରୁ ସେ ଭୁଲିଗଲେ ଆପଣା ପାରିବାରିକ ସମସ୍ୟା ଓ ବୟସର ଦାବି। ଯୌବନର କାମନା ବାସନାକୁ ଉପେକ୍ଷା କରି ବ୍ରହ୍ମଚାରୀ ପାଲଟିଗଲେ ପିତାମହ ଭୀଷ୍ମଙ୍କ ପରି।

ଗଜପତି ଦିବ୍ୟସିଂହଦେବଙ୍କ ମୃତ୍ୟୁ ପରେ ଇଂରେଜମାନଙ୍କ ଚକ୍ରାନ୍ତ ଯୋଗୁ ଖୋର୍ଦ୍ଧା ରାଜଗାଦିକୁ ନେଇ ସୃଷ୍ଟି ହେଲା ବିବାଦ। ମାତ୍ର ରାଜଗୁରୁଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁ ରାଜଗାଦିରେ ଅଭିଷିକ୍ତ ହେଲେ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦଦେବ। ଏହାଦ୍ୱାରା ଦକ୍ଷ, ଅଭିଜ୍ଞ, କୁଶଳୀ, କୂଟନୀତିଜ୍ଞ, ମହାମନ୍ତ୍ରୀ ତଥା ସେନାଧ୍ୟକ୍ଷ ରାଜଗୁରୁଙ୍କ ଉପରେ ଲଦି ହୋଇଗଲା ରାଜ୍ୟର ଶାସନ ଭାର। ନାବାଳକ ରାଜାଙ୍କ ଅଭିଭାବକ ଭାବରେ ସେ ହେଲେ ମୁକୁଟ ବିହୀନ ସମ୍ରାଟ। ଦେଶ ରକ୍ଷା ହେଲା ରାଜ୍ୟ ଅଖଣ୍ଡତା ବଜାୟ ରଖିବା ପାଇଁ ଇଂରେଜମାନଙ୍କ ସହିତ ଲଢ଼ିଲେ ସାଲିସ ବିହୀନ ଲଢ଼େଇ।

ଇତିହାସ କହେ ୧୮୦୩ରେ ଇଂରେଜମାନେ ବାରବାଟୀ ଦୁର୍ଗ ଦଖଲ କରିବାକୁ ଯାଇ ମରାଠାଙ୍କ ସହିତ ଲଢ଼ିଲାବେଳେ ବାଧ ହୋଇ ଲୋଡ଼ିଥିଲେ ଖୋର୍ଦ୍ଧା ରାଜ୍ୟର ସହାୟତା। କାରଣ ସେତେବେଳେ ଖୋର୍ଦ୍ଧାର ସୀମାକୁ ବାଦ୍‌ଦେଇ ଗଞ୍ଜାମ ଓ ବାରବାଟୀ ମଧ୍ୟରେ ସୈନ୍ୟ ସଞ୍ଚାଳନ ଓ ଖବର ସରବରାହ ଥିଲା ଏକ ଦୁରୂହ ବ୍ୟାପାର। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧାର ଗଜପତି ଓ ଇଂରେଜ ସେନାଧ୍ୟକ୍ଷ କଲୋନେଲ ହାରକୋର୍ଟଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ଚୁକ୍ତିନାମା। ମାତ୍ର ମରାଠାମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କରିନେବା ପରେ କଲୋନେଲ ହାରକୋର୍ଟ ଭୁଲିଗଲେ ଚୁକ୍ତିନାମାର ସର୍ତ୍ତ। ପ୍ରତିଶ୍ରୁତି ଅନୁସାରେ ଏକଲକ୍ଷ ଟଙ୍କା ଦେଲେ ନାହିଁ କି ଫେରେଇଲେ ନାହିଁ ଲେମ୍ବଇ, ସିରେଇ, ରାହାଙ୍ଗ ଓ ଚବିଶକୁଦ ଆଦି ଚାରି ପ୍ରଗଣା। ଇଂରେଜମାନଙ୍କର ଏଭଳି ପ୍ରବଞ୍ଚନାର ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜି ବୁଲିଲେ ଜୟୀ ରାଜଗୁରୁ। ମରହଟ୍ଟାମାନଙ୍କ ସହିତ ମିଳିତ ହୋଇ ଇଂରେଜମାନଙ୍କ ବିରୋଧରେ ଲଢ଼ିବା ଯୋଜନାରେ ନାଗପୁରକୁ ପ୍ରେରଣ କଲେ ଦୂତ । ଦୁର୍ଭାଗ୍ୟବଶତଃ ଇଂରେଜମାନଙ୍କ ହାତରେ ଧରାପଡ଼ିବା କାରଣରୁ ତାଙ୍କର ସବୁ ଯୋଜନା ପଦାରେ ପଡ଼ିଲା ଏବଂ ତାଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଲେ ଇଂରେଜ ସରକାର। ତାଙ୍କୁ ପରାମର୍ଶ ଦାତା ପଦରୁ ହଟେଇବା ପାଇଁ ରାଜାଙ୍କ ଉପରେ ସୃଷ୍ଟି କଲେ ଚାପ। ଏହି ମର୍ମରେ ଗୋବିନ୍ଦ ରାୟ ମେହେର ନାମକ ଜଣେ କାନଗୋଇଙ୍କ ହାତରେ ରାଜାଙ୍କ ପାଖକୁ ଏକ ପତ୍ର ପ୍ରେରଣ କଲେ ୧୮୦୩ ଡିସେମ୍ବର ୧୬ରେ। ଏହି ପତ୍ରରେ ଲେଖାଥିଲା ରାଜଗୁରୁଙ୍କୁ ପଦଚ୍ୟୁତ କରି ଇଂରେଜମାନଙ୍କଠାରୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିନେବା ପାଇଁ ପ୍ରସ୍ତାବ। ଏଭଳି ପ୍ରସ୍ତାବ ପ୍ରତ୍ୟାଖ୍ୟାତ ହେବା ପରେ ୧୮୦୪ ଫେବୃୟାରୀ ୨୦ରେ ରାଜାଙ୍କ ପାଖକୁ ଆସିଲା ଆଉ ଏକ ଧମକପୂର୍ଣ୍ଣ ଚିଠି; ଯେଉଁଥିରେ ଜୟୀ ରାଜଗୁରୁଙ୍କ ପ୍ରତି ଥିଲା କଟକରେ ପହଞ୍ଚି କଲୋନେଲ ହାରକୋର୍ଟଙ୍କୁ ସାକ୍ଷାତ କରିବା ପାଇଁ ନିର୍ଦ୍ଦେଶ ।

ଏଭଳି ଧମକପୂର୍ଣ୍ଣ ଚିଠିକୁ ଭ୍ରୂକ୍ଷେପ କରିବା ପରିବର୍ତ୍ତେ ସର୍ତ୍ତ ମୁତାବକ ଇଂରେଜ ମାନଙ୍କଠାରୁ ଏକ ଲକ୍ଷ ଟଙ୍କା ସହିତ ପ୍ରଗଣାଗୁଡ଼ିକ ହାସଲ କରିବା ନିମନ୍ତେ ସାମରିକ ପ୍ରସ୍ତୁତିରେ ଲାଗିପଡ଼ିଲେ ଜୟୀ ରାଜଗୁରୁ। ୧୮୦୪ ମାର୍ଚ୍ଚ ୧୧ରେ ପାଇକ ବାହିନୀ ନେଇ ଅତର୍କିତ ଭାବରେ ସେ ଘେରାଉ କଲେ ବାରବାଟୀ ଦୁର୍ଗ। ପାଇକମାନଙ୍କ ଦ୍ୱାରା ଦୁର୍ଗ ଘେରାଉ ହେବା ଫଳରେ ଭୟଭୀତ ହୋଇପଡ଼ିଲେ କଲୋନେଲ ହାରକୋର୍ଟ। ପୂର୍ବ ଚୁକ୍ତି ଅନୁଯାୟୀ ଦେବାକୁ ଥିବା ଏକ ଲକ୍ଷ ଟଙ୍କାରୁ ତତ୍କାଳ ପଇଠ କଲେ ନଗଦ ୪୦ହଜାର ଟଙ୍କା।

ଜୟୀ ରାଜଗୁରୁଙ୍କ ଏଭଳି ପରାକ୍ରମକୁ ପ୍ରତିହତ କରିବା ପାଇଁ ଇଂରେଜମାନେ ଖୋର୍ଦ୍ଧା ସୀମାରେ ସ୍ଥାପନ କଲେ ସେନା ଛାଉଣୀ। ୧୮୦୪ ଅକ୍ଟୋବର ୧ ଗୋଲାମ ଅମିନ ନାମକ ଜଣେ ଇଂରେଜ କର୍ମଚାରୀଙ୍କୁ ରାଜାଙ୍କ ଉପଦେଷ୍ଟା ଭାବରେ ନିଯୁକ୍ତି ଦେଲେ ଏକତରଫା ଭାବରେ। ତା'ର ପ୍ରତିବାଦରେ ସେହି ମାସ ଇଂରେଜ ସେନା ଛାଉଣୀ ଉପରେ ଆକ୍ରମଣ କଲେ ପାଇକ ବାହିନୀ। ବିବ୍ରତ ହୋଇପଡ଼ିଲେ ପ୍ରବଳ ପରାକ୍ରମୀ ହାରକୋର୍ଟ ଏବଂ ବାଧହୋଇ ସମଗ୍ର ଖୋର୍ଦ୍ଧା ମୁଲକରୁ ଅପସାରଣ କରିନେଲେ ଫୌଜ। ଖୋର୍ଦ୍ଧା ଦଖଲ ନିମନ୍ତେ ପରବର୍ତ୍ତୀ ରଣକୌଶଳ ସ୍ୱରୂପ ସେ ଲୋଡ଼ିଲେ ମାଡ୍ରାସ ସେନା ଦାୟିତ୍ୱରେ ଥିବା ଇଂରେଜ ସେନାପତି ମେଜର ଫ୍ଲେଚରଙ୍କ ସାହାଯ୍ୟ। ଏକଥା ଜାଣିପାରି କୌଶଳକ୍ରମେ ସୀମା ସୁରକ୍ଷାକୁ କଡ଼ାକଡ଼ି କଲେ ବିଚକ୍ଷଣ ଯୋଦ୍ଧା ଜୟୀ ରାଜଗୁରୁ। ଫ୍ଲେଚର ବାହିନୀକୁ ଖୋର୍ଦ୍ଧା ସୀମାରେ ପୂରେଇ ନ ଦେବା ପାଇଁ ସଂକଳ୍ପବଦ୍ଧ ଭାବରେ ସମୁଦ୍ରତଟ ଜଗିରହିଲେ ରାଜଗୁରୁଙ୍କ ଦ୍ୱାରା ଅନୁଗୃହୀତ ପ୍ରାଚୀ ଅବବାହିକାର ୧୮ଗଡ଼ର ସାମନ୍ତମାନେ। ଇଂରେଜମାନେ ଉପାୟ ନ ପାଇ ଶେଷରେ ପ୍ରୟୋଗ କଲେ ଛଳନୀତି। ନିଶାର୍ଦ୍ଧରେ ଚିଲିକା ମଧ୍ୟ ଦେଇ ଖୋର୍ଦ୍ଧାକୁ ପ୍ରବେଶ କଲେ ଚରଣ ପଟ୍ଟନାୟକ ନାମକ ଜଣେ ବିଶ୍ୱାସଘାତକ ସହାୟତାରେ। ୧୮୦୪ ନଭେମ୍ବରରେ ଆରମ୍ଭ ହେଲା ଯୁଦ୍ଧ। ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗର ସୁରକ୍ଷା ପାଇଁ ଖୋର୍ଦ୍ଧାର ପାଇକମାନେ ଲୁହଲହୁକୁ ଏକାଠି କରି ଲଢ଼ିଲେ ଦୁର୍ବାର ଲଢ଼େଇ। ତିନି ସପ୍ତାହ ବ୍ୟାପି ଲଢ଼େଇ ପରେ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହେଲେ ଗଜପତି ଓ ମହାନ୍ ଯୋଦ୍ଧା ଜୟୀ ରାଜଗୁରୁ। ସେମାନଙ୍କୁ ପ୍ରଥମେ କଟକ ଜେଲରେ ରଖାଯାଇ ପରେ ମେଦିନପୁର ଜେଲକୁ ପଠେଇ ଦିଆଗଲା ଗୋପନରେ।

୧୮୦୬ ଡିସେମ୍ବର ୩ରେ ଆରମ୍ଭ ହେଲା ରାଜଗୁରୁଙ୍କ ଅନ୍ତିମ ବିଚାର। ସେ ଅନୁଭବ କଲେ ଇଂରେଜମାନଙ୍କ ସହିତ ଲଢ଼ିବା ପାଇଁ ଗଜପତି ଜୀବିତ ରହିବା ଏକାନ୍ତ ଆବଶ୍ୟକ। ତେଣୁ ଜଣେ ଦେଶ ହିତୈଷୀ ସଂଗଠକ ଭାବରେ ଗଜପତିଙ୍କ ପ୍ରାଣ ବଞ୍ଚେଇବା ପାଇଁ ସବୁତକ ଦୋଷ ନିଜ ଉପରକୁ ନେଇ ସୃଷ୍ଟି କଲେ ତ୍ୟାଗର ଏକ ଉଚ୍ଚ ଆଦର୍ଶ ଓ ପରମ୍ପରା। ବିଚାରକମାନଙ୍କ ସମ୍ମୁଖରେ ତାଙ୍କର ସ୍ପଷ୍ଟ ବକ୍ତବ୍ୟ ଥିଲା- ଜନ୍ମଭୂମିର ସୁରକ୍ଷା ପାଇଁ ସଂଗ୍ରାମ କରିବା ପ୍ରତ୍ୟେକ ଦେଶ ଭକ୍ତର କର୍ତ୍ତବ୍ୟ। ତେଣୁ ଇଂରେଜମାନଙ୍କ ଗୋଲାମ ହେବା ଅପେକ୍ଷା ଜନ୍ମଭୂମି ପାଇଁ ଲଢ଼େଇ କରି ଜୀବନ ଦେବା ତାଙ୍କ ଲାଗି ଶତଗୁଣ ଶ୍ରେୟସ୍କର।

ଶେଷରେ ରାଜଦ୍ରୋହ ଅପରାଧ ପାଇଁ ତାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଲେ ବିଚାରପତି। ତଦନୁଯାୟୀ ଆଦେଶ କାର୍ଯ୍ୟକାରୀ ହେଲା ଡିସେମ୍ବର ୬ (୧୮୦୬ ମସିହା) ତାରିଖ ସକାଳେ। ମେଦିନପୁର ଜେଲ ସଂଲଗ୍ନ ବାଘିତୋଟାର ବରଡାଳରେ ବାନ୍ଧି ତାଙ୍କୁ ଏଭଳି ବର୍ବରୋଚିତ ଭାବରେ ହତ୍ୟା କରାଗଲା ଯେ ଦୁଇଫାଳ ହୋଇ ଚିରି ହୋଇଗଲା ତାଙ୍କ ଶରୀର। ଝର ଝର ତାଜା ରକ୍ତରେ ଲାଲ ହୋଇଗଲା ବାଘିତୋଟାର ମାଟି। ଖବର ବ୍ୟାପିଯିବା ମାତ୍ରେ ସ୍ତବ୍ଧ ହୋଇଗଲା ସମଗ୍ର ରାଜ୍ୟ। ମାନବିକତାର ଇତିହାସରେ ଯୋଡ଼ି ହୋଇଗଲା ଆଉ ଏକ କଳଙ୍କିତ ଅଧ୍ୟାୟ। ଜାତିପ୍ରାଣ ଜୟୀ ରାଜଗୁରୁଙ୍କ ଏହି ଦୁଃଖଦ ମୃତ୍ୟୁ ପାଇକମାନଙ୍କୁ ଶୋକାଭିଭୂତ କରି ରଖିଲା ଦୀର୍ଘଦିନ ପର୍ଯ୍ୟନ୍ତ। ମାତ୍ର ବ୍ୟର୍ଥ ଗଲାନି ଶହୀଦ ରାଜଗୁରୁଙ୍କ ବଳିଦାନ। ତାଙ୍କ ଦେଶପ୍ରେମ ଓ ଆତ୍ମତ୍ୟାଗରୁ ପ୍ରେରଣା ନେଇ ଦାନା ବାନ୍ଧିଲା ଏକ ଭୟଙ୍କର ସଶସ୍ତ୍ର ବିଦ୍ରୋହ।୧୮୧୭ ରୁ ୧୮୨୫ ପର୍ଯ୍ୟନ୍ତ ଜାରି ରହିଥିବା ଏହି ବିଦ୍ରୋହ ହିଁ ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱର।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,**
**ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ:୬୩୭୧୬୪୨୪୬୪**

## ୨୫ ବର୍ଷ ତଳର ଧରିତ୍ରୀ

**୬ ଡିସେମ୍ବର ୧୯୯୬**

- ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ବାବ୍ରାକ କାର୍ମାଲଙ୍କ ପରଲୋକ।
- ଆଣବିକ ଅସ୍ତ୍ରଶସ୍ତ୍ରର ସମ୍ପୂର୍ଣ୍ଣ ବିଲୋପ ପାଇଁ ଭାରତ ସମେତ ସମଗ୍ର ବିଶ୍ୱର ୬୦ ଜଣ ବରିଷ୍ଠ ପୂର୍ବତନ ସାମରିକ ଅଫିସର ଦେଇଥିବା ଆହ୍ୱାନକୁ ଆମେରିକାର ପ୍ରତ୍ୟାଖ୍ୟାନ।
- ଉତ୍ତର ପ୍ରଦେଶରେ ପୁନର୍ବାର ରାଷ୍ଟ୍ରପତି ଶାସନ ଜାରି ସମ୍ପର୍କୀୟ ରାଷ୍ଟ୍ରପତୀୟ ଘୋଷଣାନାମା ସଂସଦର ଉଭୟ ଗୃହରେ ଅନୁମୋଦନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 7 | |
| | 6 | | | | 5 | 3 | | 1 |
| | | | 4 | | 8 | | 5 | |
| 2 | | 7 | | | | | | |
| | | | | 4 | | | 3 | 9 |
| | | 1 | 3 | | | | | |
| | | | | 9 | 4 | 5 | | |
| | 7 | 2 | | | | | | |
| | | 4 | 5 | 7 | | | 8 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 5 | 8 | 1 | 9 | 2 | 4 |
| 2 | 9 | 1 | 3 | 4 | 6 | 5 | 8 | 7 |
| 4 | 5 | 8 | 7 | 9 | 2 | 3 | 1 | 6 |
| 1 | 2 | 7 | 9 | 5 | 8 | 6 | 4 | 3 |
| 8 | 6 | 4 | 1 | 3 | 7 | 2 | 5 | 9 |
| 9 | 3 | 5 | 6 | 2 | 4 | 1 | 7 | 8 |
| 3 | 4 | 2 | 8 | 6 | 5 | 7 | 9 | 1 |
| 5 | 1 | 9 | 4 | 7 | 3 | 8 | 6 | 2 |
| 7 | 8 | 6 | 2 | 1 | 9 | 4 | 3 | 5 |

ଗତକାଲିର ଉତ୍ତର

# ଦୀପ ତଳ ଅନ୍ଧାର



ଶ୍ୱେତପଦ୍ମାସିନୀ ମହାନ୍ତି

ଏତେ ବଡ଼ ଦେଶରେ ପ୍ରତ୍ୟହ କିଛି ନା କିଛି ଘଟଣା, ଦୁର୍ଘଟଣା ଘଟିବ ନିଶ୍ଚୟ। ଏମିତିରେ ଯଦି କେଉଁଠି ବମ୍‌ଟିଏ ଫୁଟିଗଲା ଏବଂ ସେଥିରୁ ରାଜନୈତିକ ଗନ୍ଧ ବାହାରିଲା, ତେବେ ଆମ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସି ପହଞ୍ଚିଗଲା ବୋଲି ଜାଣ। ଚାହୁଁ ଚାହୁଁ ଅସଂଖ୍ୟ କଣ୍ଠରେ ଉଠିବ ପ୍ରଶ୍ନ- କେଉଁଠି ହେଲା, କେମିତି ହେଲା, କେଉଁ ରାଜନୈତିକ ଦଳର ଏଥିରେ ହାତ ଅଛି ଇତ୍ୟାଦି ଇତ୍ୟାଦି। ତା'ପରେ ଯିଏ ଯାହା ବାଟରେ ଅନୁସନ୍ଧାନ କରେ। ଗଣମାଧ୍ୟମ ସରଗରମ ହୁଏ, ଆକାଶରୁ ତୋଳା ହେଲା ଭଳି କଥା ସବୁ ଶୁଣାଯାଏ, ସାଧାରଣ ଜନତା ଉଦ୍ବିଗ୍ନ ହୁଅନ୍ତି, ଜବାବ ସୁଆଲରେ ରାଜନୀତି ତତ୍ପର ହୁଏ ଏବଂ ଶେଷକୁ ଦେଶ ବା ରାଜ୍ୟ ଏହି ଚକ୍ରବାତ କବଳରେ ପଡ଼ିଯାଏ। ସମସ୍ତେ ଆଶା କରନ୍ତି ଦୋଷ ସାବ୍ୟସ୍ତ ହେଉ, ଦୋଷୀ ଦଣ୍ଡ ପାଉ, ପ୍ରଭାବିତକୁ ନ୍ୟାୟ ମିଳୁ। କିନ୍ତୁ ଦେଖାଯାଏ ଯେ, ଆମେ ହିଁ ଦୋଷୀକୁ ଚିହ୍ନଟ କରି ପକାଉ, ଆଇନକାନୁନକୁ ଅପାରଗ ଭାବି ଦଣ୍ଡ ଶୁଣେଇଦେଉ। ହେଲେ ଏମିତି ତ ହୁଏ ନାହିଁ। ଘଟଣାର ଅନୁସନ୍ଧାନ ପାଇଁ କ୍ଷମତା, ଦାୟିତ୍ୱ ଯାହାର ଅଛି ସେଇମାନେ ହିଁ କରିବେ, ଆମ ପରି ସାଧାରଣ ଲୋକ କ'ଣ କରିପାରିବ?

କିନ୍ତୁ ଦେଖାଯାଏ ଯେ, କୌଣସି ନା କୌଣସି ଦଳର ଦୁହାଇ ଦେଇ ଆମେ ରାଜରାସ୍ତାକୁ ଓହ୍ଲାଇ ଆସି ଯାବତୀୟ ବିତ୍ପାତ କରୁ। ରାଜନୈତିକ ସମର୍ଥନ ଆମର ବଳ ବଢ଼ାଏ। ଏମିତି କାର୍ଯ୍ୟକଳାପ ସତ୍ୟକୁ ବାଟବଣା କରାଏ, କ୍ଷତିଗ୍ରସ୍ତର ଯନ୍ତ୍ରଣା ବଢ଼ାଏ, ମାନସିକ ଚାପଗ୍ରସ୍ତ କରେ ଏବଂ ନ୍ୟାୟର ପରିଚାଳନା କ୍ଷେତ୍ରରେ ବିଭ୍ରମ ତଥା ବିଭ୍ରାଟ ସୃଷ୍ଟି କରେ। ନ୍ୟାୟ ମାଗିବା ନାଁରେ ଆମେ ଉତ୍ତେଜିତ, ଉତ୍ୟକ୍ତ ହୋଇ ରାସ୍ତା ବନ୍ଦ, ସହର ବନ୍ଦ, ଭଙ୍ଗାରୁଜା, ପୋଲିସ ସହ ଧସ୍ତାଧସ୍ତି ଆଦି ଅସୌଜନ୍ୟ ଘଟଣା ଘଟାଇବାରେ ଲିପ୍ତ ହୋଇଯାଉ। ଗଣମାଧ୍ୟମରେ ଏଭଳି ଦୃଶ୍ୟ ଦେଖିବାକୁ ଓ ପଢ଼ିବାକୁ ମିଳେ। ଆମ ଦେଶର ସମ୍ପଦ ସ୍ୱରୂପ ଯୁବ ଗୋଷ୍ଠୀ ହିଁ ବିଶେଷ ସଂଖ୍ୟାରେ ଏଥିରେ ସାମିଲ ହୋଇଯାଆନ୍ତି। ସତରେ କ'ଣ ଆମ ହୃଦୟରେ ପୀଡ଼ିତ ପାଇଁ ଏତେ ସମବେଦନା କି ଦରଦ ଥାଏ? ଏବେ ତ ନାରୀମାନେ, ଛାତ୍ରମାନେ ମଧ୍ୟ ସ୍ଥିରତା ଦେବା ବଦଳରେ ଅସ୍ଥିରତାକୁ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଲେଣି। ଆମ ଦେଶ ପାଇଁ ଏହା ଶୁଭଙ୍କର ନୁହେଁ। ଶେଷରେ ପରିଣତି ନ୍ୟାୟ ଦେବୀଙ୍କ କୃପା ନିକଟରେ ସମର୍ପଣ କରି ସମସ୍ତେ ନୀରବି ଯାଆନ୍ତି।

ଏବେ ଭାବିବା ଆମ ନିଜ କଥା। ଏତେ ଦରଦ, ସହାନୁଭୂତି, ସମବେଦନା ଥିବା ଆମ ହୃଦୟ, ନିଜକୁ ପ୍ରକାଶ କରିବା ପାଇଁ, କ'ଣ ଦୁର୍ଘଟଣାଟିଏ ଘଟିବାର ଅପେକ୍ଷାରେ ଥାଏ। ତା' ବ୍ୟତୀତ କ'ଣ କିଛି ସମସ୍ୟା ଆମର ନାହିଁ, ଯାହା ଉପରେ ଚିନ୍ତା କରିବା ଆମର ନିହାତି ଦରକାର। ଆମ ଚାରିପଟେ ଘଟଣାର ଅଭାବ ନାହିଁ, ଦୁଃଖ ଯନ୍ତ୍ରଣାର ବିକଳ ଚିତ୍ର ପ୍ରତ୍ୟହ ଆମେ ସାମ୍ନା କରୁ। ଆମ ଗାଁ ଦାଣ୍ଡରୁ ଧୂଳି ଖେଳୁଥିବା ପିଲା ନିଖୋଜ ହୁଅନ୍ତି, ପଡ଼ିଶା ଘର ଲୋକେ ଉପାସରେ ଦିନ କାଟନ୍ତି। ଛପର ନ ଥିବା ଭଙ୍ଗା ଘରେ ଆକାଶକୁ ଅନାଇ ଅସହାୟ ମଣିଷମାନଙ୍କ ଆଖିରେ ନିଦ ନ ଥାଏ, ଅର୍ଥାଭାବରୁ ଅସାଧ୍ୟ ରୋଗରେ ପୀଡ଼ିତ ମଣିଷର ମୁହଁକୁ ଚାହିଁ ପରିବାର ଲୋକ ଲୁହ ଗଡ଼ାନ୍ତି, ପାରିବାରିକ ହିଂସାରୁ ଆତ୍ମହତ୍ୟା, ହଣାକଟା ହୋଇଯାଏ। ନିଶା କବଳରେ ପଡ଼ି ଯୁବଗୋଷ୍ଠୀ ବିପଥଗାମୀ ହୁଅନ୍ତି, ପେଟ ପାଇଁ ସନ୍ତାନ ବିକ୍ରି ହୋଇଯାଏ। ରାସ୍ତାଘାଟ, ବିଜୁଳି, ପିଇବା ପାଣି, ସ୍କୁଲ, ଡାକ୍ତରଖାନା, ଏମିତି କେତେ ଯେ କେତେ ସମସ୍ୟା ଆମକୁ ଅତିଷ୍ଠ କରେ। କିନ୍ତୁ 'ଦୀପ ତଳ ଅନ୍ଧାର' ଭଳି ଏ ସମସ୍ୟାର ଗୁରୁତ୍ୱ ଆମକୁ ବ୍ୟଥିତ କରେ ନାହିଁ। ଅଭୁକ୍ତକୁ ଖାଦ୍ୟ, ଭଙ୍ଗାଘରକୁ ଠିଆ କରିଦେବା, ପଡ଼ିଯାଇଥିବା ଲୋକକୁ ତୋଳିଧରିବା ପାଇଁ ଆମ ହାତ ବଢ଼େ ନାହିଁ। ଆମ ଭାବୁ ଏହା ସରକାରଙ୍କ ଦାୟିତ୍ୱ।

କିନ୍ତୁ ଯଦି ଏମିତି ଭାବିବା ଯେ, ସରକାରଙ୍କ ସହ ଆମର ବି ସମପରିମାଣରେ ଦାୟିତ୍ୱ ରହିଛି, ତା'ହେଲେ ଅନେକ ସମସ୍ୟାର ସମାଧାନ ପଥ ନିଶ୍ଚୟ ସୁଗମ ହୋଇପାରନ୍ତା। ଆମେ ପରା ସରକାରଙ୍କ ଜନମଙ୍ଗଳକାରୀ ଯୋଜନାରୁ ଲାଭ ଉଠାଇବା ଲୋକ। ଉପରୁ ତଳଯାଏ ଏତେ ଦୁର୍ନୀତି ଚେର ଲମ୍ବିଥାଏ ଯେ, ଯୋଜନା ଲୋକଙ୍କ ପାଖରେ ପହଞ୍ଚିବାବେଳକୁ ତା'ର ଅନ୍ତଃସାର ନିଃଶେଷ ହୋଇ ଯାଇଥାଏ। ତେଣୁ କୌଣସି ସମସ୍ୟାର ପୂର୍ଣ୍ଣାଙ୍ଗ ସମାଧାନ ହୋଇ ପାରି ନ ଥାଏ। ସରକାରୀ ସ୍ତରରୁ ଆମ ପର୍ଯ୍ୟନ୍ତ ଯଦି କାହାଠାରେ ସାଧୁତା, ନିଷ୍ଠା, ବିବେକ, ସହୃଦୟତା ନ ଥିବ, ତେବେ ଦୁଃଖ ଦୂର ହେବ କେମିତି, ବିକାଶ ହେବ କେମିତି? ଲଜ୍ଜାଜନକ ଭାବେ ବରିଷ୍ଠ ସ୍ତରରେ ଥାଇବି ଆମେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା, ଯୋଜନାର କାର୍ଯ୍ୟ ନିର୍ବାହ କରିବା ଦାୟିତ୍ୱରେ ଥିବା ଲୋକେ ଅର୍ଥ ହେରଫେର କରିବା, ତା' ତଳ ଲୋକ ଦୀପ ତେଜି ହାତ ଚିକ୍କଣ କରିବା ନୀତିରେ ଅର୍ଥ ଆତ୍ମସାତ୍ କରିବା ଏବଂ ସର୍ବଶେଷରେ ଆମ ଅଞ୍ଚଳରେ ଯଦି କିଛି ଉନ୍ନତିମୂଳକ କାର୍ଯ୍ୟ ସୌଭାଗ୍ୟକୁ ଆରମ୍ଭ ହୋଇଗଲା, ତେବେ ଆମେ ସେଥିରୁ ଟିକିଏ ଟିକିଏ ବାଣ୍ଟି ଖାଇବା, ସବୁ ଅନ୍ୟାୟ ଆମେ କରିବା, ଅଥଚ ସୁଯୋଗ ମିଳିଲେ ନିଜକୁ ନ୍ୟାୟବାନ୍ ବୋଲି ଦେଖେଇ ହେବାକୁ ରାଜରାସ୍ତାରେ ଠିଆ ହୋଇଯିବା।

ସତରେ ଯଦି ଆମେ ଦୁର୍ନୀତି, ଦୁଷ୍କର୍ମମୁକ୍ତ ଏକ ସୁସ୍ଥ ସମାଜ ଚାହୁଁ, ତେବେ ନିଜ ସ୍ଖଳିତ ଚରିତ୍ରକୁ ସଜାଡ଼ିବାକୁ ହେବ। ନିଜ ଆଖପାଖର ଲୋକଙ୍କ ଦୁଃଖ ନିଜ ସାଧ୍ୟମତେ ଅବା ସାମୂହିକ ସହଯୋଗରେ ଦୂର କରିବାକୁ ଉଦ୍ୟମ କରିବାକୁ ହେବ। ଆମେ ପ୍ରଥମେ ଦୃଢ଼ ମନରେ ଆରମ୍ଭ କଲେ ଆଗକୁ ସରକାରୀ, ବେସରକାରୀ ସାହାଯ୍ୟ ସହଯୋଗ ନିଶ୍ଚୟ ମିଳିବ। ଏଭଳି କାର୍ଯ୍ୟ କରିଥିବା ଅସଂଖ୍ୟ ବ୍ୟକ୍ତିଙ୍କ ଉଦାହରଣ ଆମ ଆଖି ଆଗରେ ଅଛି। ସେମାନେ ସାଧନ ନ ଥାଇ ସାଧନା ବଳରେ ଅସାଧ୍ୟ ସାଧନ କରିଛନ୍ତି। ନିଜ ଚାରିପଟର ଅନ୍ଧାର ଦୂର ନ ହେଲେ ଆଲୋକର ପ୍ରକୃତ ଆନନ୍ଦ ଆମେ ଉପଲବ୍ଧି କରିପାରିବା ନାହିଁ। ଆମର ଚିନ୍ତା ଓ ଚେତନା ବିକାଶ ଅଭିମୁଖୀ ହେଉ, ଏତିକି ହିଁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା। ଦେଶ ଆମର ଏକ ସମ୍ବେଦନଶୀଳ ମୋଡ଼ ଦେଇ ଗତି କରୁଛି। ଏହିସ୍ଥିତିରେ ଶାନ୍ତି, ଧୈର୍ଯ୍ୟ, ଏକତା, ରକ୍ଷା କରିବା ଆମର କର୍ତ୍ତବ୍ୟ।

**ଗୁରୁଜଙ୍ଗ, ଖୋର୍ଦ୍ଧା**
**ମୋ:୯୪୩୯୬୧୮୬୨୫**

## ଏଇ ଭାରତରେ

ନିଜ ଜୀବନକୁ ବିପଦରେ ପକାଇ ଅନ୍ୟକୁ ରକ୍ଷା କରିବାରେ ଯେଉଁ ଆନନ୍ଦ ରହିଛି ତାହା ଅନୁଭବ କରିଛନ୍ତି ପୁଣେର ରାଜେଶ କାଚି। ସେ ରାସ୍ତା କଡ଼ରେ ଅଣ୍ଡା ଭୁଜିଆ ବିକ୍ରି କରନ୍ତି ଓ ତା' ମଧ୍ୟରୁ ସମୟ ବାହାର କରି ୧୫୦ ଜଣଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି। ଏହା ବ୍ୟତୀତ ପୁଣେର ମୁଥା ନଦୀରେ ବୁଡ଼ିଯାଇଥିବା ୮୦୦ ମୃତ ଦେହ ଉଦ୍ଧାର କରିଛନ୍ତି। ଗତ ତିନି ଦଶନ୍ଧି ମଧ୍ୟରେ ସେ ନଦୀରୁ ଶହ ଶହ ଲୋକଙ୍କ ଜୀବନ ରକ୍ଷା କରିଥିବାରୁ ଲୋକେ ତାଙ୍କୁ 'ମୁଥା ଚା ରାଜା' ବା ମୁଥା ନଦୀର ରାଜା ବୋଲି ଶ୍ରଦ୍ଧାରେ ଡାକନ୍ତି। ରାଜେଶ ରହୁଛନ୍ତି ଶିବାଜୀନଗର ଟଫ୍‌ଖାନା ଅଞ୍ଚଳର ଏକ ବସ୍ତିରେ। ତାଙ୍କ ବୟସ ୫୦। ନଦୀ କୂଳରେ ରହୁଥିବାରୁ ସେ ପିଲାଦିନରୁ ପହଁରା ଶିଖିଛନ୍ତି। ଗରିବୀ ଯୋଗୁ ରାଜେଶ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ି ଦେଇଛନ୍ତି। ପିଲାଦିନରୁ ମାତାପିତାଙ୍କୁ ହରାଇବା ପରେ ଆଈମା' ପାଖରେ ବଢ଼ିଛନ୍ତି। ତାଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ନଦୀରେ ବୁଡ଼ିଯାଉଥିବା ଜଣେ ଝିଅକୁ ଉଦ୍ଧାର କରିଥିଲେ। ସେବେଠାରୁ ସେ ଏଯାବତ୍ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ବଞ୍ଚାଇବା ସହ ନଦୀରୁ ୮୦୦ରୁ ଅଧିକ ମୃତଦେହ ଉଦ୍ଧାର କରିସାରିଲେଣି। କୌଣସି ବ୍ୟକ୍ତି ପାଣିରେ ବୁଡ଼ିଯିବା ପରେ ପୋଲିସଠାରୁ ଖବର ପାଇ ସେ ବିଜ୍‌ନେସ ଛାଡ଼ି ସେଠାରେ ପହଞ୍ଚି ଯାଆନ୍ତି। ଏପରି କି ରାତି ଅଧରେ ସେ ଏହି କାର୍ଯ୍ୟ କରିବାକୁ ଆଗେଇ ଆସନ୍ତି।

## ଚିରନ୍ତନୀ

ଭୁବନ ଭରି ଆଜି ପ୍ରେୟସୀ ମୋର ଚଳେ
ଭୁବନ ଭରି ସେ ଗୋ କାନ୍ଦେ ମୋ ବିରହରେ।
ନୀଳ ଅଞ୍ଚଳେ ତା'ର ଖେଳେ ଆଲୋକ ଛାୟା
ଆବରି ଦଶଦିଶି ଦେଖାଏ ରୂପମାୟା।
ରୂପସୀ ଉଠ ହସି
କେଉଁ ଗଗନେ ବସି
ଦେଖାଅ ରୂପମାୟା
ଏ ଯେ ଆଲୋକ ଛାୟା।

-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଏସ୍‌ଏ-୧ରେ ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା ହେଉ

ମହାଶୟ,

ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ସମ୍ମିଟିଭ ଆସେସ୍‌ମେଣ୍ଟ ଏସ୍‌ଏ-୧ ଡିସେମ୍ବର ୨୭ ପର୍ଯ୍ୟନ୍ତ ଚାଲିବ। ଏହି ଆସେସ୍‌ମେଣ୍ଟରେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ଉପରେ ଅଧିକ ଗୁରୁତ୍ୱାରୋପ ଆବଶ୍ୟକ ପଡ଼ୁଛି। ସୂଚନାଥାଉ କି ମାଧ୍ୟମିକ ଶିକ୍ଷା ପରିଷଦ ଗାଇଡ୍‌ଲାଇନ ଅନୁଯାୟୀ ପରୀକ୍ଷା ବେଳେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ସ୍କ୍ରାଇବ ବା ହେଲ୍‌ପର ରାଇଟରଙ୍କୁ ଅନୁମତି ପ୍ରଦାନ କରାଯିବା ଜରୁରୀ। ଏଥିସହ ଘଣ୍ଟା ପିଛା ୨୦ ମିନିଟ ଲେଖାଏ ଅଧିକ ସମୟ ଦିଆଯିବା କଥା। ଯେତେଦୂର ସମ୍ଭବ ଦିବ୍ୟାଙ୍ଗ ପିଲାଙ୍କ ପରୀକ୍ଷା ବିଲ୍‌ଡିଂର ତଳ ମହଲାରେ ବ୍ୟବସ୍ଥା କରିବା ଦିଗରେ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ପଦକ୍ଷେପ ନିଅନ୍ତୁ। ସେଠାରେ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ବି ଉପଲବ୍ଧ କରାଯିବା ଆବଶ୍ୟକ। ୨୦୨୦ ବୋର୍ଡ ପରୀକ୍ଷା ଲାଗି ଜାରି ହୋଇଥିବା ଗାଇଡ୍‌ଲାଇନକୁ ଏହି ପରୀକ୍ଷାରେ କଡ଼ାକଡ଼ି ପାଳନ କରାଯିବା ଦରକାର।

**- ନାରାୟଣ ଚନ୍ଦ୍ର ବିଶ୍ୱାଳ, 'ଧ୍ୱନି' କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୦୨୧-୨୨ରେ ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଇଟିଆର୍‌ରେ ସାମିଲ**

ଦେଶର ବିକାଶ ପାଇଁ ଦେଶବାସୀ ପ୍ରତ୍ୟକ୍ଷ ଭାବେ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ପ୍ରତିବର୍ଷ କରଦାତାଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଯାହା ଏକ ବିକାଶଶୀଳ ଦେଶର ଲକ୍ଷଣ ବୋଲି କୁହାଯାଏ। ଫଳରେ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ୩ ସୁଦ୍ଧା ୩କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ଇନ୍‌କମ ଟ୍ୟାକ୍ସ ରିଟର୍ନ (ଆଇଟିଆର୍) ଫାଇଲ କରିଛନ୍ତି। ଚଳିତ ମାସରେ ପ୍ରତିଦିନ ୪ଲକ୍ଷରୁ ଊର୍ଦ୍ଧ୍ୱ କରଦାତା ବିଭାଗର ଅନଲାଇନ ପୋର୍ଟାଲ ଜରିଆରେ ସଂଯୋଗ ହେଉଛନ୍ତି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଆମାଜନର ରିଭର ସିଜନ୍ ୨ର ଶୁଭାରମ୍ଭ

**ଭୁବନେଶ୍ୱର,୫।୧୨:** ଆମାଜନ ଫେଶନ ଡିବିଏସ୍ ଲାଇଫଷ୍ଟାଇଲ ଏଲ୍ଏଲ୍‌ପି ସହିତ ମିଶି ଭାରତରେ ରିଭର ସିଜନ୍ ୨ର ଶୁଭାରମ୍ଭ କରିଛି। ଚଳିତ ବର୍ଷ ରିଭର ସିଜନ୍ ୨ରେ ସୁନିତ ବର୍ମା, ଜେଜେ ଭାଲେୟା, ଆଶିଷ ସୋନୀ ଓ ନମ୍ରତା ଜୋଶିପୁରାଙ୍କ ପରି ପ୍ରଖ୍ୟାତ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ ସାମିଲ କରାଯାଇଛି। ରିଭର ସିଜନ ୨ରେ ଗ୍ରାହକମାନେ ସେମାନଙ୍କର ପ୍ରିୟ ଡିଜାଇନରଙ୍କ ଫେଶନକୁ ସୁଲଭ ମୂଲ୍ୟରେ କେବଳ ଆମାଜନ ଫେଶନରେ ପାଇପାରିବେ। ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ସିଲେକ୍ସନ ଅତ୍ୟନ୍ତ ସୁନ୍ଦର କଳାକୃତିର ଆପାରେଲ୍ ପ୍ରଦାନ କରିବ। ବିଶେଷକରି ମହିଳାଙ୍କ ପାଇଁ ଆକର୍ଷଣ ଶାଢ଼ି ଓ ଡ୍ରେସ ତଥା ରୟାଲ ବନ୍ଧଗଲାସ, ଏପରିକି ଜ୍ୟାକେଟ, ଟ୍ରେଣ୍ଡି ଶାର୍ଟ ଏବଂ ପୁରୁଷଙ୍କ ପାଇଁ କୁର୍ତ୍ତା ଆଦି ରିଭର ସିଜନ ୨କଲେକ୍ସନରେ ରହିଛି। ଆମାଜନ ଫେଶନ ଇଣ୍ଡିଆର ନିର୍ଦ୍ଦେଶକ ଓ ହେଡ୍, ସୌରଭ ଶ୍ରୀବାସ୍ତବ କହିଛନ୍ତି, ଆମାଜନ ଫେଶନରେ ରିଭର ସିଜନ ୨ର ଶୁଭାରମ୍ଭ ସହିତ ଆମେ ସେଲର ଡିବିଏସ ଲାଇଫଷ୍ଟାଇଲ ସହିତ ନିରନ୍ତର ଭାବରେ କାର୍ଯ୍ୟ କରୁଛୁ, ଯଦ୍ୱାରା ସାରା ଭାରତରେ ଥିବା ଆମର ଗ୍ରାହକମାନେ ସୁଲଭମୂଲ୍ୟରେ ଡିଜାଇନର ଗିୟର ପାଇପାରିବେ। ଚଳିତ ସିଜନ୍‌ରେ ନୂତନ ଡିଜାଇନରମାନଙ୍କ ଦ୍ୱାରା ନୂତନ ସୁଯୋଗ ତଥା ଅଫର ପ୍ରଦାନ କରାଯାଉଛି। ରିଭର ସିଜନ୍ ୨ରେ ୧୮୦ ରୁ ଅଧିକ ଷ୍ଟାଇଲ୍ ରହିଛି।

### ମହିଳାଙ୍କୁ ସୁରକ୍ଷା ଦେବ ଫେସ୍‌ବୁକ୍ ମେଟା

**ଭୁବନେଶ୍ୱର,୫।୧୨:** ୟୁଜରଙ୍କ ନିରାପତ୍ତାକୁ ବଢ଼ାଇବା ପାଇଁ ଏହାର ପ୍ରୟାସକୁ ଆଗକୁ ବଢାଇ ଫେସବୁକ ମେଟା ନିକଟରେ ତା'ର ପ୍ଲାଟଫର୍ମରେ ମହିଳାଙ୍କ ଅନଲାଇନ ନିରାପତ୍ତା ଦିଗରେ ଅନେକ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଏହା ସମ୍ମତି ବିହୀନ ଅନ୍ତରଙ୍ଗ ଫଟୋର ପ୍ରସାରକୁ ରୋକିବା ପାଇଁ ମେଟା ଦ୍ୱାରା ଘୋଷିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ୟୁକେ ରିଭେଞ୍ଜ ପର୍ଣ୍ଣ ହେଲ୍‌ପଲାଇନ ସହ ସହଭାଗିତାରେ ଷ୍ଟପ ଏନସିଆଇଆଇ.ଓଆରଜି ମେଟ'ର ଏନସିଆଇଆଇ ପାଇଲଟ ଉପରେ ଏକ ଜରୁରିକାଳୀନ ପ୍ରୋଗ୍ରାମ ନିର୍ମାଣ କରାଯାଇଛି, ଯାହା ସମ୍ଭାବ୍ୟ ପୀଡିତମାନଙ୍କୁ ସେମାନଙ୍କ ଅନ୍ତରଙ୍ଗ ଫଟୋଗୁଡିକୁ ସକ୍ରିୟ ଭାବେ ହ୍ୟାସ୍ କରିବାକୁ ଅନୁମତି ଦେଇଥାଏ।

# ଅପରିବର୍ତ୍ତିତ ରହିପାରେ ମୁଦ୍ରାନୀତି

ମୁମ୍ବାଇ, ୫।୧୨(ପି.ଟି.)




କରୋନା ଭାଇରସ୍‌ର ନୂତନ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ବିଶ୍ୱ ଏବେ ଭୟାବହତା ଦେଇ ଗତି କରୁଛି। ଏପରି କି ଆମ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେଲେଣି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଏହାର ଆଗାମୀ ମୁଦ୍ରା ନୀତିରେ ସ୍ଥିତି ବଜାୟ ରଖିବାକୁ ଚିନ୍ତା କରୁଛି। ଏଥିସହ ମୁଦ୍ରାସ୍ଫୀତି ବଜାୟ ରଖିବାର ମୂଳ ଉଦ୍ଦେଶ୍ୟକୁ ନଜର ଅନ୍ଦାଜ ନ କରି ଅଭିବୃଦ୍ଧି ପାଇଁ ବେଞ୍ଚମାର୍କ ସୁଧ ହାର ବୃଦ୍ଧି ସମୟକୁ ଅପେକ୍ଷା କରିବାକୁ ଯୋଜନା କରିଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆସନ୍ତା ୬ରୁ ୮ତାରିଖ ପର୍ଯ୍ୟନ୍ତ ମୁଦ୍ରା ନୀତି କମିଟି(ଏମ୍‌ପିସି ) ବୈଠକ ଅନୁଷ୍ଠିତ ହେବ। ମୁଦ୍ରା ନୀତି ସଂକ୍ରାନ୍ତୀୟ ନିଷ୍ପତ୍ତି ବୁଧବାର ଘୋଷଣା କରାଯିବାର ସମ୍ଭାବନା ରହିଛି। ଗତ ଅକ୍ଟୋବରରେ ମଧ୍ୟ ଏହି ବେଞ୍ଚ ମାର୍କ ନୀତି ହାରକୁ ଆର୍‌ବିଆଇ ଅପରିବର୍ତ୍ତିତ ରଖିଥିଲା।

ରିଭର୍ସ ରେପୋ ରେଟ୍ ବୃଦ୍ଧି ସମ୍ପର୍କରେ ଆର୍‌ବିଆଇ ଅତି ସତର୍କତାର ସହ ବିଚାର କରୁଥିବାରୁ ଏମ୍‌ପିସି ବୈଠକରେ କି ପ୍ରକାର ନିଷ୍ପତ୍ତି ନିଆଯିବ, ସେନେଇ ଏବେଠୁ ଆଲୋଚନା କରିବା ଉଚିତ୍ ହେବ ନାହିଁ ବୋଲି ଏସ୍‌ବିଆଇ କହିଛି। ଆର୍‌ବିଆଇ କହିବା ଅନୁଯାୟୀ, ଏହା କେବଳ ଏମ୍‌ପିସିରେ ରିଭର୍ସ ରେପୋ ରେଟ ଉପରେ ଚିନ୍ତା କରୁ ନାହିଁ ବରଂ ସଙ୍କଟ ସମୟରେ ପ୍ରଭାବଶାଳୀ ଢଙ୍ଗରେ ରିଭର୍ସ ରେପୋ ରେଟ୍‌ରେ ପରିବର୍ତ୍ତନ ଆଣିବାକୁ ବିଚାର କରୁଛି।

କୋଟାକ ଅର୍ଥନୈତିକ ଗବେଷଣା ରିପୋର୍ଟ ଅନୁଯାୟୀ, କୋଭିଡ୍‌ର ନୂଆ ଭାରିଆଣ୍ଟର ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଏନେଇ ସ୍ଥିତି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଆର୍‌ବିଆଇ ମୁଦ୍ରା ନୀତି ହାର ଉପରେ କୌଣସି ନିଷ୍ପତ୍ତି ନେଇ ନ ପାରେ। ତେଣୁ ଡିସେମ୍ବର ପରିବର୍ତ୍ତେ ଆସନ୍ତା ଫେବୃୟାରୀରେ ହେବାକୁ ଥିବା ବୈଠକରେ ରିଭର୍ସ ରେପୋ ରେଟ୍ ବୃଦ୍ଧି ନେଇ ବିଚାର କରାଯିବା ସହ

### ଓମିକ୍ରନ୍ ଚିନ୍ତା

୨୦୨୨-୨୩ ମଧ୍ୟଭାଗରେ ରେପୋ ରେଟ୍ ବୃଦ୍ଧି କରିବାକୁ ଆର୍‌ବିଆଇ ଚିନ୍ତା କରିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି। ଆସନ୍ତା ବୈଠକରେ ଆର୍‌ବିଆଇ ଯଦି ମୁଦ୍ରା ନୀତି ଅପରିବର୍ତ୍ତିତ ରଖେ, ତେବେ ଏହା କ୍ରମାଗତ ୯ମ ଥର ପାଇଁ ଏହି ସ୍ଥିତି ବଜାୟ ରଖିବ। ଶେଷ ଥର ପାଇଁ ୨୦୨୦ ମେ ୨୨ରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ନୀତିରେ ପରବର୍ତ୍ତନ ଆଣିଥିଲା। କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ(ସିପିଆଇ) ଅନୁସାରେ ଖୁଚୁରା ମୁଦ୍ରାସ୍ଫୀତିକୁ ୪%(ଉଭୟ ପଟରୁ ୨ % ମାର୍ଜିନ)ରେ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଆର୍‌ବିଆଇକୁ କେନ୍ଦ୍ର ସରକାର କହିଥିଲେ। ସେହି ଅନୁସାରେ ମୁଦ୍ରାସ୍ଫୀତିକୁ ଲକ୍ଷ୍ୟରେ ରଖି ଆରବିଆଇ ମଧ୍ୟ ଗତ ଅଗଷ୍ଟରେ ଏହାର ମୁଦ୍ରା ନୀତି ସମୀକ୍ଷାକୁ ଅପରିବର୍ତ୍ତିତ ରଖିଥିଲା।

# ଭୁବନେଶ୍ୱରରେ ସ୍କଲ୍ ଇଣ୍ଟରନ୍ୟାଶନାଲ




ଭୁବନେଶ୍ୱର,୫।୧୨

ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ (ୟୁଏନ୍‌ଡବ୍ଲ୍ୟୁଟିଓ) ସହ ଅନୁବନ୍ଧିତ ଆନ୍ତର୍ଜାତିକ ପର୍ଯ୍ୟଟନଭିତ୍ତିକ ଅନୁଷ୍ଠାନ 'ସ୍କଲ୍ ଇଣ୍ଟରନ୍ୟାଶନାଲ'ର ଭୁବନେଶ୍ୱର ଶାଖା ଲୋକାର୍ପିତ ହୋଇଯାଇଛି। ସାରା ବିଶ୍ୱରେ ଦାୟିତ୍ୱସମ୍ପନ୍ନ ତଥା ନିରନ୍ତର ପର୍ଯ୍ୟଟନର ବିକାଶ ସହ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏକ ସମନ୍ୱୟ ସୃଷ୍ଟି ସହ ପ୍ରୋତ୍ସାହନ ଦେବାକୁ ଏହି ସଂସ୍ଥା କାର୍ଯ୍ୟ କରୁଛି। ନିକଟରେ ସ୍କଲ ଇଣ୍ଟରନ୍ୟାଶନାଲ ଭୁବନେଶ୍ୱର ଶାଖାର ସଭାପତି ଭାବେ ସ୍ୱସ୍ତି ଗ୍ରୁପର ସିଏମ୍‌ଡି ଜେ.କେ. ମହାନ୍ତି ମନୋନୀତ ହୋଇଛନ୍ତି। ସେହିଭଳି ଶାଖାର ଉପସଭାପତି ଭାବେ ଦେବାଶିଷ ପଟ୍ଟନାୟକ ଓ ରାଜକିଶୋର ପାତ୍ର ମନୋନୀନ ହୋଇଛନ୍ତି। ଶାଖାର ସମ୍ପାଦକ ଭାବେ ଦେବାଶିଷ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ଭ୍ରମଣ କୁମାର ଚୌଧୁରୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ଶାଖାର ନିର୍ଦ୍ଦେଶକ (ପିଆର୍) ସୁବ୍ରତ କୁମାର ଦାଶ ଏବଂ ସଦସ୍ୟତା ଅଧିକାରୀ ଅମର କୁମାର ସାହୁ ବୋର୍ଡକୁ ମନୋନୀତ ହୋଇଛନ୍ତି। ଏହି ଶାଖା ଓଡ଼ିଶାର ଟ୍ରାଭେଲ୍ ବ୍ୟବସାୟକୁ ଆନ୍ତର୍ଜାତିକ ସ୍ତରରେ ଯୋଡ଼ିବା ସହ ବିଶ୍ୱ ବଜାରରେ ଓଡ଼ିଶା ପର୍ଯ୍ୟଟନର ଆଗାମୀ ସମ୍ଭାବନାକୁ ଉପସ୍ଥାପନ କରିବ ବୋଲି ଶାଖା ପକ୍ଷରୁ କୁହାଯାଇଛି। ହୋଟେଲ୍ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, ସ୍କଲ ଇଣ୍ଟରନ୍ୟାଶନାଲ ଭୁବନେଶ୍ୱର ଶାଖା ଜରିଆରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବ।

# ହୋଣ୍ଡାର ହାଇନେସ୍ ଆନିଭର୍ସାରି ଏଡିଶନ୍

ଭୁବନେଶ୍ୱର,୫।୧୨




ଇଣ୍ଡିଆ ବାଇକ୍ ୱିକ୍ ୨୦୨୧ରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପକ୍ଷରୁ ନୂଆ ସିବି ୩୦୦ ଆର୍ ବିଏସ୍-୬ କୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ହାଇନେସ୍ ସିବି ୩୫୦ର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ କମ୍ପାନୀର ନୂଆ ହାଇନେସ୍ ଆନିଭର୍ସାରି ଏଡିଶନ୍‌କୁ ମଧ୍ୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସଭାପତି ଓ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ, ଆତ୍‌ସୁସି ଓଗାତା କହିଛନ୍ତି, ହୋଣ୍ଡାର ନିଓ ସ୍ପୋର୍ଟସ୍ କାଫେ ପରିବାର ଏକ ଭିନ୍ନ ମୋଟରସାଇକେଲ୍ ଷ୍ଟାଇଲ୍ ଚାଳନାକୁ ଉପସ୍ଥାପିତ କରିଛି। କମ୍ପାନୀର ବିଏସ୍-୬ ଅବତାରରେ ସିବି ୩୦୦ଆର୍ ଏହାର ସିଗ୍ନେଚର ଷ୍ଟାଇଲ୍ ଓ ସୌନ୍ଦର୍ଯ୍ୟ ସହିତ ମନଲୋଭା ଗାଡ଼ିଚାଳନାକୁ ଆଗକୁ ବଢ଼ାଇଛି। ଭାରତରେ ଉନ୍ମୋଚନ ହେବା ପରଠାରୁ ଗ୍ରାହକଙ୍କ ଭଲ ପାଇବା ଓ ଭରସାକୁ ପାଳନ କରି ହାଇନେସ୍ ସିବି୩୫୦ର ଆନିଭର୍ସାରି ଏଡିଶନ୍ ଚାଳକ ସମୁଦାୟର ଗୌରବକୁ ପ୍ରଦର୍ଶିତ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ, ବିକ୍ରି ଓ ମାର୍କେଟିଂ ୟଦ୍‌ଭିନ୍ଦର୍ ସିଂହ ଗୁଲେରିଆ କହିଛନ୍ତି, ସିବି ୩୦୦ଆର୍ ଏକ ନେକେଡ୍ ଷ୍ଟ୍ରିଟ୍ ସ୍ପୋର୍ଟସ୍ ବାଇକ୍‌ର ପ୍ରତିଶ୍ରୁତି ଦେଉଛି। ନୂଆ ସିବି୩୦୦ଆର୍ ବିଏସ୍-୬ ପରିବର୍ଦ୍ଧିତ ଶକ୍ତି ସହିତ ୨୦୨୨ରେ ଶୀଘ୍ର ଆସିବ। ଆମର ସିବି ପରମ୍ପରାକୁ ଆଗକୁ ବଢ଼ାଇ ସମ୍ପୂର୍ଣ୍ଣ ନୂଆ ହାଇନେସ୍ ସିବି୩୫୦ ଗତବର୍ଷ ଭାରତରେ ବିଶ୍ୱସ୍ତରୀୟ ଲୋକାର୍ପଣ ହୋଇଥିଲା। ଏହି ନୂଆ ଅଡିଶନରେ ବିଏସ୍-୬ର ୨୮୬ ସିସି ଡିଓଏଚ୍‌ସି ୪-ଭାଲ୍‌ଭ୍ ଲିକ୍ୱିଡ୍ କୁଲଡ୍ ସିଙ୍ଗଲ୍ ସିଲିଣ୍ଡର ଇଞ୍ଜିନ ସହିତ ପିଜିଏମ୍-ଏଫ୍‌ଆଇ ପ୍ରଯୁକ୍ତି, ଆସିଷ୍ଟ ଆଣ୍ଡ ସ୍ଲିପର୍ କ୍ଲଚ୍, ହାଲୁକା ଇନଭର୍ଟେଡ୍ ସାମ୍ନା ଫର୍କ, ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ସହିତ ଆଇଏମ୍‌ୟୁ, ମିନିମାଲିଷ୍ଟିକ୍ ଇନଷ୍ଟ୍ରୁମେଣ୍ଟ ପ୍ୟାନେଲ୍, ସାଇଡ୍: ଷ୍ଟାଣ୍ଡ ଇଣ୍ଡିକେଟର୍ ଭଳି ସୁବିଧା ରହିଛି। ଏହା ମ୍ୟାଟ୍ ଷ୍ଟିଲ୍ ବ୍ଲାକ୍ ଓ ପର୍ଲ ସ୍ପାର୍ଟାନ୍ ରେଡ୍ ରଙ୍ଗରେ ଉପଲବ୍ଧ ହେବ। ସେହିପରି ହାଇନେସ୍ ଆନିଭର୍ସାରି ଏଡିଶନ୍ ପର୍ଲ ଇଗ୍ନେଅସ୍ ବ୍ଲାକ୍ ଓ ମ୍ୟାଟ୍ ମାର୍ସଲ୍ ଗ୍ରିନ୍ ମେଟାଲିକ୍ ରଙ୍ଗରେ ଉପଲବ୍ଧ ହେବ। ଏହାର ଏକ୍ସ ଶୋ'ରୁମ୍ ଦାମ୍ ୨.୦୩ ଲକ୍ଷ ଟଙ୍କା ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

### ବିଓବିର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୨

ଭାରତୀୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ସମାଜରେ ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସେବା, ଗ୍ରାମାଞ୍ଚଳର ବିକାଶ ସହ ଜଡିତ ବିଭିନ୍ନ କାର୍ଯ୍ୟକଳାପରେ ସମୟ ସମୟରେ ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିଛି। ଏହି କାର୍ଯ୍ୟକଳାପକୁ ଧ୍ୟାନକୁ ନେଲେ ଜଣାଯାଏ ଯେ, ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ଦେଶର ସାମାଜିକ ଏବଂ ଆର୍ଥିକ ବିକାଶ ଦିଗରେ ବ୍ୟାଙ୍କ ସହଯୋଗ କରୁଛି। ଯାହା ବ୍ୟାଙ୍କର ପରିଚାଳନା ଦ୍ୱାରା ଏକ ପ୍ରଶଂସନୀୟ ପ୍ରୟାସ । ଏହି କ୍ରମରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦଙ୍କ ଦ୍ୱାରା ତାଙ୍କର ୨ ଦିନିଆ ଓଡ଼ିଶା ଗସ୍ତ ଅବସରରେ ସମ୍ବଲପୁର କ୍ଷେତ୍ରସ୍ଥିତ ବଲାଙ୍ଗୀର ଜିଲାରେ ଡ. ହରେକୃଷ୍ଣ ମହତାବ ମାନସିକ ବିକଳାଙ୍ଗ ସଂସ୍ଥାରେ ରାଶନ୍, ଶଯ୍ୟା ଏବଂ ଗଦି ବଣ୍ଟନ କରାଯାଇଥିଲା। ଏଥିସହିତ ପାର୍ବତୀ ଗିରି ବାଳନିକେତନ ବିଦ୍ୟାଳୟରେ ମଧ୍ୟ ସାନିଟାରୀ ନାପ୍‌କିନ ବିତରଣ ମେଶିନ, ରାଶନ ଏବଂ ସ୍ପୋର୍ଟ୍ସ କିଟ୍ ଆଦି ବଣ୍ଟନ କରାଯାଇଥିଲା । ଏହି ସମାରୋହରେ ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଏ.ପି. ଦାସ ମଧ୍ୟ ଉପସ୍ଥିତ ଥିଲେ।

# ସିବିଓଆଇ ମହାପ୍ରବନ୍ଧକଙ୍କ ଓଡ଼ିଶା ଗସ୍ତ




ଭୁବନେଶ୍ୱର,୫।୧୨

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର ସେଣ୍ଟ୍ରାଲ ଅଫିସ ମହାପ୍ରବନ୍ଧକ ତଥା ବିଏସ୍ ଆଣ୍ଡ ସିଏଫ୍‌ଓ, ମୁକୁଲ ଏନ୍ ଦାଣ୍ଡିଗେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ବ୍ୟାଙ୍କର ବହୁମୁଖୀ ଋଣ ଶିବିର, ଗ୍ରାହକ ସମ୍ମିଳନୀ ଏବଂ ଗ୍ରାହକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ସେ ସମୀକ୍ଷା କରିବା ସହ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ସହ ଆୟୋଜିତ ଏକ ବୈଠକରେ ମଧ୍ୟ ଯୋଗଦେଇ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ସେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ମେଗା ବହୁମୁଖୀ ଋଣ ଶିବିରରେ ଗ୍ରାହକମାନଙ୍କୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରିଥିଲେ। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ର, ମହାପ୍ରବନ୍ଧକଙ୍କ ଉପସ୍ଥିତିରେ ୧୫୦ଜଣ ଗ୍ରାହକଙ୍କୁ ପ୍ରାୟ ୧୦୦କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସାମନ୍ତରାୟ (ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ) କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସୁରେଶ ଗୋଲାନି (ସହାୟକ ମହାପ୍ରବନ୍ଧକ), ଏମ୍.କେ. ତ୍ରିପାଠୀ , ଲୋକେଶ ଭଗତ, ଏସ୍‌ସି ମହାନ୍ତି (ମୁଖ୍ୟ ପ୍ରବନ୍ଧକ) ଏବଂ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରବନ୍ଧକ ସନ୍ଦୀପ ଶତପଥୀ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ଫୁର୍‌ସତ୍

# କିସିଂ ସିନ୍‌କୁ ଆଲିଆଙ୍କ ନା



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡ ନାୟିକା ଆଲିଆ ଭଟ୍ଟ ଏବେ ତାଙ୍କ ଆଗାମୀ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି । 'ରକି ଔର ରାନି କି ପ୍ରେମ କାହାନି'ର ଶୁଟିଂ ଦିଲ୍ଲୀରେ ଚାଲିଥିବା ବେଳେ ତାଙ୍କ ବିପକ୍ଷରେ ଅଛନ୍ତି ରଣବୀର ସିଂ । ବେଶ କିଛିଦିନ ପରେ ନିର୍ଦ୍ଦେଶକ କରଣ ଜୋହର ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି। ରଣବୀର ଓ ଆଲିଆଙ୍କ ଯୋଡି ଏହା ପୂର୍ବରୁ ଫିଲ୍ମ 'ଗଲିବୟ'ରେ ଦେଖିବାକୁ ମିଳିଥିଲା। ଏଥରର ମୁଭି 'ରକି ଔର ରାନି କି ପ୍ରେମ କାହାନି' ଏକ ଲଭ ଷ୍ଟୋରୀ ହୋଇଥିବା ବେଳେ ଏଥିରେ କିନ୍ତୁ ଦର୍ଶକଙ୍କୁ ହୁଏତ ଆଲିଆ-ରଣବୀରଙ୍କ ଅତ୍ୟଧିକ ରୋମାଣ୍ଟିକ ସିନ ଦେଖିବାକୁ ନ ମିଳିପାରେ। ରିପୋର୍ଟ ଅନୁଯାୟୀ, ଉଭୟ ଆଲିଆ ଓ ରଣବୀର 'ରକି ଔର ରାନି କି ପ୍ରେମ କାହାନି'ରେ କିସିଂ ସିନ ଦେବାକୁ କୁଆଡେ ପଛଘୁଞ୍ଚା ଦେଉଛନ୍ତି। ସେମାନେ ନିଜେ ନିଜେ ଏହ ନିଷ୍ପତ୍ତି ନେଇଛନ୍ତି । ରଣବୀର ସିଂ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ବିବାହ କରି ସାରିଥିବା ବେଳେ ଆଲିଆ ରଣବୀର କପୁରଙ୍କୁ ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ହୁଏତ ଏଥିପାଇଁ ଉଭୟ କିସିଂ ସିନ୍‌କୁ ନାଁ କହୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏମାନେ 'ଗଲି ବୟ'ରେ କିସିଂ ସିନ୍ ଦେଇଥିଲେ। ହେଲେ ଏଥର ଆଲିଆ-ରଣବୀରଙ୍କ କିସିଂ ସିନ ଦେଖିବାରୁ ଦର୍ଶକେ ବଞ୍ଚିତ ହୋଇପାରନ୍ତି। 'ରକି ଔର ରାନି କି ପ୍ରେମ କାହାନି'ରେ ଧର୍ମେନ୍ଦ୍ର, ଜୟା ବଚ୍ଚନ ଓ ସବାନା ଆଜମୀ ପ୍ରମୁଖ ଭୂମିକାରେ ନଜର ଆସିବେ । ନିକଟରେ ନିର୍ଦ୍ଦେଶକ କରଣ ଜୋହର ଶୀତ ରାତିରେ ନାଇଟ ଆଉଟ କରିବା ସମୟର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ । ଏଥିରେ ରଣବୀର ସିଂ, ଆଲିଆ ଭଟ୍ଟଙ୍କ ସହ କରଣ ଜୋହର ବି ନଜର ଆସିଥିଲେ । ଫଟୋର କ୍ୟାପଶନରେ କରନ ଲେଖିଥିଲେ 'ରକି ଔର ରାନି କି ପ୍ରେମ କାହାନି'ଓ ନାଇଟ ଆଉଟ ଶୁଟିଂର ୫୬ତମ ଦିନ ।

# ସାପ ପାଇଁ ୧୩ କୋଟିର ଘର ଜାଳିଦେଲେ

**ୱାଶିଂଟନ:** ଜଣେ ଯୁବକ ନିଜ ଘରେ ଏକ ବିଷଧର ସାପକୁ ଦେଖିଥିଲେ। ଏହି ସାପକୁ ମାରିବା ପାଇଁ ସେ ଏମିତି କିଛି କାଣ୍ଡ କଲେ, ଯାହା ଏବେ ଚର୍ଚ୍ଚିତ ଖବର ପାଲଟିଛି। ଆମେରିକାର ମ୍ୟାରିଲାଣ୍ଡର ଜଣେ ଯୁବକ ସାପକୁ ମାରିବା ପାଇଁ ଘର ଉପରକୁ ଜଳନ୍ତା କୋଇଲା ପକାଇଥିଲେ। ଏହା ପରେ ସାପ ମଲା କି ନାହିଁ ଜଣା ନାହିଁ, କିନ୍ତୁ ପୂରା ଘର ଜଳିଯାଇଛି। ଜଳିଯାଇଥିବା ଘର ପ୍ରାୟ ୧୦ ହଜାର ବର୍ଗଫୁଟ୍‌ରେ ନିର୍ମାଣ ହୋଇଥିଲା ଏବଂ ଏହାର ମୂଲ୍ୟ ୧୩ କୋଟି ଟଙ୍କା ହେବ। ନିଆଁକୁ ଆୟତ୍ତ କରିବା ପାଇଁ ୭୫ ଜଣ ଅଗ୍ନିଶମ କର୍ମଚାରୀ ଆସିଥିଲେ। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଜଳିପୋଡ଼ି ଛାରଖାର ହୋଇଯାଇଥିଲା। ଏହି ନିଆଁ ଏତେ ଭୟଙ୍କର ଥିଲା ଯେ, ଚାରିଆଡ଼କୁ ବ୍ୟାପି ଯାଇଥିଲା। ଫଳରେ ପୂରା ବିଲ୍ଡିଂଟା ଜଳି ଯାଇଥିଲା।

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଆଦି)
ଭାଗ୍ୟଜିତ୍
ଶିଶୁପାଳଗଡ଼
ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା ତୋ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ବାପା: ରମ୍ୟ ରଞ୍ଜନ ସୁନ୍ଦରାୟ, ମାମା: ରଶ୍ମିତା ସୁନ୍ଦରାୟ, ବଡ଼ବାପା: ସୌମ୍ୟ ରଞ୍ଜନ ସୁନ୍ଦରାୟ, ବଡ଼ମାଆ: ବନ୍ଦିତା, ଅଜା, ଆଈ, ସୁନ୍ଦରାୟ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୪୬୪

**ମନେ ପଡ଼ନ୍ତି**

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ୟାମ ସୁନ୍ଦର ସାହୁ
ଆଜି ତୁମର ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ହତଭାଗ୍ୟ: ସ୍ତ୍ରୀ: ଶକୁନ୍ତଳା ସାହୁ, ପୁତ୍ର: ଅମୂଲ୍ୟ ସାହୁ, ଗଣେଶ ସାହୁ, ନାତି: ଆଦିତ୍ୟ ସାହୁ, ନାତୁଣୀ: ଗୁଡ଼ି, ଗୁଡୁଲି, ବର୍ଷା, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ ।
ଧ-୨୨୪୬୫

ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି



୰ଦମୟନ୍ତୀ ଦେଈ
ଆବିର୍ଭାବ: ୦୨।୦୭।୧୯୪୭
ତିରୋଧାନ: ୦୭।୧୨।୨୦୦୨
ଆଜି ତୁମର ତିରୋଧାନ ଦିବସ, ତୁମରି ସ୍ମରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ତୁମର ଝିଅ: ନିବେଦିତା ଓ ନାତି: ରିୟାନ।
ଧ-୨୨୪୬୩

# ନିର୍ମାଣ ହେବ ବାର୍ ଡ୍ୟାନ୍ସରଙ୍କ ବାୟୋପିକ୍



**ମୁମ୍ବାଇ:** ଫର୍‌ଦିନ ଖାନ୍ ଓ ରିତେଶ ଦେଶମୁଖଙ୍କ ଅଭିନୀତ ଫିଲ୍ମ 'ବିସ୍ଫୋଟ'ର କାମ ଶେଷ ହେବା ପରେ ଏବେ ସଞ୍ଜୟ ଗୁପ୍ତା ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ସଜବାଜ ହେଉଥିବା ଶୁଣିବାକୁ ମିଳିଛି । ମୁମ୍ବାଇର ଟୋପାଜ ବାର୍‌ରେ ଭାରତର ସବୁଠାରୁ ନାଁ କରା ତଥା ବିବାଦୀୟ ବାର୍ ଡ୍ୟାନ୍ସର ସ୍ୱିଟିଙ୍କ ଉପରେ ଏକ ବାୟୋପିକ ନିର୍ମାଣ କରିବାକୁ ଯାଉଛନ୍ତି। ଟୋପାଜ ଏହାର ଟାଇଟଲ ରଖିବାକୁ ସ୍ଥିର କରାଯାଇଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେବେ ସମିତ କକ୍କଡ । ଆସନ୍ତା ବର୍ଷ ଏହା ଶେଷ ହେବ। ଏବେ ଫିଲ୍ମର କାଷ୍ଟିଂ ଚାଲିଥିବା ବେଳେ ଏହା ମୁମ୍ବାଇର ଆଖାପାଖ ସ୍ଥାନରେ ଶୁଟିଂ କରାଯିବ। ସଞ୍ଜୟ ଗୁପ୍ତା କହିଛନ୍ତି ଏବେ ଏହି ଫିଲ୍ମ କରିବାର ଠିକ୍ ସମୟ ଆସିଛି। ବିବାଦୀୟ ବାର ଡ୍ୟାନ୍ସରଙ୍କ ଜୀବନ ମୁମ୍ବାଇ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ରଙ୍ଗିନ ଓ ରୋମାଞ୍ଚକର ଫିଲ୍ମ ପାଇଁ ଏହି ବାୟୋପିକ୍‌କୁ ବାଛିଥିବା ସଞ୍ଜୟ କହିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋର୍ଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କେମିତି ମଦ ଛାଡ଼ିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାଗରୀ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

LOAN DHAMAKA
AADARSH FINANCE
ଆଦର୍ଶ ଫାଇନ୍ସାସ୍ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି ।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ : 9432985505
: 9432985505






# ସଫଳ ପରିସମାପ୍ତି

**ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍ (୨୧ ବର୍ଷରୁ କମ୍)ର ସଫଳ ପରିସମାପ୍ତି ଘଟିଛି। ନଭେମ୍ବର ୨୪ରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଗତଥରର ଚାମ୍ପିୟନ ଭାରତ ଏଥର ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। କୋଭିଡ୍-୧୯ ଜନିତ ପରିସ୍ଥିତିରେ ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ଚ୍ୟାଲେଞ୍ଜ ରହିଥିଲା। ମାତ୍ର ଅନ୍ତର୍ଜାତୀୟ ହକି ଫେଡେରେଶନ, ହକି ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଏହା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ପ୍ରତିଯୋଗିତାର ସଫଳ ଏବଂ ସୁରକ୍ଷିତ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ଖେଳାଳିଙ୍କଠାରୁ ଆରମ୍ଭ କରି ସପୋର୍ଟ ଷ୍ଟାଫ୍, ହୋଟେଲ କର୍ମଚାରୀ ଏବଂ ପ୍ରତିଯୋଗିତା ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କର ପ୍ରତି ୭୨ ଘଣ୍ଟାରେ ଆରଟି-ପିସିଆର ଟେଷ୍ଟ ହୋଇଥିଲା। ଟୁର୍ନାମେଣ୍ଟ କଭର କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କର ପ୍ରତି ୪୮ ଘଣ୍ଟାରେ ଟେଷ୍ଟିଂ ହୋଇଥିଲା। ପୂରା ପ୍ରତିଯୋଗିତା ଅବସରରେ କ୍ରୀଡ଼ା ବିଭାଗ ପକ୍ଷରୁ ସେବା ଦାୟିତ୍ୱରେ ନିଯୁକ୍ତ ଜଣେ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କେହି କୋଭିଡ୍ ସଂକ୍ରମିତ ହୋଇ ନ ଥିଲେ। ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କୋଭିଡ୍ କଟକଣା କାରଣ ଦର୍ଶାଇ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଓହରି ଯିବାରୁ ଆମେରିକା, ପୋଲାଣ୍ଡ ଓ କାନାଡ଼ାକୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଥିଲା। ପୂର୍ବତନ ଚାମ୍ପିୟନ ପାକିସ୍ତାନ ଏଥର ୧୧ତମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିବାବେଳେ ସବୁଠାରୁ ସଫଳ ଦଳ ଜର୍ମାନୀ ଓ ୨୦୦୫ ଚାମ୍ପିୟନ ଆର୍ଜେଣ୍ଟିନା ଫାଇନାଲରେ ପ୍ରବେଶ କରିଥିଲେ।

### ଫ୍ରାନ୍ସରୁ ଆରମ୍ଭ ଓ ଶେଷ

ଭାରତର ଅଭିଯାନ ଫ୍ରାନ୍ସ ବିପକ୍ଷ ମ୍ୟାଚରୁ ଆରମ୍ଭ ହୋଇଥିଲା ଏବଂ ସେହି ଫ୍ରାନ୍ସ ବିପକ୍ଷ ମ୍ୟାଚ ସହ ଶେଷ ହୋଇଥିଲା। ପ୍ରଥମ ମ୍ୟାଚରେ ଫ୍ରାନ୍ସଠାରୁ ୪-୫ ଗୋଲରେ ହାରିଥିବା ଭାରତ ପରେ କନାଡ଼ାକୁ ୧୩-୧ ଓ ପୋଲାଣ୍ଡକୁ ୮-୨ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ଗତଥରର ରନର୍ସଅପ୍ ବେଲ୍‌ଜିୟମକୁ ୧-୦ ଗୋଲରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲା। ମାତ୍ର ସେମିରେ ଜର୍ମାନୀଠାରୁ ହାରି ଦଳ ତୃତୀୟ ସ୍ଥାନ ପାଇଁ ଫ୍ରାନ୍ସ ସହ ମୁକାବିଲା କରିଥିଲା। ମାତ୍ର ପ୍ରଥମ ମ୍ୟାଚ ପରି ଶେଷ ମ୍ୟାଚରେ ମଧ୍ୟ ଫ୍ରାନ୍ସ ପ୍ରଭାବୀ ପ୍ରଦର୍ଶନ କରି ଭାରତକୁ ପରାସ୍ତ କରିଥିଲା।

### ବାତ୍ୟା ଜୱାଦର ଛାପ

ବାତ୍ୟା ଜୱାଦ ପ୍ରଭାବରେ ଟୁର୍ନାମେଣ୍ଟର ଶେଷ ଦୁଇଦିନର କେତେକ ମ୍ୟାଚ ବର୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବାତ୍ୟା ପୁରୀରେ ଲ୍ୟାଣ୍ଡଫଲ୍ କରିବ ବୋଲି ଆକଳନ କରାଯାଉଥିଲା। ସେଥିପାଇଁ ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ ମ୍ୟାଚଗୁଡ଼ିକର ସଫଳ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ସେ ବିପଦ ଟଳିଥିଲା। କେବଳ ବର୍ଷା ହେବାରୁ ମ୍ୟାଚଗୁଡ଼ିକ ସମ୍ଭବ ହୋଇ ପାରିଥିଲା। ବର୍ଷା ସତ୍ତ୍ୱେ ଦର୍ଶକମାନେ ରେନ୍‌କୋଟ ପିନ୍ଧି ଏବଂ ଛତା ଧରି ଭାରତର ସେମିଫାଇନାଲ ମ୍ୟାଚ ଉପଭୋଗ କରି ହକି ପ୍ରତି ସେମାନଙ୍କର ଭଲପାଇବାକୁ ପ୍ରଦର୍ଶିତ କରିଥିଲେ।

### କୁଆଲାଲମ୍ପୁରରେ ପରବର୍ତ୍ତୀ ସଂସ୍କରଣ

ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୩ରେ ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ହେବ। ୨ ବର୍ଷ ବ୍ୟବଧାନରେ ସେଠାରେ ପୁଣି ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏକତ୍ରିତ ହେବେ। ୫ଟି କନ୍‌ଫେଡେରେଶନରୁ ଏହି ୧୬ ଦଳ ସେଠାରେ ମୁକାବିଲା କରିବେ।



## ସୁନୀତା ଲାକ୍ରା ସମ୍ବର୍ଦ୍ଧିତ

ଭାରତୀୟ ମହିଳା ହକି ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ସୁନୀତା ଲାକ୍ରାଙ୍କୁ ସମ୍ମାନିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଜୁନିୟର ହକି ବିଶ୍ୱକପ୍ ବେଳେ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେତେବେଳେ ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର. ଭିନିଲ୍ କ୍ରିଷ୍ଣା ଉପସ୍ଥିତ ଥିଲେ। ଓଡ଼ିଶାର ସୁନୀତା ଲାକ୍ରା ଭାରତୀୟ ମହିଳା ହକି ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ। ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୧୮ରେ ତାଙ୍କ ଅଧିନାୟକତ୍ୱରେ ଭାରତ ରୌପ୍ୟ ପଦକ ଲାଭ କରିଥିଲା। ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ଏବଂ ୨୦୧୪ରେ ବ୍ରୋଞ୍ଜ ଜିତିଥିବା ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ହକିରୁ ଅବସର ନେଇସାରିବା ପରେ ମଧ୍ୟ ରାଜ୍ୟରେ ଯୁବ ମହିଳା ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଅବସରରେ ପୂର୍ବତନ ଷ୍ଟାର ଡିଫେଣ୍ଡର ଦିଲୀପ ତିର୍କୀ ସୁନୀତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଭାବୀ ପ୍ରଦର୍ଶନ ଜରିଆରେ ସୁନୀତା ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଥିବା ସେ କହିଛନ୍ତି।

## ବିଶାଳ, ଭିନିଲ, ସନ୍ଦୀପ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି):** ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ରବିବାର ଅର୍ଥ ସଚିବ ବିଶାଳ କୁମାର ଦେବ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ସନ୍ଦୀପ ପ୍ରଧାନଙ୍କୁ ଜୁନିୟର ହକି ବିଶ୍ୱକପର ପ୍ରତିକୃତି ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ-ଫ୍ରାନ୍ସ ଜୁନିୟର ହକି ବିଶ୍ୱକପ୍‌ର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚର ପ୍ରଥମାର୍ଦ୍ଧ ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାତ୍ରା ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁନୀତା ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୬ଷ୍ଠରେ ରହିଲା ରନର୍ସଅପ୍ ବେଲ୍‌ଜିୟମ

**ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପ୍‌ର ରବିବାର ଖେଳାଯାଇଥିବା କ୍ଲାସିଫିକେଶନ ମ୍ୟାଚରେ ନେଦରଲାଣ୍ଡ୍ସ ୬-୪ ଗୋଲରେ ବେଲଜିୟମକୁ ହରାଇ ଦେଇଛି। ଫଳରେ ନେଦରଲାଣ୍ଡ୍ସ ୫ମ ଓ ଗତ ସଂସ୍କରଣର ରନର୍ସଅପ୍ ବେଲଜିୟମ ୬ଷ୍ଠ

**ବିଜୟ ସହ ଅଭିଯାନ ଶେଷକଲା ନେଦରଲାଣ୍ଡ୍ସ**

ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ ଟୁର୍ନାମେଣ୍ଟର ଟପ୍ ସ୍କୋରର ମାଇଲ୍ସ ବୁକେନ୍ସ ଗୋଲ ସ୍କୋରିଂରେ ହାଟ୍ରିକ କରିଥିଲେ ହେଁ ଉନ୍ନତ ପ୍ରଦର୍ଶନ ପାଇଁ ଗୁସ୍ ଜାନସେନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ ଆରମ୍ଭରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗ ଦେଇଥିଲେ।




ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ମ୍ୟାଚ ଆରମ୍ଭରୁ ନେଦରଲାଣ୍ଡ୍ସ ପ୍ରାଧାନ୍ୟ ବିସ୍ତାର କରିଥିଲେ ହେଁ ବେଲଜିୟମ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ୮ମ ମିନିଟରେ ଟୁର୍ନାମେଣ୍ଟର ଟପ୍ ସ୍କୋରର ମାଇଲ୍ସ ବୁକେନ୍ସ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡ୍ସକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଆଉ ଏକ ଗୋଲ ଦେଇ ବ୍ରେଣ୍ଟ ଭାନ୍ ବିଜନେନ ଦଳର ଅଗ୍ରଣୀ ବ୍ୟବଧାନକୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ନେଦରଲାଣ୍ଡ୍ସର ବୁକେନ୍ସ ୨୦ ଓ ୨୭ ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇଥିବାବେଳେ ୨୫ତମ ମିନିଟରେ ବେଲଜିୟମର ଥିବାଉଟ ଡିପ୍ଲସ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପେନାଲ୍ଟି କର୍ନରରୁ ଏହି ଗୋଲଟି ହୋଇଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ନେଦରଲାଣ୍ଡ୍ସ ୪-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲେ ହେଁ ବେଲଜିୟମ ୨ଟି ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ୩୬ ଓ ୩୮ତମ ମିନିଟରେ ବେଲଜିୟମର ରୋମାନ ଡୁଭେକଟ ୨ଟି ଯାକ ଫିଲ୍ଡ ଗୋଲ ଦେଇଥିଲେ। ତେବେ ୩୯ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ନେଦରଲାଣ୍ଡ୍ସର ଗୁସ୍ ଜାନସେନ ଗୋଲରେ ପରିଣତ କରି ଦଳର ଅଗ୍ରଣୀକୁ ଦୃଢ଼ କରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନେଦରଲାଣ୍ଡ୍ସର କାସ୍ପର ଭାନ୍ ଡର୍ ଭେନ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ୫୨ତମ ମିନିଟରେ ଏହି ଦଳର ବିପଜ୍ଜନକ ପ୍ରଦର୍ଶନ ଯୋଗୁ ବେଲଜିୟମକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ଜେଫ୍ ଡି ୱିଣ୍ଟର ଏହାକୁ ଗୋଲରେ ପରିଣତ କରିବାରେ କୌଣସି ତ୍ରୁଟି କରି ନ ଥିଲେ। ମାତ୍ର ମ୍ୟାଚକୁ ବରାବର ସ୍ଥିତିକୁ ଆଣିବା ପାଇଁ ଆଉ ସମୟ ନ ଥିଲା। ଫଳରେ ଗତ ସଂସ୍କରଣର ରନର୍ସଅପ୍ ବେଲଜିୟମ ପରାଜୟ ସହ ଅଭିଯାନ ଶେଷ କରିବାକୁ ବାଧ୍ୟ ହୋଇଥିଲା।

## ଚିରମାକୋଙ୍କ ଚମତ୍କାର ପ୍ରଦର୍ଶନ




ଜୁନିୟର ହକି ବିଶ୍ୱକପ୍‌ରେ ଭାରତ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିପାରି ନ ଥିଲେ ହେଁ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ସେ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ୨ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ମଧ୍ୟ ସେ ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂରା ଟୁର୍ନାମେଣ୍ଟରେ ଦେଖିବାକୁ ଗଲେ ସେ ଆକର୍ଷଣୀୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟ ୨ଖେଳାଳି ସୁନୀଲ ଜୋଜୋ ଓ ଅଭିଷେକ ଲାକ୍ରା ମଧ୍ୟ ଭଲ ଖେଳିଥିଲେ।

## ସ୍ପେନ ସପ୍ତମ, ମାଲେସିଆ ୮ମ

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ରବିବାର ଖେଳାଯାଇଥିବା କ୍ଲାସିଫିକେଶନ ମ୍ୟାଚରେ ମାଲେସିଆକୁ ୪-୧ ଗୋଲରେ ପରାସ୍ତ କରି ସ୍ପେନ ୭ମ ସ୍ଥାନ ଅଧିକାର କରିଛି। ମାଲେସିଆ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପୂର୍ବାହ୍ନ ୧୦ଟା ୩୦ରେ ମ୍ୟାଚ ଆରମ୍ଭ ହେବାକୁ ଥିଲେ ହେଁ ବର୍ଷା ଯୋଗୁ ୪୫ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ସମ୍ପୂର୍ଣ୍ଣ ମ୍ୟାଚ ବର୍ଷାରେ ଖେଳା ଯାଇଥିଲା। ବ୍ରେକ୍ ସମୟରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଟର୍ଫ ଉପରୁ ପାଣି ସଫା କରିଥିଲେ।

ମ୍ୟାଚର ୪ର୍ଥ ମିନିଟରେ ମାଲେସିଆ ଅଧିନାୟକ ଅନୁଆର ଅଖିମୁଲ୍ଲା ଏକ ଫିଲ୍ଡ ଗୋଲ ଦେଇ ସ୍ପେନ ଉପରେ ଚାପ ପ୍ରୟୋଗ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ସ୍ପେନର ଏଡୁଆର୍ଡ ଡି ଇଗ୍ନାସିଓ-ସିମୋ ଗୋଲଟି ପରିଶୋଧ କରି ଦେଇଥିଲେ। ପ୍ରଥମ କ୍ୱାର୍ଟରର ଅବଶିଷ୍ଟାଂଶ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୪ର୍ଥ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ୪୯ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପାଉ କୁନିଲ ସ୍ପେନକୁ ଅଗ୍ରଣୀ କରାଇଥିଲେ। ୫୫ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନରରୁ ଗୋଲ ଦେଇ ସ୍ପେନ୍‌ର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ ପେପେ କୁନିଲ। ମାଲେସିଆ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୫୮ତମ ମିନିଟରେ ସ୍ପେନକୁ ଆଉ ଏକ ପେନାଲ୍ଟି କର୍ନର ମିଳିଯାଇଥିଲା। ଏହାକୁ ପାଉ କୁନିଲ ଗୋଲରେ ପରିଣତ କରିବାରୁ ସ୍ପେନର ବିଜୟ ନିଶ୍ଚିତ ହୋଇ ଯାଇଥିଲା। ପାଉ କୁନିଲଙ୍କର ଏହା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ତେବେ ଉନ୍ନତ ପ୍ରଦର୍ଶନ ପାଇଁ ପେପେ କୁନିଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ପେପେ କୁନିଲଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଭାରତକୁ ୪ର୍ଥ ସ୍ଥାନ, ଫ୍ରାନ୍ସ ୩ୟ

**ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)**

ଜୁନିୟର ହକି ବିଶ୍ୱକପ୍‌ରେ ଗତ ସଂସ୍କରଣର ଚାମ୍ପିୟନ ଭାରତ ଏଥର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତ ୧-୩ ଗୋଲରେ ଫ୍ରାନ୍ସ ନିକଟରୁ ହାରିଯାଇଛି। ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବା ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ ଏକମାତ୍ର ଗୋଲଟି ଦେଇଥିବାବେଳେ ଅଧିନାୟକ ଟିମୋଥି କ୍ଲିମେଣ୍ଟଙ୍କ ହ୍ୟାଟ୍ରିକ ଫ୍ରାନ୍ସକୁ ବିଜୟ ସ୍ୱାଦ ଚଖାଇଥିଲା। ଚଳିତ ବିଶ୍ୱକପରେ ଫ୍ରାନ୍ସ ନିକଟରୁ ପରାଜୟ ସହ ଭାରତ ଅଭିଯାନ ଆରମ୍ଭ କରିଥିଲା। ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ମ୍ୟାଚ ଆରମ୍ଭରେ ଅର୍ଥ ସଚିବ ବିଶାଳ କୁମାର ଦେବ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ସନ୍ଦୀପ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ହ୍ୟାଟ୍ରିକ ଗୋଲ ସ୍କୋରର କ୍ଲିମେଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ୨୦୧୩ରେ ରନର୍ସଅପ୍ ହୋଇଥିବା ଫ୍ରାନ୍ସ ପ୍ରଥମଥର ପାଇଁ ତୃତୀୟ ସ୍ଥାନ ଅଧିକାର କରିଛି। ଜୁନିୟର ହକି ବିଶ୍ୱକପ୍‌ରେ ଫ୍ରାନ୍ସର ଏହା ଦ୍ୱିତୀୟ ଶ୍ରେଷ୍ଠ ସଫଳତା।






ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ପରାଜିତ ଭାରତୀୟ ଦଳ ଓ ବିଜୟୀ ଫ୍ରାନ୍ସ ଦଳ।

### ୪୮ତମ ସେକେଣ୍ଡରେ ପେନାଲ୍ଟି କର୍ନର

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ଭାରତ। ଅମ୍ପାୟର ହୁଇସିଲ ବଜାଇବା ମାତ୍ରେ ଭାରତୀୟ ଖେଳାଳିମାନେ ବଲ୍ ନେଇ ଫ୍ରାନ୍ସ ଗୋଲପୋଷ୍ଟ ଡି' ଏରିଆରେ ପ୍ରବେଶ କରିଥିଲେ। ଫଳରେ ୪୮ତମ ସେକେଣ୍ଡରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ସଞ୍ଜୟଙ୍କ ଶଟ୍‌କୁ ଫ୍ରାନ୍ସ ଗୋଲକିପର ଗୁଇଲାଉମି ଡି' ଭାଉସେଲେସ ସେଭ୍ କରି ଦେଇଥିଲେ। ୧୧ତମ ମିନିଟରେ ଭାରତ ଅଳ୍ପକେ ଅଗ୍ରଣୀ ନେବାରୁ ବଞ୍ଚିତ ହୋଇଥିଲା। ଅରିଜିତ ସିଂ ହୁଣ୍ଡାଲଙ୍କ ବଲ୍ ବାର୍‌ରେ ବାଜି ଫେରିଆସିଥିଲା। ୧୪ତମ ମିନିଟରେ ଫ୍ରାନ୍ସକୁ ଲଗାତର ୩ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ଏହାକୁ ସଫଳତାର ସହ ଡିଫେଣ୍ଡ କରିଥିଲେ। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଫ୍ରାନ୍ସ ପୁଣି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଏଥର ମଧ୍ୟ ଦଳ ତାହାକୁ ଗୋଲରେ ଫିନିଶ କରିପାରି ନ ଥିଲା। ୨୬ତମ ମିନିଟରେ ଫ୍ରାନ୍ସ ଗୋଲ ସ୍କୋର କରି ବହୁମୂଲ୍ୟ ଅଗ୍ରଣୀ ହାସଲ କରିଥିଲା। ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରିଥିଲେ ଦଳର ଅଧିନାୟକ ଟିମୋଥି କ୍ଲିମେଣ୍ଟ। ପ୍ରଥମାର୍ଦ୍ଧ ଶେଷରେ ଫ୍ରାନ୍ସ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଫ୍ରାନ୍ସ ଦଳ ଆକ୍ରମଣକୁ ଜୋରଦାର କରିଥିଲା। ୩୪ତମ ମିନିଟରେ ଦଳକୁ କ୍ରମାଗତ ୪ଟି ପେନାଲ୍‌ଟି କର୍ନର ମିଳିଥିଲା। ମାତ୍ର ଗୋଲ ହୋଇପାରି ନ ଥିଲା। ସେହି ୩୪ ମିନିଟରେ ଫ୍ରାନ୍ସ ପୁଣି ଏକ ସୁଯୋଗ ସୃଷ୍ଟି କରିଥିଲା। ଏଥର କିନ୍ତୁ କ୍ଲିମେଣ୍ଟ କୌଣସି ଭୁଲ ନ କରି ଗୋଲ ସ୍କୋର ସହ ଫ୍ରାନ୍ସର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। କ୍ଲିମେଣ୍ଟଙ୍କର ଏହା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ୩୭ତମ ମିନିଟରେ ଭାରତ ପାଇଁ ଗୋଟିଏ ଗୋଲ ପରିଶୋଧର ସୁଯୋଗ ଆସିଥିଲେ ହେଁ ପେନାଲ୍ଟି କର୍ନର ସୁଯୋଗର ଖେଳାଳିମାନେ ସଦୁପଯୋଗ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୪୨ତମ ମିନିଟରେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ ଅତି ଚତୁରତାର ସହ ଏକ ଫିଲ୍ଡ ଗୋଲ ସ୍କୋର କରିଥିଲେ। ୪୫ତମ ମିନିଟରେ ଚିରମାକୋ ଆଉଥରେ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ପୂରା ମ୍ୟାଚରେ ଚିରମାକୋଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଚତୁର୍ଥ କ୍ୱାର୍ଟର ଆରମ୍ଭରେ ଟିମୋଥି ଆଉ ଏକ ଗୋଲ ଦେଇ ବ୍ୟକ୍ତିଗତ ହ୍ୟାଟ୍ରିକ ଅର୍ଜନ କରିବା ସହ ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୪୭ତମ ମିନିଟରେ ପେନାଲ୍ଟି କର୍ନରରୁ ସେ ଏହି ଗୋଲ ଦେଇଥିଲେ। ୫୧ତମ ମିନିଟରେ ଭାରତ ପେନାଲ୍ଟି କର୍ନର ପାଇଥିଲେ ହେଁ ସଞ୍ଜୟଙ୍କ ଶଟ୍ ଲକ୍ଷ୍ୟହୀନ ରହିଥିଲା। ଶେଷ ୯ ମିନିଟରେ ଭାରତ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ମ୍ୟାଚରେ ଫ୍ରାନ୍ସ ୯ଟି ପେନାଲ୍ଟି କର୍ନର ପାଇଥିବାବେଳେ ସେଥିରୁ ୩ଟି ଗୋଲ ଦେଇଥିଲା। ଅନ୍ୟପକ୍ଷରେ ଭାରତ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନ ଥିଲା। ବିଜୟ ହାସଲ କରିବା ପରେ ଫ୍ରାନ୍ସ ଖେଳାଳିମାନେ ଆନନ୍ଦ ଉତ୍ସବ ମନାଇଥିବାବେଳେ ଭାରତୀୟ ଖେଳାଳିମାନେ ଦୁଃଖରେ ବିଦାୟ ନେଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

48

# ଧରିତ୍ରୀ

DHARITRI

୪୮

ଭୁବନେଶ୍ୱର, ସୋମବାର, ଡିସେମ୍ବର ୬/୨୦୨୧ (୮+୮=୧୬ ପୃଷ୍ଠା)

Bhubaneswar, Monday, December 6/2021




## ସଂସଦ ଟିଭି ଶୋ'ରୁ ଓହରିଲେ ପ୍ରିୟଙ୍କା

ରାଜ୍ୟ ସଭାରୁ ନିଲମ୍ବିତ ଶିବସେନା ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ ସଂସଦ ଟିଭି ଶୋ'ର ଉପସ୍ଥାପିକା ପଦରୁ ଇସ୍ତଫା ଦେଇଛନ୍ତି।

୦୩

୦୮

## ହାଡ୍‌ଲୀଙ୍କ ସମକକ୍ଷ ହେଲେ ଅଶ୍ୱିନ

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ରିଚାର୍ଡ ହାଡ୍‌ଲୀଙ୍କ ସମକକ୍ଷ ହୋଇଛନ୍ତି ଭାରତୀୟ ବୋଲର ରବିଚନ୍ଦ୍ରନ ଅଶ୍ୱିନ।





ପାରାଦୀପ ବତିଘର ନିକଟ ନୂଆବଜାର କଲୋନୀରେ ବର୍ଷା ଜଳ ଜମିଛି।

# ଉପକୂଳରେ ପ୍ରବଳ ବର୍ଷିଲା

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ବାତ୍ୟା 'ଜୱାଦ' ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରୁ ଅବପାତରେ ପରିଣତ ହୋଇଛି। ଏହି ଅବପାତ ରବିବାର ଅପରାହ୍ନ ୨ଟା ୩୦ରେ ଓଡ଼ିଶା ଉପକୂଳର ନିକଟତର ହୋଇ ବଙ୍ଗୋପସାଗରର ଉତ୍ତରପଶ୍ଚିମରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଉତ୍ତରପୂର୍ବ ଆଡ଼କୁ ଘଣ୍ଟା ପ୍ରତି ୨୫ କି.ମି. ବେଗରେ ଗତି କରି ପାରାଦୀପର ଦକ୍ଷିଣପୂର୍ବ ଦିଗରେ ୩୦ କିମି ଦୂରରେ ରହିଥିଲା। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ସୂଚନାନୁସାରେ, ଏହି ଅବପାତ କ୍ରମଶଃ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଦେଇ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ଅଗ୍ରସର ହେଉଛି। ପୁନର୍ବାର ଏହା ଦୁର୍ବଳ ହୋଇ ଏକ ସ୍ୱଷ୍ଟ ଲଘୁଚାପ ବଳୟରେ ରୂପାନ୍ତରିତ ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ୪୫-୫୫ କି.ମି. ଘଣ୍ଟା ପ୍ରତି ବେଗରେ କୋହଲା ପବନ ବହିବ। କେତେକ ସ୍ଥାନରେ ଏହାର ବେଗ ସର୍ବାଧିକ ୬୫ କି.ମି ରହିବ। ପରବର୍ତ୍ତୀ ୧୨ ଘଣ୍ଟାରେ ପବନର ବେଗ ୩୦-୪୦ କି.ମି.କୁ ଖସି ଆସିବାର ସମ୍ଭାବନା ରହିଛି। ତେବେ ଓଡ଼ିଶାକୁ ବାତ୍ୟା ବିପଦ ଟଳିଥିଲେ ମଧ୍ୟ ରାଜ୍ୟରେ ଉପକୂଳଠାରୁ ଆରମ୍ଭ କରି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି। ରବିବାର ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ପାରାଦୀପର ସର୍ବାଧିକ ୨୦୧ ମି.ମି. ବର୍ଷା ହୋଇଥିବାବେଳେ ଏରସମାରେ ୧୮୮, ବାଲିକୁଦାରେ ୧୩୦, ନୂଆଗାଁରେ ୧୨୩, କୁଜଙ୍ଗରେ ୧୧୪ ମି.ମି. ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଚାଷ ଜମିରେ ପାଣି ଉଚ୍ଛୁଳି ତଳିଆ ଅଞ୍ଚଳରେ ଥିବା କଲୋନୀ ଓ ବସ୍ତିରେ ପାଣି ପଶିଯାଇଛି। କିଛି ସ୍ଥାନରେ ଗଛ ଉପୁଡ଼ିଯାଇଛି। ପାରାଦୀପର ନୂଆବଜାର, ମଧୁବନ, ବଙ୍ଗାଳିପଡା, ବିଜୟଚନ୍ଦ୍ରପୁର, ବାଲିଝରା, ବାଉରିଆପାଳନ୍ଦା, ଜଗନ୍ନାଥ କଲୋନୀ, ରାଜୀବନଗର, ଚନକଣ, ଚାନ୍ଦିନୀ, ଲକପଡା ଆଦି ଅଞ୍ଚଳରେ ରାସ୍ତାରେ ପାଣି ଚାଲିଛି। ଦିନତମାମ ବର୍ଷା ଲାଗି ରହିବା ଯୋଗୁ ବନ୍ଦରର ପଣ୍ୟ କାରବାର ବାଧାପ୍ରାପ୍ତ ହୋଇଛି। ଇଫ୍‌କୋ, ପିପିଏଲ୍, ତୈଳ ବିଶୋଧନାଗାର ପ୍ଲାଣ୍ଟ ପରିସରରେ ପାଣି ଜମିଛି। ଏପରିକି ବର୍ଷା ପାଇଁ ପାରାଦୀପର ମୁଖ୍ୟ ବଡ଼ପଡିଆ ବଜାର ବନ୍ଦ ହୋଇଯାଇଥିଲା। ସେହିପରି ବାରିପଦାରେ ୩୯, ଚାନ୍ଦବାଲି ୩୪.୮, ଅନୁଗୋଳ ୨୯, ବାଲେଶ୍ୱର ୨୮.୫, ପୁରୀ ୨୭.୫, ଭୁବନେଶ୍ୱର ୧୩.୬, କେନ୍ଦୁଝର ୧୩.୨, ତାଳଚେର ୧୦, ଦାରିଙ୍ଗବାଡ଼ି ୮, କଟକ ୬, ବୌଦ୍ଧ ୬, ଛତ୍ରପୁରରେ ୫.୮ ମି.ମି. ବର୍ଷା ହୋଇଛି। ତେବେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ୍‌ରେ ସର୍ବାଧିକ ୧୫୮ମି.ମି. ବୃଷ୍ଟିପାତ ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସୂଚନାନୁସାରେ, 'ଜୱାଦ' ଓଡ଼ିଶା ପାର୍ଶ୍ୱ ସମୁଦ୍ର ଦେଇ ଗତି କରୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ପଶ୍ଚିମ କେନ୍ଦ୍ରୀୟ, ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ-ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ଯିବା ନିମନ୍ତେ ବାରଣ କରାଯାଇଛି। ଓଡ଼ିଶାର ସମସ୍ତ ସାମୁଦ୍ରିକ ବନ୍ଦରଠାରେ ସ୍ଥାନୀୟ ସତର୍କତା ସିଗ୍‌ନାଲ୍-୩ ଜାରି କରାଯାଇଛି। ବାତ୍ୟା ପ୍ରଭାବିତ ୬ ଜିଲାର ୧୨୦ ଆଶ୍ରୟସ୍ଥଳିରେ ପାଖାପାଖି ୪ହଜାର ଲୋକ ବର୍ତ୍ତମାନ ଆଶ୍ରୟ ନେଇଛନ୍ତି। ପ୍ରାୟ ୪୦୦ ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଦ୍ଧାର କରିବା ନିମନ୍ତେ ୨୬୬ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ବାତ୍ୟାର ଗତିବିଧି ସହ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଜିଲା ସମେତ କଟକ, ଭୁବନେଶ୍ୱର ସହରରେ ବର୍ଷା ସ୍ଥିତି ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ସମସ୍ତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଜିଲା ପ୍ରଶାସନ ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଭାସିଯାଇ ନାବାଳକ ନିଖୋଜ

ବ୍ରହ୍ମପୁର ଅଫିସ, ୫।୧୨

ଗଞ୍ଜାମ ଜିଲା କୋଦଳା ଥାନା ସାନଉସ୍ତାପଡା ପଞ୍ଚାୟତ କିରାଖାଇ ନିକଟସ୍ଥ ଜଗତା ନାଳରେ ଭାସିଯାଇ ରବିବାର ଜଣେ ନାବାଳକ ନିଖୋଜ ହୋଇଛନ୍ତି। ସେ ହେଲେ ସାନଉସ୍ତାପଡ଼ା ପଞ୍ଚାୟତର ରାଣୀପୋଡ଼ା ଗ୍ରାମର ଗୁଟୁ ନାହାକଙ୍କ ପୁଅ ଆକାଶ (୧୫)। ବାତ୍ୟା ଜୱାଦ ପ୍ରଭାବରେ ଗତ ୩ ଦିନ ଧରି ବର୍ଷା ଲାଗି ରହିବା ଯୋଗୁ ଉକ୍ତ ନାଳର ଜଳସ୍ତର ବୃଦ୍ଧି ପାଇଥିଲା। ରବିବାର ପୂର୍ବାହ୍ନରେ ଆକାଶଙ୍କ ସମେତ ୪ ଜଣ ପିଲା ଉକ୍ତ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଖର ସ୍ରୋତରେ ହଠାତ୍ ଆକାଶ ଭାସି ଯାଇଥିଲେ। ଏ ନେଇ ଅନ୍ୟ ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରବର୍ଗ, ସ୍ଥାନୀୟ ଲୋକେ ଏବଂ କୋଦଳା ଦମକଳ ବାହିନୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଆକାଶଙ୍କ ପତ୍ତା ମିଳିନାହିଁ।

# ଉଜୁଡ଼ିଲା ଧାନ, ପରିବା ଫସଲ

**ବାତ୍ୟା 'ଜୱାଦ୍'ର ପ୍ରକୋପ ଦେଖିବାକୁ ମିଳି ନ ଥିଲେ ହେଁ ଏହାର ପ୍ରଭାବରେ ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇଛି। ଶନିବାର ଓ ରବିବାର ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାତ୍ୟା ସୂଚନା ପାଇ ଚାଷୀମାନେ ତରବରିଆ ଭାବେ ଯଥାସମ୍ଭବ ଧାନ କାଟିଥିଲେ ମଧ ସୁରକ୍ଷିତ ସ୍ଥାନରେ ସାଇତି ପାରି ନ ଥିଲେ। ବହୁ ପରିମାଣର ପାଚିଲା ଧାନ କ୍ଷେତ ଓ ହିଡ଼ରେ ପଡ଼ିରହିଛି। ସେଥିରୁ ଅଧିକାଂଶ ବର୍ଷା ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଚାଷ ପାଇଁ ଆଣିଥିବା ଋଣ କିଭଳି ଶୁଝିବେ ସେହି ଚିନ୍ତାରେ ଏବେ ଚାଷକୁଳ।**


ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତ ଜିରା ଗ୍ରାମର ଚାଷୀମାନେ ପାଣିରେ ବୁଡ଼ିଯାଇଥିବା ଧାନ ଫସଲ ଦେଖୁଛନ୍ତି।

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ବାତ୍ୟାର ପ୍ରଭାବ ସବୁଠୁ ଅଧିକ ଜଗତ୍‌ସିଂହପୁର ଜିଲାରେ ପଡ଼ିଛି। ପାରାଦୀପ, ତିର୍ତ୍ତୋଲ, ଏରସମା ଓ ରଘୁନାଥପୁର ବ୍ଲକର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ତିର୍ତ୍ତୋଲରେ ବ୍ଲକ ଅଧୀନ କଟରା, ଗୋବିନ୍ଦପୁର, ପଟିଲୋ, କନିମୂଳ, ଗୋପାଳପୁର, କନକପୁର, କୋଲର, ସାମନ୍ତରାପୁର, ବିଷନପୁର, ଗୋପାଳପୁର (ଶଙ୍ଖେଶ୍ୱର)ଆଦି ଅଞ୍ଚଳରେ ଧାନଫସଲ ନଷ୍ଟ ହୋଇଛି। ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। ରାଢ଼ଙ୍ଗ ପଞ୍ଚାୟତର ରାଢ଼ଙ୍ଗ, ଜିରା, ପୂଜା, କଳିଙ୍ଗା ଓ କରିମୂଳ ଗ୍ରାମର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ହଂସୁଆ ସଫେଇ ଉଭୟ ପାର୍ଶରେ ଥିବା ଅନେକ ଚାଷଜମିରେ ପାଣି ଲହରୀ ମାରୁଛି। ଏରସମା ବ୍ଲକର ପଦ୍ମପୁର, ଆମ୍ବିକି, ଗଡ଼ହରିଶପୁର, ଗଡ଼ବିଶୁନିପୁର, ଏରସମା, ଜିରାଇଲୋ, ଜପା ଓ କୁଞ୍ଜକୋଠି ଆଦି ପଞ୍ଚାୟତ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି।

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକରେ ଚାଷୀଙ୍କ ଧାନ ଜମିରେ ବୁଡ଼ିଛି। ବର୍ଷା ଦାଉରୁ ନିଜର ଅମଳକ୍ଷମ ଧାନକୁ ରକ୍ଷା କରିବା ପାଇଁ ଯେନତେନ ପ୍ରକାରେ ଚାଷୀ ଚେଷ୍ଟା ଚଳାଇଛନ୍ତି। ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ୍ୟ ଅନୁରୂପ ଅବସ୍ଥା। ସମସ୍ତ ପାଚିଲା ଧାନ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। ସେହିପରି ଚାନ୍ଦବାଲି ଓ ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଧାନ ଫସଲ ବିଶେଷ ପ୍ରଭାବିତ ☞ପୃଷ୍ଠା-୬

### ଋଣ ଶୁଝିବା ଚିନ୍ତାରେ ଚାଷୀକୁଳ

## ଫସଲ ନଷ୍ଟରୁ ଚାଷୀ ଆତ୍ମହତ୍ୟା

ପାତ୍ରପୁର,୫।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ଉଲୁମା ଗ୍ରାମର ଜଣେ ଚାଷୀ ରବିବାର କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୈଳାସ ଶବର (୫୭)। ବାତ୍ୟା 'ଜୱାଦ' ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ ଯାଇଥିବାରୁ ଧାରକରଜ କିଭଳି ଶୁଝିବେ ସେହି ଚିନ୍ତାରେ କୈଳାସ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ପଦ୍ମା ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପଦ୍ମାଙ୍କ କହିବାନୁଯାୟୀ, କୈଳାସ ଧାରକରଜ କରି ୨ ଏକର ଜମିରେ ଧାନ ଚାଷ କରିଥିଲେ। ଧାନ ଭଲ ହୋଇଥିଲା। ଆଉ କିଛି ଦିନ ପରେ ଅମଳ କରି ଧାରକରଜ ଶୁଝା ହୋଇଥାନ୍ତା। ହେଲେ ବର୍ଷାରେ ଧାନଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଥିରେ ଭାଙ୍ଗିପଡ଼ି କୈଳାସ ଅପରାହ୍ନରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କୈଳାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସେହିପରି ପାତ୍ରପୁର ତହସିଲଦାର ଅମିତ୍ କୁମାର ନାୟକ ମେଡିକାଲରେ ପହଞ୍ଚି ମୃତକଙ୍କ ସ୍ତ୍ରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ଜାତୀୟ ହାର ତୁଳନାରେ ଓଡ଼ିଶା ସ୍ଥିତି ଭଲ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

**ରାଜ୍ୟରେ ଟେଷ୍ଟିଂ କମିବା, ସଂକ୍ରମଣ ବୃଦ୍ଧି ପ୍ରସଙ୍ଗ**

- ପ୍ରତିକ୍ରିୟା ରଖିଲା ସ୍ୱାସ୍ଥ୍ୟ ବିଭାଗ
- ବର୍ଷା ପାଇଁ କିଛି ମାତ୍ରାରେ କମିଥିଲା ଟେଷ୍ଟିଂ



ଓଡ଼ିଶାରେ ଟେଷ୍ଟିଂ କମିବା ଓ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାକୁ ନେଇ ଶନିବାର କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ପରେ ରବିବାର ସ୍ୱାସ୍ଥ୍ୟ ବିଭାଗ ପ୍ରତିକ୍ରିୟା ରଖିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, କେନ୍ଦ୍ର ସରକାର ଯେଉଁ ତଥ୍ୟ ଦେଇଛନ୍ତି ତାହା ଗତ ସପ୍ତାହର ତଥ୍ୟ। ବର୍ଷା ଯୋଗୁ ରାଜ୍ୟରେ କିଛି ମାତ୍ରାରେ ଟେଷ୍ଟିଂ କମିଥିଲା। କିନ୍ତୁ ଶନିବାର ଠାରୁ ଟେଷ୍ଟିଂ ହାର ପୁଣି ବଢ଼ାଯାଇଛି। ୬ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିଲା। ତେବେ ଏଥିରେ ପୁଣି ହ୍ରାସ ପରିଲକ୍ଷିତ ହୋଇଛି। ହାରାହାରି ସଂଖ୍ୟାକୁ ଅନୁଧ୍ୟାନ କଲେ ଜାତୀୟ ହାର ତୁଳନାରେ ଓଡ଼ିଶା ସ୍ଥିତି ଭଲ ରହିଛି ବୋଲି ସେ କହିଛନ୍ତି। ପ୍ରତି ୧ଲକ୍ଷରେ ଦେଶରେ ୨,୬୮୫ ଟେଷ୍ଟ ହେଉଥିବାବେଳେ ଓଡ଼ିଶାରେ ୪,୫୪୨ ଟେଷ୍ଟିଂ ହେଉଛି। ସଂକ୍ରମଣ ହାର ଜାତୀୟସ୍ତରରେ ୧.୧ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୦.୪ ରହିଛି। ସେହିଭଳି ମୃତ୍ୟୁ ହାର ଜାତୀୟସ୍ତରରେ ୧.୩ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୦.୮ ପ୍ରତିଶତ ରହିଛି। ତେଣୁ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। କିନ୍ତୁ ଏଥିରେ ଆମେ ଖୁସି ହୋଇ ଢିଲା ମାରିବା ନାହିଁ। ଏବେ ବି କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ସମେତ ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର କେତେକ ଜିଲାରେ ଟେଷ୍ଟିଂ କମିବା ଓ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାକୁ ନେଇ କେନ୍ଦ୍ର ☞ପୃଷ୍ଠା-୬

# ଆଗ୍ନେୟଗିରି ଉଦ୍‌ଗିରଣ: ୧୪ ମୃତ


ଆଗ୍ନେୟଗିରି ଉଦ୍‌ଗିରଣ ବେଳର ଦୃଶ୍ୟ।

ଜାକର୍ତ୍ତା, ୫।୧୨

ଇଣ୍ଡୋନେସିଆର ଜନବହୁଳ ଜାଭା ଦ୍ୱୀପରେ ଥିବା ସବୁଠାରୁ ଉଚ୍ଚତମ ପର୍ବତ ସେମେରୁ (୩,୬୭୬ ମିଟର)ରେ ଶନିବାର ଭୟଙ୍କର ଆଗ୍ନେୟଗିରି ଉଦ୍‌ଗିରଣ ହୋଇଛି। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ଆକାଶରେ ବିରାଟକାୟ ବେଲୁନ୍ ଆକାରର ଧୂଆଁ ଏବଂ ଉତ୍ତପ୍ତ ବାଦଲ ଛାଇ ହୋଇଯାଇଥିଲା। ଆଗ୍ନେୟଗିରିରୁ ବିଷାକ୍ତ ଗ୍ୟାସ ଏବଂ ଲାଭା ନିର୍ଗତ ହୋଇଛି। ପାଉଁଶ ଗଦା ମଧ୍ୟରେ ବହୁ ସଂଖ୍ୟକ ଲୋକ ଫସିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବିପର୍ଯ୍ୟୟ ପ୍ରଶମନ ଏଜେନ୍ସି (ବିଏନ୍‌ପିବି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କ ଶରୀର ଜଳିଯାଇଛି। ଶତାଧିକ ଲୋକ ଆହତ ହୋଇଛନ୍ତି। ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସେଠାରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେନା ଓ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ଥିବାବେଳେ ମୃତାହତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଏଥିଯୋଗୁ ଆଖପାଖ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ଭୂତତ୍ତ୍ୱ ସର୍ବେକ୍ଷଣ କେନ୍ଦ୍ରର ମୁଖ୍ୟ ଇକୋ ବୁଡି ଲେଲୋନୋଙ୍କ କହିବା ଅନୁଯାୟୀ, କିଛିଦିନ ହେଲା କ୍ରମାଗତ ଭାବେ ବର୍ଷା ଓ ବଜ୍ରପାତ ଯୋଗୁ ସେମେରୁ ପର୍ବତରେ ଆଗ୍ନେୟଗିରି କ୍ଷତିଗ୍ରସ୍ତ ହୋଇଥିଲା। ଏବେ ସେଥିରୁ ଲାଭା ଉଦ୍‌ଗିରଣ ହୋଇଛି। ☞ପୃଷ୍ଠା-୬

### ଜାଭାରେ ଲାଭା

- ଶତାଧିକ ଆହତ, ଫସିଛନ୍ତି ବହୁ ଲୋକ
- ନଦୀରେ ମିଶିଲାଣି ଲାଭା


ଲାଭାରେ ପୋତି ହୋଇଯାଇଛି ଘର, ଗାଡ଼ି।

# ୭ରେ ବାଇଡେନ୍-ପୁଟିନ୍ ଆଲୋଚନା

## ୟୁକ୍ରେନ୍ ସୀମାରେ ରୁଷିଆ ସୈନ୍ୟ ମୁତୟନକୁ ନେଇ ବଢୁଛି ଉତ୍ତେଜନା




ମସ୍କୋ, ୫।୧୨

ୟୁକ୍ରେନ ସୀମାରେ ରୁଷିଆ ସେନା ମୁତୟନ ବଢ଼ାଇବାକୁ କେନ୍ଦ୍ର କରି ଆମେରିକା ଓ ରୁଷିଆ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ୨୦୨୨ ପ୍ରାରମ୍ଭରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିପାରେ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଚେତାବନୀ ଦେଇଛନ୍ତି। ଏପରିସ୍ଥିତିରେ ଆସନ୍ତା ୭ ତାରିଖରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡ଼ିମିର ପୁଟିନ୍ ଭିଡିଓ କଲ୍ ମାଧ୍ୟମରେ ଏ ବାବଦରେ ଆଲୋଚନା କରିବେ। ରଣନୈତିକ ସ୍ଥିରତା, ସାଇବର ଏବଂ ଆଞ୍ଚଳିକ ପ୍ରସଙ୍ଗ ସମେତ ବିଭିନ୍ନ ପ୍ରସଙ୍ଗ ଉଭୟ ନେତାଙ୍କ ବୈଠକରେ ସ୍ଥାନିତ ହେବ ବୋଲି ହ୍ୱାଇଟ୍‌ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ୨୦୧୪ରେ ରୁଷିଆ ଆକ୍ରମଣ କରି ୟୁକ୍ରେନର କ୍ରିମିଆ ଅଞ୍ଚଳକୁ ଦଖଲ କରିନେଇଥିଲା। ଏହାପରଠାରୁ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇଛନ୍ତି। ଅନ୍ୟପକ୍ଷରେ ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ କଲେ ଭୟଙ୍କର ପରିଣତି ଭୋଗିବ ବୋଲି ବ୍ଲିଙ୍କେନ୍ ଚେତାବନୀ ଦେଇଛନ୍ତି।

# ଏୟାରପୋର୍ଟରେ ଜ୍ୟାକ୍‌ଲିନ ଅଟକ

ମୁମ୍ବାଇ, ୫।୧୨

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ରବିବାର ରିୟାଦ୍ ଯିବାପାଇଁ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିଥିବାବେଳେ ତାଙ୍କୁ ସେଠାରେ ଅଟକ ରଖାଯାଇଥିଲା। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ସହ ତାଙ୍କର ଲିଙ୍କ୍ ଥିବା ଅଭିଯୋଗ ରହିଛି। ଏପରିକି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜ୍ୟାକ୍‌ଲିନଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ୍ ମଧ୍ୟ ଜାରି କରିଥିଲା। ବିମାନବନ୍ଦରରେ କିଛି ସମୟ ପଚରାଉଚରା ପରେ ତାଙ୍କୁ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି। ତଦନ୍ତରେ ସହଯୋଗ ଏବଂ ପଚରାଉଚରା ପାଇଁ ଦିଲ୍ଲୀର ଇଡ଼ି କାର୍ଯ୍ୟାଳୟରେ ତାଙ୍କୁ ହାଜର ହେବାକୁ କୁହାଯାଇଛି। ଖୁବଶୀଘ୍ର ଇଡି ପୁଣି ଜ୍ୟାକ୍‌ଲିନ୍‌ଙ୍କୁ ସମନ କରିବ ବୋଲି ଜଣାଯାଇଛି।



ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଚେନ୍ନାଇର ବେସାନ୍ତ ନଗର ବେଳାଭୂମିରେ ଦିବ୍ୟାଙ୍ଗମାନେ ସମୁଦ୍ର ଲହଡିର ମଜା ନେଉଛନ୍ତି।

# ସବୁ ହାଡ଼ ଭାଙ୍ଗିଥିଲା, ୯୯% ଜଳିଯାଇଥିଲେ

## ପାକ୍‌ରେ ଶ୍ରୀଲଙ୍କା ନାଗରିକଙ୍କୁ ହତ୍ୟା ଘଟଣା

ଲାହୋର, ୫।୧୨

ଧର୍ମ ନିନ୍ଦା ଅଭିଯୋଗରେ ଶ୍ରୀଲଙ୍କା ନାଗରିକ ପ୍ରିୟାନ୍ଥ କୁମାର ଦିୟାୱାଡନାଙ୍କୁ ପାକିସ୍ତାନରେ ଭିଡ଼ ହିଂସାରେ ହତ୍ୟା ଘଟଣାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। କଠୋରପନ୍ଥୀ ମୁସଲମାନ ଗୋଷ୍ଠୀ ତେହରିକ୍-ଇ-ଲାବାଇକ୍ ପାକିସ୍ତାନର ସମର୍ଥକମାନେ ଏକ ପୋଷାକ ଫାକ୍ଟ୍ରିର ମ୍ୟାନେଜର ପ୍ରିୟାନ୍ଥଙ୍କୁ ଅତି ନିଷ୍ଠୁରତାର ସହ ମାଡ଼ ମାରି ତାଙ୍କ ଶରୀରର ସବୁ ହାଡ଼ ଭାଙ୍ଗି ଦେଇଥିଲେ। ଏଥିସହ ତାଙ୍କ ଦେହରେ ନିଆଁ ଲଗାଇଦେବାରୁ ସେ ପ୍ରାୟ ୯୯ ପ୍ରତିଶତ ଜଳିଯାଇଥିଲେ ବୋଲି ଉକ୍ତ ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ ଥିବା ପାକିସ୍ତାନ୍ ମିଡିଆରେ ଖବର ପ୍ରକାଶ ପାଇଛି। ଶକ୍ତ ଆଘାତ ଯୋଗୁ ତାଙ୍କ ଖପୁରି ଏବଂ ମୁହଁ ହାଡ଼ ଭାଙ୍ଗି ଯାଇଥିଲା। ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟରୁ ଜଣାପଡ଼ିଛି। ଏହାସହ ତାଙ୍କ ଯକୃତ, କିଡ୍‌ନୀ, ପାକସ୍ଥଳୀ, ମେରୁଦଣ୍ଡ ଭଳି ପ୍ରମୁଖ ଅଙ୍ଗଗୁଡ଼ିକ ମଧ୍ୟ ନଷ୍ଟ ହୋଇଯାଇଛି।

# ସେନା ଗାଡି ମାଡ଼ିଯାଇ ୫ ମୃତ

ୟାଙ୍ଗୁନ୍, ୫।୧୨

ମ୍ୟାନ୍‌ମାର ସରକାରଙ୍କ ବିରୋଧରେ ୟାଙ୍ଗୁନ୍ ସହରରେ ରବିବାର ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଶୋଭାଯାତ୍ରା ଚାଲିଥିବାବେଳେ ସୈନ୍ୟବାହିନୀର ଏକ ଟ୍ରକ୍ ମାଡ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଗତ ଫେବୃୟାରୀ ୧ରେ ମ୍ୟାନ୍‌ମାର ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ ପଦଚ୍ୟୁତ କରି ସୈନ୍ୟବାହିନୀ କ୍ଷମତା ଦଖଲ କରିଥିଲା। ସୁ୍ୟ ଚୀଙ୍କ ବିରୋଧରେ ଦାଏର ହୋଇଥିବା ଫୌଜଦାରି ମାମଲାର ରାୟ ଆସିବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ସୈନ୍ୟବାହିନୀର ଏକ ଟ୍ରକ୍ ପଛପଟୁ ଆସି ଶୋଭାଯାତ୍ରାକାରୀଙ୍କ ଉପରେ ମାଡ଼ିଯାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୫ ଜଣ ସଶସ୍ତ୍ର ଯବାନ ଗାଡ଼ିରୁ ଓହ୍ଲାଇ ବିକ୍ଷୋଭକାରୀଙ୍କୁ ଘଉଡ଼ାଇଥିଲେ। ସେମାନେ ଫାଙ୍କା ଗୁଳି ଚଳାଇବା ସହ କେତେଜଣ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲେ।

# ସୀମାରେ ଜନ୍ମିତ ଶିଶୁ ନାଁ 'ବର୍ଡର'

ଚଣ୍ଡୀଗଡ଼, ୫।୧୨

ଜଣେ ପାକିସ୍ତାନୀ ମହିଳା ଭାରତ-ପାକିସ୍ତାନ୍ ଅଟ୍ଟାରୀ ସୀମାରେ ସନ୍ତାନ ଜନ୍ମ ଦେଇଛନ୍ତି। ସମ୍ପୃକ୍ତ ନବଜାତକଙ୍କ ନାମ 'ବର୍ଡର' ରଖାଯାଇଛି। ଲକଡାଉନ୍ ପୂର୍ବରୁ ୯୯ ପାକିସ୍ତାନୀ ନାଗରିକ ଭାରତ ଆସିଥିଲେ। ଅଟ୍ଟାରୀ ସୀମାନ୍ତ ରାସ୍ତା ଦେଇ ପାକିସ୍ତାନକୁ ଫେରିବା ପାଇଁ ଅନୁମତି ନ ଥିବାରୁ ପାକ୍ ରେଞ୍ଜର୍ସ ସେମାନଙ୍କୁ ଅଟକାଇଥିଲେ। ଫଳରେ ସେମାନେ ସୀମା ନିକଟରେ ଥିବା ରାତ୍ରି ଆଶ୍ରୟସ୍ଥଳରେ ରହୁଥିଲେ। ସେଠାରେ ନିମ୍ବୁ ବାଇ ନାମକ ଜଣେ ମହିଳା ଡିସେମ୍ବର ୨ରେ ଶିଶୁଙ୍କୁ ଜନ୍ମ ଦେଇଥିଲେ।

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ଜୟପ୍ରକାଶ ସ୍ୱାଇଁ
ସମ୍ପାଦକ, ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି

'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଖୋର୍ଦ୍ଧାବାସୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧରିତ୍ରୀର ସମସ୍ତ ସଦସ୍ୟସଦସ୍ୟା ଓ କାର୍ଯ୍ୟକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି।
ଶିଶିର ପରିଡ଼ା, ପିସିସି ସଭ୍ୟ
ପୂର୍ବତନ ସଭାପତି, ଖୋର୍ଦ୍ଧା ବାର ଆସୋସିଏଶନ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ମନୋରଞ୍ଜନ ଦାସ
ସମ୍ପାଦକ, ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି

'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଖୋର୍ଦ୍ଧାବାସୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧରିତ୍ରୀର ସମସ୍ତ ସଦସ୍ୟସଦସ୍ୟା ଓ କାର୍ଯ୍ୟକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି ।
ସ୍ମୃତି ସ୍ନେହା ପ୍ରୀତି
ଯୁବ ସମାଜସେବୀ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ଜିଲ୍ଲାର ସମସ୍ତ ମା' ଓ ଭଉଣୀ, ଯୁବ ଓ ଛାତ୍ରଙ୍କୁ ଆଗାମୀ ନବବର୍ଷ ୨୦୨୨ ମସିହାର ଶୁଭଙ୍କର ବର୍ଷ ହେବ ବୋଲି ପରମ ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରୁଛି ।
କୁମାର ଚନ୍ଦ୍ର ବଳ
ସାଧାରଣ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି ।
ଇଂ. ପ୍ରମୋଦ କୁମାର ରାୟ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଛତା ଜଳ ସମ୍ପଦ ବିଭାଗ ଉପଖଣ୍ଡ, କେନ୍ଦ୍ରାପଡା

KANDHAMAL halad
KASAM
(Kandhamal Apex Spices Association for Marketing)
(ISO 22000:2005 HACCP CERTIFIED)
Organic Certificate from CONTROLUNION
Netaji Subash Bose Road, Phulbani
Kandhamal - 762001, ODISHA
Ph.: 06842-253022/255206
E-mail: orissakasam@rediffmail.com
kasam.organic@gmail.com
Visit us at: www.kasamorganic.com

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ଗଞ୍ଜାମ ଜିଲ୍ଲାର ସମସ୍ତ କ୍ରୀଡାପ୍ରେମୀ ତଥା ଧରିତ୍ରୀ ପାଠକଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ସଞ୍ଜୟ କୁମାର ବିଷୋୟୀ
ଗଞ୍ଜାମ ଜିଲ୍ଲା ଟେବଲ୍ ଟେନିସ ଆସୋସିଏଶନ ସଭାପତି ତଥା ଗଞ୍ଜାମ ଜିଲ୍ଲା ଟେନିସ ବଲ୍ କ୍ରିକେଟ୍ ଆସୋସିଏଶନ ସମ୍ପାଦକ ।

'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଖୋର୍ଦ୍ଧାବାସୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧରିତ୍ରୀର ସମସ୍ତ ସଦସ୍ୟସଦସ୍ୟା ଓ କାର୍ଯ୍ୟକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି।
ଅଜିତ୍ ପଟ୍ଟନାୟକ
ସଭାପତି
ଖୋର୍ଦ୍ଧା ବାର ଆସୋସିଏଶନ୍

'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବେଗୁନିଆ ଅଞ୍ଚଳର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧରିତ୍ରୀର ସମସ୍ତ ସଦସ୍ୟସଦସ୍ୟା ଓ କାର୍ଯ୍ୟକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି।
ରାଜେନ୍ଦ୍ର କୁମାର ସାହୁ
ବିଧାୟକ, ବେଗୁନିଆ
ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧ୍ୟକ୍ଷ
ସଂଯୁକ୍ତା ସାହୁ
ପୂର୍ବତନ ପୌରାଧ୍ୟକ୍ଷା
ଖୋର୍ଦ୍ଧା ପୌର ପରିଷଦ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ଭୁବନପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀମତୀ ରୀତାରାଣୀ ଜେନା
ସରପଞ୍ଚ
ଭୁବନପୁର ଗ୍ରାମପଞ୍ଚାୟତ
ବ୍ରହ୍ମଗିରି

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ମାଟିର ପୁଅ ଭାବେ ପାଟକୁରାର ବିକାଶ ପାଇଁ ମୁଁ ନିଜକୁ ଉତ୍ସର୍ଗୀକୃତ କରିଛି । ଏହି କାର୍ଯ୍ୟରେ ମା'ଭଉଣୀ ଓ ସମସ୍ତ ଯୁବଛାତ୍ର ବନ୍ଧୁ ସାମିଲ ହେବାକୁ ଆହ୍ୱାନ କରୁଛି ।
ପ୍ରାଧ୍ୟାପକ ଅଜୟ କୁମାର ରାଉତ
ପାଟକୁରା ନିର୍ବାଚନ ମଣ୍ଡଳୀ

# ପରମବୀର ହ୍ୱିସିଲବ୍ଲୋୟର ନୁହନ୍ତି

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ମହାରାଷ୍ଟ୍ର ସରକାର

ନୂଆଦିଲ୍ଲୀ, ୫।୧୨(ପି.ଟି.)



ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କୁ ଆଇନ ଅନୁଯାୟୀ ହ୍ୱିସିଲ୍‌ବ୍ଲୋୟର ବିବେଚନା କରାଯାଇପାରିବ ନାହିଁ। କାରଣ ତାଙ୍କର ବଦଳି ହେବା ପରେ ଯାଇ ସେ ତତ୍କାଳୀନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ ବୋଲି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏଥିସହିତ ସମୁଦାୟ ଘଟଣାର ସିବିଆଇ ତଦନ୍ତ ଲାଗି ପରମବୀର କରିଥିବା ଆବେଦନକୁ ଖାରଜ କରିବା ଲାଗି ସରକାର ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

ପରମବୀରଙ୍କ ବିରୋଧରେ ଦାଏର ଫୌଜଦାରି ମାମଲାରେ ତାଙ୍କୁ ଗିରଫ ନ କରିବା ଲାଗି ନଭେମ୍ବର ୨୨ରେ ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମହାରାଷ୍ଟ୍ର ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ପୋଲିସ କମିଶନରଙ୍କ ବିରୋଧରେ ଫୌଜଦାରି ମାମଲାର ତଦନ୍ତରେ ରାଜ୍ୟ ସରକାର ହସ୍ତକ୍ଷେପ କରୁ ନ ଥିବା ଏକ ସତ୍ୟପାଠ ଜରିଆରେ ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ମହାରାଷ୍ଟ୍ର ଗୃହ ବିଭାଗ ଯୁଗ୍ମ ସଚିବ ଭେଙ୍କଟେଶ ମାଧବ କହିଥିଲେ, ଆବେଦନକାରୀ ପରମବୀରଙ୍କୁ ହ୍ୱିସିଲ୍‌ବ୍ଲୋୟର କୁହାଯାଇପାରିବ ନାହିଁ। କାରଣ ପରମବୀର ଚଳିତ ବର୍ଷ ମାର୍ଚ୍ଚ ୨୦ରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। କିଛିମାସ ପୂର୍ବରୁ ଏହି ଦୁର୍ନୀତି ଘଟିଥିବା ବେଳେ ବଦଳି ହେବାର ୩ ଦିନ ପରେ ପରମବୀର ଅଭିଯୋଗ ଆଣିଥିବାରୁ ଏହା ଜନସ୍ୱାର୍ଥ ପ୍ରସଙ୍ଗ ନୁହେଁ ବରଂ ନିଜ ଫାଇଦା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସତ୍ୟପାଠରେ କୁହାଯାଇଛି।

# ‘ଜାନୁୟାରୀରେ ଶୀର୍ଷ ଛୁଇଁପାରେ ତୃତୀୟ ଲହର’

କାନପୁର, ୫।୧୨



ଭାରତରେ କୋଭିଡ୍-୧୯ର ତୃତୀୟ ଲହର ଆସନ୍ତା ବର୍ଷ ଜାନୁୟାରୀ-ଫେବୃୟାରୀ ବେଳକୁ ଶୀର୍ଷ ଛୁଇଁପାରେ ବୋଲି ଆଇଆଇଟି କାନପୁରର ପ୍ରଫେସର ମଣୀନ୍ଦ୍ର ଅଗ୍ରୱାଲ ଦାବି କରିଛନ୍ତି। ଭାରତରେ ମହାମାରୀ ସଂକ୍ରମଣର ଗାଣିତିକ ଆକଳନ ପାଇଁ ବ୍ୟବହାର କରାଯାଉଥିବା ସୂତ୍ର ମଡେଲ୍‌ର ସେ ସହ-ପ୍ରତିଷ୍ଠାତା। ତାଙ୍କ କହିବା ଅନୁଯାୟୀ ଭାରତରେ ତୃତୀୟ ଲହର ବିଶେଷ ଗୁରୁତର ହେବନାହିଁ ବୋଲି ମିଳିଥିବା ବିଭିନ୍ନ ତଥ୍ୟରୁ ଜଣାପଡ଼ିଛି। ତେଣୁ ଜନସାଧାରଣ ଭୟଭୀତ ନ ହୋଇ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟ ଲହର ବେଳେ ସୀମିତ ଲକ୍‌ଡାଉନ୍, କର୍ଫ୍ୟୁ ଭଳି କଟକଣା ସଂକ୍ରମଣ କମାଇବାରେ ସହାୟକ ହୋଇଥିଲା। କୋଭିଡ୍‌ରୁ ସୃଷ୍ଟ ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତିକୁ ଓମିକ୍ରନ୍ ଅତିକ୍ରମ କରି ନ ପାରେ ବୋଲି ସେ କହିଛନ୍ତି। ବିଭିନ୍ନ ଦେଶରେ ଓମିକ୍ରନ୍ ସଂକ୍ରମଣକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ଏପର୍ଯ୍ୟନ୍ତ କେହି ଗୁରୁତର ହୋଇ ନାହାନ୍ତି। ଓମିକ୍ରନ୍‌ର ସଂକ୍ରମଣ ହାର ଅଧିକ ହେଲେ ମଧ୍ୟ ଲକ୍ଷଣ ଗୁରୁତର ନୁହେଁ ବୋଲି ଅଗ୍ରୱାଲ କହିଛନ୍ତି।

## ଆଫ୍ରିକା ଫେରନ୍ତା ୫ ଜଣ କୋଭିଡ୍ ସଂକ୍ରମିତ

ପାଟନା, ୫।୧୨(ଆଇଏଏନ୍‌ଏସ୍): ବିହାରର ଗୋପାଳଗଞ୍ଜ ଜିଲାରେ ରବିବାର ୫ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ସେମାନେ ଓମିକ୍ରନ୍ ସଂକ୍ରମିତ ଆଫ୍ରିକୀୟ ଦେଶରୁ ଆସିଥିବାରୁ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। କିଛିଦିନ ପୂର୍ବରୁ ଗୋପାଳଗଞ୍ଜରେ ପହଞ୍ଚିଥିବା ଏହି ଯାତ୍ରୀମାନଙ୍କର ଆର୍‌ଟି-ପିସିଆର ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଜିଲା ପ୍ରଶାସନ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବା ସହ ସେମାନଙ୍କୁ ଅବଜରଭେଶନ ସେଣ୍ଟରରେ ରଖାଯାଇଛି।

## ଶତପ୍ରତିଶତ ଟିକାକରଣ: ହିମାଚଳ ପ୍ରଥମ ରାଜ୍ୟ




ଶିମ୍‌ଲା, ୫।୧୨

ଶତପ୍ରତିଶତ କୋଭିଡ୍ ଟିକାକରଣରେ ହିମାଚଳ ପ୍ରଦେଶ ପ୍ରଥମ ରାଜ୍ୟ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ରାଜ୍ୟର ମୋଟ ଜନସଂଖ୍ୟା ପ୍ରାୟ ୭୫ ଲକ୍ଷ ହୋଇଥିବାବେଳେ ଟିକା ପାଇଁ ଯୋଗ୍ୟ ୫୩,୮୬,୩୯୩ ଜଣ ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ଏଥିସହ ଅଗଷ୍ଟ ଶେଷ ସୁଦ୍ଧା ହିମାଚଳ ପ୍ରଦେଶ ପ୍ରଥମ ରାଜ୍ୟ ଭାବେ ଶତ ପ୍ରତିଶତ ଯୋଗ୍ୟ ବ୍ୟକ୍ତିଙ୍କ ପ୍ରଥମ ଡୋଜ୍ ସମ୍ପୂର୍ଣ୍ଣ କରିଥିଲା ବୋଲି ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡ଼ିକ ହିମାଚଳ ପ୍ରଦେଶର ଟିକାକରଣ ମଡେଲ ଆପଣାଇବେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ କହିଛନ୍ତି।






# ଅଧିକାର ଫେରିପାଇବାକୁ ଚାଷୀଙ୍କ ଭଳି ତ୍ୟାଗ କରିବାକୁ ହେବ: ଫାରୁକ୍

ଶ୍ରୀନଗର, ୫।୧୨



କୃଷି ଆଇନ ବିରୋଧରେ ଚାଷୀମାନେ ଦୀର୍ଘଦିନ ଆନ୍ଦୋଳନ ଚଳାଇବା ପରେ ଏହାକୁ ରଦ୍ଦ କରିବା ଲାଗି ସରକାର ବାଧ୍ୟ ହୋଇଛନ୍ତି। ବର୍ଷେରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନରେ ୭୦୦ରୁ ଅଧିକ ଚାଷୀ ଜୀବନ ଦେଇଛନ୍ତି। ଶେଷରେ ନରେନ୍ଦ୍ର ମୋଦି ସରକାର ଆଇନ ଉଚ୍ଛେଦ ଲାଗି ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇଛନ୍ତି। ସେହିଭଳି ରାଜ୍ୟ ମାନ୍ୟତା ଏବଂ ଅନୁଚ୍ଛେଦ ୩୭୦ ଭଳି ଅଧିକାର ଫେରିପାଇବାକୁ ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ଚାଷୀଙ୍କ ଭଳି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିପାରେ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ରବିବାର କହିଛନ୍ତି। ଦଳର ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବଦୁଲ୍ଲାଙ୍କ ୧୧୬ତମ ଜନ୍ମବାର୍ଷିକୀ ଅବସରରେ ଏନ୍‌ସି ଯୁବ ସଂଗଠନର ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଅବଦୁଲ୍ଲା କହିଥିଲେ, ତାଙ୍କ ଦଳ ହିଂସାକୁ ସମର୍ଥନ କରେନାହିଁ। ଅଧିକାର ଫେରିପାଇବା ଲାଗି ଦଳ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ସହ ସ୍ୱତନ୍ତ୍ର ଅଧିକାର ଫେରିପାଇବା ଲାଗି ବିଭିନ୍ନ ଦଳ ପକ୍ଷରୁ ଦାବି ହୋଇଆସୁଛି।

# ସଂସଦ ଟିଭି ଶୋ’ରୁ ଓହରିଲେ ପ୍ରିୟଙ୍କା

## ବିଶୃଙ୍ଖଳା ଆଚରଣ ଲାଗି ରାଜ୍ୟ ସଭାରୁ ନିଲମ୍ବିତ ହୋଇଛନ୍ତି

ନୂଆଦିଲ୍ଲୀ, ୫।୧୨


ପ୍ରିୟଙ୍କା ଚତୁର୍ବେଦୀ

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ରାଜ୍ୟ ସଭାରୁ ନିଲମ୍ବିତ ହୋଇଥିବା ଶିବସେନା ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ ସଂସଦ ଟିଭି ଶୋ’ର ଉପସ୍ଥାପିକା ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ପତ୍ର ଲେଖି ସେ ଜଣାଇଛନ୍ତି, ଅତି ଦୁଃଖର ସହ ସେ ସଂସଦ ଟିଭିର ‘ମେରି କାହାନୀ’ ଶୋ’ରୁ ଇସ୍ତଫା ଦେଉଛନ୍ତି। ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟ ସଭାରୁ ୧୨ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ତେଣୁ ଉକ୍ତ ଟିଭି ଶୋ’ରେ ଭାଗ ନେବାକୁ ସେ ଆଗ୍ରହୀ ନୁହନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।









## ଆମେରିକାରେ ଯାତ୍ରୀଙ୍କ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

ୱାଶିଂଟନ୍, ୫।୧୨

ଓମିକ୍ରନ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଆମେରିକା ବାହାର ଦେଶରୁ ଯାତ୍ରା କରୁଥିବା ଲୋକଙ୍କ ନିମନ୍ତେ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛି। ଭାରତ ସମେତ ଅନ୍ୟ ଦେଶର ଯାତ୍ରୀ କୋଭିଡ୍ ନେଗେଟିଭ୍ ରିପୋର୍ଟ କିମ୍ବା ସଂକ୍ରମିତ ଏଥିରୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଥିବାର ପ୍ରମାଣ ଦେଖାଇବାକୁ ଆମେରିକାରେ ବାଧ୍ୟତାମୂଳକ କରାଯାଇଛି। ସୋମବାରଠାରୁ ଏହି ପ୍ରୋଟୋକଲ ଲାଗୁ ହେବ ବୋଲି ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ପକ୍ଷରୁ କୁହାଯାଇଛି। ବିମାନରେ ଚଢ଼ିବାର ଅତିବେଶିରେ ଗୋଟିଏ ଦିନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି କୋଭିଡ୍ ନେଗେଟିଭ୍ ରିପୋର୍ଟ ସଂଗ୍ରହ କରିଥିବେ। ଏଥିସହ ୯୦ ଦିନ ପୂର୍ବରୁ ସଂକ୍ରମିତ କରୋନାରୁ ସୁସ୍ଥ ହୋଇଥିବା ରିପୋର୍ଟ ଦେଖାଇବା ଜରୁରୀ।

## ପରମବୀରଙ୍କ ବୟାନ ରେକର୍ଡ

ମୁମ୍ବାଇ, ୫।୧୨(ପି.ଟି.)

ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁମ୍ବାଇ ପୋଲିସର ନିଲମ୍ବିତ କମିଶନର ପରମବୀର ସିଂଙ୍କ ବୟାନ ରେକର୍ଡ କରିଛି। ୩ ତାରିଖରେ ଦକ୍ଷିଣ ମୁମ୍ବାଇସ୍ଥିତ ଇଡି କାର୍ଯ୍ୟାଳୟରେ ତାଙ୍କୁ ୫ ଘଣ୍ଟାରୁ ଅଧିକ ସମୟ ଜେରା କରାଯିବା ସହ ବୟାନ ରେକର୍ଡ କରାଯାଇଥିଲା। ପୂର୍ବରୁ ୩ ଥର ପରମବୀରଙ୍କୁ ସମନ କରାଯାଇଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ।







# ଦାଉ ସାଧିଲା ବାତ୍ୟା 'ଜୱାଦ'

**ଜଗତ୍‌ସିଂହପୁର ଅଫିସ/ପାରାଦୀପ/ଏରସମା/ତିର୍ତ୍ତୋଲ/ରଘୁନାଥପୁର/ନାଉଗାଁ,୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**


ରଘୁନାଥପୁର ବ୍ଲକ ଅଧୀନ ରାଢ଼ଙ୍ଗ ପଞ୍ଚାୟତର ଜଣେ ଚାଷୀଙ୍କ ଧାନ ଫସଲ ଉଜୁଡ଼ି ଯାଇଛି।

ବାତ୍ୟା 'ଜୱାଦ' ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ହାରାହାରି ବର୍ଷା ୧୧୪.୩୭୫ ମିଲିମିଟର ରେକର୍ଡ ହୋଇଛି। ଅପରାହ୍ନ ୪ଟା ମଧ୍ୟରେ ଜଗତ୍‌ସିଂହପୁର ପୌରାଞ୍ଚଳର ଓ ବ୍ଲକ ଅଞ୍ଚଳରେ ୭୧ ମିମି, ବିରିଡ଼ି ୧୯, ରଘୁନାଥପୁର ୮୫, ବାଲିକୁଦା ୧୪୫, ନାଉଗାଁ ୧୨୯, ତିର୍ତ୍ତୋଲ ୧୦୦, କୁଜଙ୍ଗ ୧୩୬, ଏରସମାରେ ୨୨୦ ଏହିପରି ମୋଟ ୯୧୫ ମିମି ବର୍ଷା ହୋଇଛି। ଲଗାଣ ବର୍ଷା ଯୋଗୁ ଜିଲାରେ ଧାନ, ଡାଲିଜାତୀୟ ଫସଲ ଓ ପନପରିବା କ୍ଷତିଗ୍ରସ୍ତ ହୋଇଛି। ୨ରୁ ୩ ଦିନ ମଧ୍ୟରେ ବିଲରୁ ବର୍ଷା ଜଳ ନିଷ୍କାସନ ନ ହେଲେ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଲଗାଣ ବର୍ଷା ଯୋଗୁ ପାରାଦୀପ, ଏରସମା ଓ ଏହାର ଆଖପାଖ ଅଞ୍ଚଳର ଅବସ୍ଥା ବେହାଲ ହୋଇଛି। ଧାନ କିଆରିରେ ପାଣି ଜମିଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଏରସମାର ଚାଷୀ ବଂଶୀଧର ବେହେରା, ଅମୂଲ୍ୟ ମହାନ୍ତି, ପ୍ରସନ୍ନ କୁଅଁର, ନିକୁଞ୍ଜ କିଶୋର ସ୍ୱାଇଁ, ରଞ୍ଜନ ଖଣ୍ଡୁଆଳ ପ୍ରମୁଖ କ୍ଷତିପୂରଣ ଦାବି କରିଛନ୍ତି। ତିର୍ତ୍ତୋଲ ବ୍ଲକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ହଁସୁଆ, ବୃନ୍ଦା, ଧନୁଆ, ଅଶୃଙ୍ଖଳା ସଫେଇରେ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିଗୁଡ଼ିକରେ ପାଣି ଜମି ରହିଛି। ରଘୁନାଥପୁର ବ୍ଲକର ଅନେକ ଚାଷ ଜମିରେ ପାଚିଲା ଧାନ ଶୋଇଯାଇଥିବା ବେଳ ଏହା ଉପରେ ଏକ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ବର୍ଷାଯୋଗୁ ବ୍ଲକର ସମସ୍ତ ପଞ୍ଚାୟତରେ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ନାଉଗାଁ ବ୍ଲକରେ ଚଳିତ ବର୍ଷ ୭ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଖରିଫ ଧାନ ଚାଷ ହୋଇଥିଲା। ଧାର କରଜ କରି ଚାଷୀ ଅମଳକୁ ଜଗିଥିବା ବେଳେ ବାତ୍ୟା 'ଜୱାଦ' ଦାଉ ସାଧିଛି। ଚାଷ ଜମିରେ ପାଣି ଜମିଥିବାରୁ ପାଚିଲା ଧାନ ଗଜା ହେବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତି ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସହସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ ପ୍ରଫୁଲ୍ଲ ପରିଡା, ଏଆଇକେକେଏମ୍‌ଏସ୍‌ର ଜିଲା ସଭାପତି ସୁବାସ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ବନ୍ଦର ପ୍ରଶାସନ ପକ୍ଷରୁ ସହାୟତା

**ପାରାଦୀପ,୫।୧୨(ସ୍ୱ.ପ୍ର.)**

ବ୍ୟତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପକ୍ଷରୁ ଆନ୍ଧ୍ରପ୍ରଦେଶରେ ମତ୍ସ୍ୟଜୀବୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ପ୍ରାୟ ୬୦୦ରୁ ଅଧିକ ମତ୍ସ୍ୟଜୀବୀଙ୍କୁ ବନ୍ଦର ପୋତାଶୟରେ ଆଶ୍ରୟ ଦିଆଯାଇଛି। ସେମାନଙ୍କୁ ଖାଦ୍ୟ, ପାନୀୟ ଓ ପରିବା ଆଦି ଯୋଗାଇ ଦିଆଯାଇଛି। ବନ୍ଦର ଟାଉନଶିପରେ ବିଦ୍ୟୁତ୍ ସେବା ଓ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି। ସୋମବାର ସକାଳୁ ଜାହାଜ ପୋତାଶୟରେ ପ୍ରବେଶ କରିବା ସହ ପଣ୍ୟ କାରବାର ସ୍ୱାଭାବିକ ହେବ ବୋଲି ବନ୍ଦର ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ମତ୍ସ୍ୟଜୀବୀମାନଙ୍କୁ ସହାୟତା କିଟ୍ ପ୍ରଦାନ କରାଯାଇଛି।


ପାରାଦୀପସ୍ଥିତ ନୂଆ ଜଗନ୍ନାଥ କଲୋନୀରେ ବର୍ଷାପାଣି ଜଳାଶୟର ଭ୍ରମ ସୃଷ୍ଟି କରୁଛି।

## ଉଜୁଡ଼ିଗଲା ସୁନାର ଫସଲ

**ପଟ୍ଟାମୁଣ୍ଡାଇ, ୫।୧୨(ସ୍ୱ.ପ୍ର.)**

ଜୱାଦ ପ୍ରଭାବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ସୁନାର ଧାନ ଫସଲକୁ ଉଜାଡି ଦେଇଛି। ଚାଷ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ବର୍ତ୍ତମାନ ପରିସ୍ଥିତିରେ ବ୍ଲକରେ ପାଖାପାଖି ୯୫ ପ୍ରତିଶତ ଧାନ କଟା ହୋଇନାହିଁ। କେତେଜଣ ଚାଷୀ ତରବରିଆ ଭାବେ ଧାନ କାଟି ଖଳାରେ ରଖିଥିଲେ ହେଁ ତାହା ଓଦା ହୋଇଯାଇଛି। ବର୍ଷକର ଆହାର ହରାଇବା ଆଶଙ୍କାରେ ଚାଷୀକୂଳ ଚିନ୍ତାରେ ପଡିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୫୦ ହଜାର ହେକ୍ଟର ଜମିରେ ଶାରଦ ଧାନ ଓ ପନିପରିବା କରାଯାଇଥିଲା। ବ୍ଲକର ଭାତହାଣ୍ଡି କୁହାଯାଉଥିବା ଉଡିକଣ ଅଞ୍ଚଳରେ ୩ ଦିନ ଧରି ବର୍ଷା ଲାଗି ଯୋଗୁ ଚାଷ ଜମିରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି। ପଟ୍ଟମୁଣ୍ଡାଇର ଧୋୟାଞ୍ଚଳ ଓ ଭେଡା ଅଞ୍ଚଳର ପ୍ରାୟ ୭ ହଜାର ହେକ୍ଟର ଜମିରେ ବିରି, ମୁଗ ଓ ପରିବା ଚାଷ କରାଯାଇଥିଲା। ଜମିରେ ଏସବୁ ପଚି ନଷ୍ଟ ହେବାକୁ ବସିଛି। ଋଣ ଓ ଉଧାର କରି ଚାଷ କରିଥିବା ଚାଷୀମାନେ ଋଣ ବୋଝ ଓ ପରିବାର ପାଇଁ ବର୍ଷକର ଖାଦ୍ୟ ଯୋଗାଡ କରିବା ଚିନ୍ତାରେ ପଡିଛନ୍ତି। ଜମିରୁ ପାଣି ଶୀଘ୍ର ନିଷ୍କାସନ ନ ହେଲେ ଧାନ ଗଜା ହୋଇଯିବ। ବାତ୍ୟା ପାଇଁ ଆଗୁଆ ସୂଚନା ମିଳିଥିଲେ ବି ପୂର୍ବରୁ ଲଘୁଚାପ ଜନିତ ବର୍ଷା କାରଣରୁ ଜମିରୁ ପାଣି ଶୁଖି ନ ଥିବା ଯୋଗୁ କଟାଯାଇ ପାରି ନ ଥିଲା। ଚାଷୀଙ୍କ ପରିବାର ପ୍ରତିପୋଷଣ ଓ ଋଣ ଶୁଝିବା ଚିନ୍ତା ଏବେ ଘାରିଛି।

## ତୁହାକୁତୁହା ବର୍ଷା, ଚାଷୀ ଆଖିରେ ଲୁହ

**କେନ୍ଦ୍ରାପଡ଼ା ଅଫିସ, ୫।୧୨**


ବର୍ଷାରେ ଜଳମଗ୍ନ ଧାନ କ୍ଷେତ।

- ୭ ଦିନ ମଧ୍ୟରେ କ୍ଷୟକ୍ଷତି ତଦନ୍ତ ରିପୋର୍ଟ
- କେନ୍ଦ୍ରାପଡ଼ା ଜିଲାରେ ୪୩୪ ମିମି ବର୍ଷା
- ତଟବନ୍ଧକୁ ନେଇ ଉଠିଲା ପ୍ରଶ୍ନ
- ଲଗାଣ ବର୍ଷାରେ ବ୍ୟତିବ୍ୟସ୍ତ ଜିଲାବାସୀ

କେନ୍ଦ୍ରାପଡ଼ା ଜିଲାରେ ଗତ ଦୁଇଦିନ ଧରି ଝିପିଝିପି ବର୍ଷା ହେଉଥିଲା। ରବିବାର ସକାଳଠାରୁ ବାତ୍ୟା ଜୱାଦ ପ୍ରଭାବରେ ତୁହାକୁ ତୁହା ବର୍ଷା ହେଉଛି। ସକାଳ ୮ଟା ସୁଦ୍ଧା ଜିଲାରେ ମୋଟ ୪୩୪ ମିଲିମିଟର ବର୍ଷା ହୋଇଛି; ଯାହା ଚାଷୀଙ୍କ ଖରିଫ ଧାନ ଓ ପନିପରିବା ଚାଷ ପ୍ରତି ବିପଦ ସାଜିଛି। ବାତ୍ୟା ପ୍ରଭାବରୁ ସମୁଦ୍ର ଜୁଆର ପାଣି ଲୁଣା ତଟବନ୍ଧ ଡେଇଁ ଜିଲାର ବିଭିନ୍ନ ସ୍ଥାନରେ କ୍ଷେତରେ ଜମି ଓ ଗ୍ରାମକୁ ମାଡି ଆସିଛି। ଜଳ ନିଷ୍କାସନ ସମସ୍ୟାରେ ଚାଷୀ ଥିବା ବେଳେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ବାତ୍ୟା ପୂର୍ବରୁ ଫସଲ ଅମଳକୁ ନେଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଆସନ୍ତା ୭ ଦିନ ମଧ୍ୟରେ ଚାଷ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଏସ୍‌ଆରସିଙ୍କୁ ପ୍ରଦାନ କରାଯିବ। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ ଶନିବାର ସକାଳ ସୁଦ୍ଧା ଜିଲାରେ ହାରାହାରି ୧୨.୫୬ ମି.ମି. ବର୍ଷା ହୋଇଥିଲା। ଜିଲାର ଗରଦପୁର ବ୍ଲକ ଅଞ୍ଚଳରେ ବର୍ଷା ହୋଇ ନ ଥିବା ବେଳେ ମହାକାଳପଡା ବ୍ଲକରେ ସର୍ବାଧିକ ୨୫ ମି.ମି. ବର୍ଷା ହୋଇଥିଲା। ଶନିବାର ସକାଳ ସୁଦ୍ଧା ଜିଲାର ୯ ବ୍ଲକରେ ମୋଟ ୧୧୩ ମି.ମି. ବର୍ଷା ହୋଇଥିଲା। ସେହିପରି ରବିବାର ସକାଳ ୮ଟା ସୁଦ୍ଧା ସର୍ବାଧିକ ୬୫ ମି.ମି. ବର୍ଷା ରାଜନଗର ବ୍ଲକ ଅଞ୍ଚଳରେ ହୋଇଛି। ଏହି ସମୟରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ୩୨୧ ମି.ମି. ବର୍ଷା ହୋଇଛି।

ମହାକାଳପଡ଼ାର ସୁନୀଲ ଗନ୍ତାୟତ କହିଛନ୍ତି, ଏହି ବାତ୍ୟା ଚାଷୀଙ୍କ ଆଖିରେ ଲୁହ ଆଣିଛି। ଲଗାଣ ବର୍ଷାରେ ଧାନ କ୍ଷେତରେ ପ୍ରାୟ ୨ ଫୁଟ ଉଚ୍ଚତାର ପାଣି ଜମିଗଲାଣି। ପାଚିଲା ଧାନ କ୍ଷେତରେ ଶୋଇ ପଡିବାରୁ ଗଜା ହେବା ସମ୍ଭାବନା ଅଧିକ ହୋଇଛି। ବର୍ଷା ପବନରେ ଧାନ ଝଡିଯାଇଛି। ଜଳ ନିଷ୍କାସନ କୃଷି ଭିତ୍ତିଭୂମି ପାଇଁ ବାଧକ ହୋଇଥିଲେ ମଧ୍ୟ କୌଣସି ରାଜନେତା ଅଥବା ପ୍ରଶାସକ ଏ ନେଇ ଚିନ୍ତା କରିନାହାନ୍ତି। ଯାହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଛି। ବାତ୍ୟା ଜିଲାର ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଇଛି। ଏ ନେଇ ମହାକାଳପଡ଼ାର ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଜିଲାର ଅଧିକାଂଶ ଚାଷ ସମବାୟ ସମିତିର ଋଣ ଉପରେ ନିର୍ଭରଶୀଳ। ତେବେ କୃଷି ଭିତ୍ତିଭୂମି ବିକାଶ ପାଇଁ କୌଣସି ଯୋଜନା ନାହିଁ। ଚଳିତବର୍ଷ ଜିଲାର ୨ ଲକ୍ଷ ୧୭ ହଜାରରୁ ଅଧିକ ଚାଷୀ କୃଷି ସମବାୟ ସମିତିରୁ ଋଣ ଆଣି ଖରିଫ ଧାନ ଚାଷ କରିଛନ୍ତି। ଗତ ସେପ୍ଟେମ୍ବରରେ ଲଗାଣ ବର୍ଷା ଫଳରେ ଦୀର୍ଘଦିନ ଧରି କ୍ଷେତରେ ପାଣି ଜମି ରହି ଚାଷ ଆରମ୍ଭରୁ ଧାନ ତଳି ନଷ୍ଟ କରିଥିଲା। କୌଣସି ପ୍ରକାର ଏହି କ୍ଷେତରେ ପୁନର୍ବାର ଚାଷ କରିଥିବା ବେଳେ ଅମଳ ସମୟରେ ଆସିଥିବା ବାତ୍ୟା ଧାନ ଓ ପନିପରିବା ଫସଲକୁ ନଷ୍ଟ କରିଛି। ଏବେ ଋଣ ଶୁଝିବା ନେଇ ଚିନ୍ତା ବଢ଼ିଛି। ରାଜନଗର ବ୍ଲକ ବସନ୍ତ କୁମାର ହାତୀ କହିଛନ୍ତି, ବାତ୍ୟା ସାମୁଦ୍ରିକ ଜୁଆରକୁ ଉତ୍ତାଳ କରିଛି। ସମୁଦ୍ର ତଟ ଅଞ୍ଚଳ ନିକଟବର୍ତ୍ତୀ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ତଟବନ୍ଧକୁ ଭାଙ୍ଗି ବିଭିନ୍ନ ଗ୍ରାମ ଓ କ୍ଷେତକୁ ଲୁଣି ପାଣି ପଶିଯାଇଛି। ତାଳଚୁଆ, ଖରିନାସୀ, କନ୍ଦରାପାଟିଆ, ବତିଘର, ବଡଚୁବି, ସାନ ଚୁବି, ଅଜଗରପାଟିଆ, ଜମ୍ବୁ ଆଦି ଗ୍ରାମରେ ସମୁଦ୍ରର ଲୁଣି ପାଣି ନଦୀ, ନାଳ ମାଧ୍ୟମରେ ମାଡି ଯାଇଛି। ଜଳ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଆଳି ତଟବନ୍ଧ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ କାର୍ଯ୍ୟାଳୟ ପ୍ରତିଷ୍ଠାଠାରୁ ଅଦ୍ୟାବଧି ତଟବନ୍ଧକୁ ଅଧିକ ସୁଦୃଢ଼ କରାଯାଇନାହିଁ। ପ୍ରତିବର୍ଷ ମରାମତି ନାମରେ ଅର୍ଥ ହରିଲୁଟ ହେଉଛି। ବାତ୍ୟା ବା ଲଗାଣ ବର୍ଷାରେ ତଟବନ୍ଧକୁ ଡେଇଁ କ୍ଷେତରେ ଲୁଣି ପାଣି ପଶୁଛି। ଫଳରେ ଚାଷ କ୍ଷତି ଦର୍ଶାଇ ଯୁବବର୍ଗ କର୍ମନିଯୁକ୍ତି ନିମନ୍ତେ ବାହାରକୁ ଯାଉଛନ୍ତି। ଚଳିତ ବାତ୍ୟାରେ ଅଧିକ ପବନ ନ ଥାଇ ମଧ୍ୟ କାହିଁକି ଚାଷରେ କ୍ଷତି ହେଲା, ତାହାର ତର୍ଜମାର ଆବଶ୍ୟକତା ଅଛି।

## ବର୍ଷକର ଆହାର ବୁଡ଼ିଲା

**ଡେରାବିଶ,୫।୧୨(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଜଓାଦ ପ୍ରଭାବହୀନ ହେଲା ସିନା ଉପକୂଳବର୍ତ୍ତୀ ଡେରାବିଶ ବ୍ଲକ ଅଞ୍ଚଳରେ ଉଜାଡି ଦେଲା ବର୍ଷକର ଆହାର ଧାନ ଫସଲ। ଲଘୁଚାପଜନିତ ବର୍ଷା ଶୁକ୍ରବାର ମଧ୍ୟରାତ୍ରିରୁ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇ କ୍ରମଶଃ ବୃଦ୍ଧି ପାଇବାରୁ ପାଚିଲା ଧାନ କ୍ଷେତରେ ପାଣି ଜମିରହି ଗଜା ହେବାକୁ ବସିଲାଣି। ଫଳରେ ବ୍ଲକ ଅଞ୍ଚଳର ଚାଷୀଙ୍କ ମୁଣ୍ଡରେ ଯେପରି ଚଡକ ପଡିଯାଇଛି। ଶନିବାର ବ୍ଲକ ଅଞ୍ଚଳରେ ସର୍ବାଧିକ ୧୫ ମି.ମି.ରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ରବିବାର ମଧ୍ୟାହ୍ନ ସୁଦ୍ଧା ମୁଷଳଧାରରେ ଲଗାଣ ବର୍ଷା ଲାଗି ରହିଛି। ଚାଷୀ ଶାହାଜାହାନ ଖାଁ କହିଛନ୍ତି, ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ସମବାୟ ସମିତି ଓ ଅନ୍ୟ ବ୍ୟକ୍ତିଗତ ସ୍ଥାନରୁ ଚାଷୀମାନେ ଋଣ ଓ ଧାରକରଜ ଆଣି ଚାଷ କରିଥିଲା। ଅମଳ ହେବାକୁ ଥିବା ଧାନ ଫସଲ ଆଖି ଆଗରେ ନଷ୍ଟ ହୋଇଯିବା ଦେଖି ଆମେ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଛୁ। ସେହିପରି ବ୍ଲକ ଅଞ୍ଚଳର ହରେକୃଷ୍ଣ ସ୍ୱାଇଁ କହିଛନ୍ତି, ବର୍ଷକର ଆହାର ଧାନ ପାଚିଯାଇଥିବା ବେଳେ ବର୍ଷା ପାଣିରେ ବୁଡି ସମ୍ପୂର୍ଣ୍ଣ ଗଜା ହୋଇଛି। କିପରି କରଜ ଶୁଝିବୁ ସେ ନେଇ ଚିନ୍ତାରେ ରହିଛୁ। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ବ୍ଲକ ଅଞ୍ଚଳରେ ହୋଇଥିବା ୧୨ହଜାର ହେକ୍ଟର ଧାନ ଫସଲ ମଧ୍ୟରୁ ଆପାତତଃ କେତେ ପରିମାଣର ଫସଲ ନଷ୍ଟ ହୋଇଛି ବର୍ଷା ଛାଡିବା ପରେ ତୁରନ୍ତ ଏହାର ଆକଳନ କରାଯିବ ବୋଲି ସେ କହିଛନ୍ତି।

## ୬୮ ମି.ମି. ବର୍ଷା ରେକର୍ଡ

**ଧର୍ମଶାଳା,୫।୧୨(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ ଜୱାଦ ଦୁର୍ବଳ ହେବା ଫଳରେ ବାତ୍ୟା ଆଶଙ୍କା ଟଳିଛି। ହେଲେ ଏହା ପ୍ରଭାବରେ ଲାଗିରହିଥିବା ବର୍ଷାରେ ଅମଳକ୍ଷମ ପାଚିଲା ଧାନ ନଷ୍ଟ ହୋଇଛି। ପାଚିଲା ଧାନକୁ କାଟି ଖଳାରେ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲା। ତେବେ କ୍ଷେତରେ ଏବେ ଧାନ ସମ୍ପୂର୍ଣ୍ଣ ପାଚି ନ ଥିବା ବେଳେ ସପ୍ତାହେ ପରେ ଏହା ଅମଳକ୍ଷମ ହେବାକୁଥିବାରୁ ଚାଷୀ ବିଲରେ ଛାଡି ଦେଇଥିଲେ। ଶନିବାର ସକାଳୁ ବର୍ଷା ଲାଗି ରହିବା ଫଳରେ ବିଲରେ ପାଣି ଜମିରହି ହେକ୍ଟର ହେକ୍ଟର ପାଚିଲା ଧାନ ନଷ୍ଟ ହୋଇଛି। ଯାଜପୁର ଜିଲାରେ ରବିବାର ସନ୍ଧ୍ୟାସୁଦ୍ଧା ୨୭.୩୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ସର୍ବାଧିକ ୬୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ବ୍ଲକରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବା ଆଶଙ୍କା କରାଯାଇଛି। ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୧୨ହଜାର ୬ଶହ ହେକ୍ଟର ଜମିରେ ଧାନ ଫସଲ ହୋଇଥିବା ବେଳେ ୩ହଜାର ୮ଶହ ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିବା କୃଷି ବିଭାଗ ପକ୍ଷରୁ ଜଣାଯାଇଛି। ବର୍ଷା ଲାଗି ରହିବାରୁ ବ୍ଲକର ପାଖାପାଖି ୫୦ ପ୍ରତିଶତ ଧାନ ଫସଲ ଓ ୭୦ ପ୍ରତିଶତ ପନିପରିବା ଫସଲ ନଷ୍ଟ ହୋଇଥିବା ଆଶଙ୍କା କରାଯାଇଛି। ତେବେ ପାଗ ଭଲ ହେବା ପରେ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।


ଧାନ ବିଲରେ ବର୍ଷା ପାଣି ଜମିଛି।

## ମାଡ଼ିଗଲା ଦୁଇ ଫୁଟ୍ ସମୁଦ୍ର ଜଳ

**ମହାକାଳପଡ଼ା,୫।୧୨(ଡି.ଏନ୍.ଏ.)**

**ସନ୍ନିପାତରେ ବୃଦ୍ଧ ମୃତ୍ୟୁ ଅଭିଯୋଗ**

ବାତ୍ୟା ଜୱାଦ ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଭୀଷଣ ବର୍ଷା ରବିବାର ଲାଗି ରହିଛି। ଏହି ଅଞ୍ଚଳର ଚାଷୀମାନଙ୍କ ବର୍ଷକର ଆହାର ଧାନ ଫସଲ ଉପରେ ଦୁଇ ଫୁଟର ଲୁଣା ପାଣି ଜମି ରହିଛି। ବର୍ଷାରେ ଓଦା ହୋଇ ସନ୍ନିପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳ ଚାଷୀଙ୍କ ଫସଲ ଉଜୁଡି ଯାଇଥିବା କ୍ଷୟକ୍ଷତି ଆକଳନ କରିବା ପାଇଁ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ମହାକାଳପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତ ବିଧାନସଭାରେ ଚାଷୀଙ୍କ ସମସ୍ୟା ଓ ଧାନ ଫସଲ ନଷ୍ଟ ହୋଇଥିବା ନେଇ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ପଚାରିବାରେ ଚାଷୀଙ୍କ ସମସ୍ୟା ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳରେ ଲୁଣା ଘେରି ବନ୍ଧ ବୁଡି ସମୁଦ୍ର ଜୁଆର ପାଣି ପ୍ରବେଶ କରି ପାଚିଲା ଧାନଜମି ବୁଡି ଯାଇଛି। ବିଶେଷ କରି ବ୍ଲକର ବତିଘର, ଖରିନାସୀ, ରାମନଗର, ବଉଳକଣି, ଜମ୍ବୁ, ସୁନିତୀ, ନାଞ୍ଜୁରା, ବଅଡି, କଂଶାର, ବଡ଼ଦାଣ୍ଡୁଆ, ଗଗୁଆ, ବରକନ୍ଧା, ପେଟଛେଲା, ମଙ୍ଗଳପୁର, ବାରଡାଙ୍ଗ ଆଦି ପଞ୍ଚାୟତରେ ବିପୁଳ ପରିମାଣର ଚାଷ ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ତୁରନ୍ତ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ବାତ୍ୟା ପ୍ରଭାବରେ ଜଳମଗ୍ନ ଯୋଗୁ କଂଶାର ବଡ଼ଦାଣ୍ଡୁଆ ପଞ୍ଚାୟତର ବଡପାଳ ଗ୍ରାମର କାଳିପଦ ମଣ୍ଡଳ(୮୭) ଲଗାଣ ବର୍ଷା ଓ କୋହଲା ପାଗରେ ଥଣ୍ଡା ଯୋଗୁ ସନ୍ନିପାତ ହୋଇ ମୃତ୍ୟୁବରଣ କରିଥିବା ସ୍ଥାନୀୟ ସରପଞ୍ଚ ଲୋଭାବତି ରାଉତ କହିଛନ୍ତି।

## ଧାନ, ରବି ଫସଲ ନଷ୍ଟ

**ଚଣ୍ଡିଖୋଲ,୫।୧୨(ଡି.ଏନ.ଏ.)**

ଜୱାଦ ପ୍ରଭାବରେ ବଡ଼ଚଣା ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଧାନ ବିଲରେ ବର୍ଷାଜଳ ଲହଡ଼ି ମାରୁଛି। ପବନରେ ଧାନଗଛ ଶୋଇପଡ଼ିବା ହେତୁ ପାଣିରେ ବୁଡି ରହିଛି। ଯେଉଁଥି ପାଇଁ ଚାଷୀ ଚିନ୍ତାରେ ରହିଛନ୍ତି। ସେହିଭଳି ରବି ଓ ପନିପରିବା ଫସଲ ମଧ୍ୟ ନଷ୍ଟହେବା ସମ୍ଭାବନା ଦେଖାଦେଇଛି। ଶନିବାର ବ୍ଲକରେ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ସକାଳ ୮ଟା ସୁଦ୍ଧା ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବ୍ଲକର ୪୩ ପଞ୍ଚାୟତରେ ୧୦ ହଜାର ହେକ୍ଟର ଜମିରେ ଶାରଦ ଧାନ ଚାଷ କରାଯାଉଥିବା ବେଳେ ଏବେ ସୁଦ୍ଧା ମାତ୍ର ୨୦ରୁ୩୦% ଧାନ କଟାଯାଇଛି। ବ୍ଲକର ନଦୀକୂଳିଆ ଅଞ୍ଚଳ ଯଥା; ବଡ଼ବାଲିକୁଦା, ବରପଦା, ସାଉଡିଆ, ମଝିପଡା, ଅଚ୍ୟୁତବସନ୍ତ, ଅଣକା, କୋଲଣଗିରି, କୁନ୍ଦଳ, ଚାରିନଙ୍ଗଳ, ମାଣ୍ଡୁକା, ଅରଖପୁର, ରାଧାଦେଇପୁର, ଶାନ୍ତିପୁର ଆଦି ପଞ୍ଚାୟତରେ ପ୍ରାୟ ୨ ହଜାର ହେକ୍ଟର ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। ୫୦୦ ହେକ୍ଟର ପନିପରିବା ଫସଲ କ୍ଷତି ହୋଇଥିବା ଆକଳନ କରାଯାଇଛି। ଏସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର କହିଛନ୍ତି, ଯେଉଁ ଧାନ ଶୋଇପଡ଼ିଥିବ ସେଗୁଡ଼ିକ ନଷ୍ଟ ହୋଇପାରେ। ରବିଫସଲ ମଧ୍ୟରୁ ଚିନାବାଦମ ନଷ୍ଟ ହେବନାହିଁ। ଡାଲିଜାତୀୟ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି।

## ଅମଳ କମିବ, ଆୟ ପ୍ରଭାବିତ ହେବ

**ରସୁଲପୁର,୫।୧୨(ଡି.ଏନ.ଏ.)**

ବାତ୍ୟା ଜୱାଦ ବିପଦ ଟଳିଥିବାରୁ ରସୁଲପୁର ବ୍ଲକ ଅଞ୍ଚଳରେ ପବନ ବେଗ କମ ପରିଲକ୍ଷିତ ହୋଇଛି। ଫଳରେ ମଞ୍ଜା ଜାତୀୟ ଫସଲ ବିଶେଷକରି ପାନବରଜ ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ହେଲେ ପରିବା ଫସଲ କିଆରିରେ ବର୍ଷା ଜଳ ଲହଡ଼ି ମାରୁଛି। ଅଦିନିଆ ବର୍ଷା ଯୋଗୁ ରବି ଋତୁର ଶୀତଦିନିଆ ଫସଲରେ ବ୍ୟାପକ କ୍ଷତି ପହଞ୍ଚିବ ବୋଲି କୁହାଯାଉଛି। ଏହି ବର୍ଷା ଚାଷୀଙ୍କ ଆୟକୁ ପ୍ରଭାବିତ କରିବ ବୋଲି ଚାଷୀ ଶିଶିର ରାଉତ ମତ ରଖିଛନ୍ତି।

ରବି ଋତୁରେ ଚିନାବାଦାମ, ବିରି, କୋଳଥ, ହରଡ, କୋବି, ବାଇଗଣ, ଭେଣ୍ଡି, କଲରା, କାକୁଡି, ଆଳୁ, ଝୁଡଙ୍ଗ, ବିନ୍ସ ଆଦି ଫସଲକୁ ଚାଷୀ ଗୁରୁତ୍ୱ ଦେଇ ଚାଷ କରୁଛନ୍ତି। ଅକ୍ଟୋବର ଓ ନଭେମ୍ବର ରବି ଫସଲର ବୁଣାବୁଣି ହୋଇଥାଏ। ହେଲେ ଚଳିତବର୍ଷ ନଭେମ୍ବର ଶେଷ ସପ୍ତାହ ଓ ଡିସେମ୍ବର ପ୍ରଥମ ସପ୍ତାହରେ ବର୍ଷା ହେବାରୁ ବୁଣାବୁଣି ବାଧାପ୍ରାପ୍ତ ହୋଇଛି। ଯାହାକିଛି ବୁଣାଯାଇଛି ସେଥିରୁ ଅଧିକାଂଶ ବିହନ ପଚିଯିବ ବୋଲି ଆଶଙ୍କା କରାଯାଉଛି। ବାଦାମ ବିହନ, ପୋଟଳ ଚେର ଆଦି ପଚି ଯିବ ବୋଲି କୁହାଯାଉଛି। ବିହନ ବୁଣିବାକୁ ବାକି ଥିବା କ୍ଷେତର ଆର୍ଦ୍ରତା ଯୋଗୁ ଚାଷ ବିଳମ୍ବ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏଭଳି ହେଲେ ଉତ୍ପାଦନ କମିଯିବା ସମ୍ଭାବନା ରହିଛି। ତେବେ ପରିବା କ୍ଷେତରେ ବର୍ଷାପାଣି ଲହଡି ମାରୁଥିବାରୁ ବିଶେଷ କ୍ଷତି ପହଞ୍ଚିବ। ବର୍ଷା ଜନିତ ସର୍ତ୍ତକତା ସ୍ୱରୂପ ଚାଷୀ ପରିବାଗୁଡିକୁ ଆଗୁଆ ତୋଳି


 କୋବି ବିଲରେ ପାଣି ଜମି ରହିଛି।


ବର୍ଷା ଯୋଗୁ ମଞ୍ଜା ଫସଲ କ୍ଷତିଗ୍ରସ୍ତ ହୋଇଛି।

କ୍ଷତି ସହିଛନ୍ତି। ବର୍ଷା ପରେ ଫସଲରେ ଝାଉଁଳା, ପତ୍ରଝଡ଼ା, ମୂଳଶଢ଼ା ରୋଗ ଦେଖାହେବ। ପରିବା ଗଛରେ ଧରିଥିବା ଫୁଲ, କଷି ଝଡ଼ିଯିବ। ପରିବାକ୍ଷେତକୁ ପୁରୁଣା ସ୍ଥିତିକୁ ଫେରାଇ ଆଣିବାକୁ ହେଲେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ।

ଏହାସତ୍ତ୍ୱେ ବି ଚାଷୀ ସଅଳ ଅମଳ କରିବା ଲକ୍ଷ୍ୟ ବାଧାପ୍ରାପ୍ତ ହେବ। ରବି ଫସଲରେ ଲାଭବାନ ହେବା ନେଇ ଚାଷୀ ରଖିଥିବା ଆଶା ମଉଳି ଯାଇଛି। ସେହିପରି ଆଳୁଚାଷୀ ସରକାରୀ ବିହନ ନେଇ ଗଜା କରିଛନ୍ତି। ଦିନେ ଦୁଇଦିନରେ ଆଳୁ ବିହନ ଲଗାଯାଇଥାନ୍ତା। ତାହା ଏବେ ଆହୁରି ବିଳମ୍ବ ହେବ ବୋଲି ଆଶଙ୍କା କରାଯାଉଛି। ବର୍ଷା ଯୋଗୁ ଆଳୁଚାଷ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଆଳୁ ଉତ୍ପାଦନ କମିଯିବ ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଉଛି। ତେଣୁ ଲଘୁଚାପ ଜନିତ କ୍ଷୟକ୍ଷତିକୁ ତୁରନ୍ତ ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୬ ଡିସେମ୍ବର, ୨୦୨୧



## ସଂକ୍ଷେପରେ

### ବଜ୍ରପାତରେ ଗୁହାଳ ଜଳିଗଲା: ଗାଈ ମୃତ

**ତିର୍ତ୍ତୋଲ,୫।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତ ଅନୁପଲ୍ଲା ଗ୍ରାମରେ ବଜ୍ରପାତ ଘଟି ମାନସ ବେହେରାଙ୍କ ଗୁହାଳ ଜଳିଯାଇଥିବାବେଳେ ଆଉ ଏକ ବଖରା କିଛି ମାତ୍ରାରେ ପୋଡ଼ିଯାଇଛି। ଫଳରେ ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ୪ଟି ଆହତ ହୋଇଛନ୍ତି। ତିର୍ତ୍ତୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଖଣି ଅଞ୍ଚଳରେ ରକ୍ତଦାନ ଶିବିର

**କାଳିଆପାଣି,୫।୧୨(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅଧୀନ କାଳିଆପାଣି ଖଣି ଅଞ୍ଚଳରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ୮୧ତମ ଜନ୍ମ ବାର୍ଷିକ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ କମ୍ବଳ ବଣ୍ଟନ କରାଯିବା ସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, କାଳିଆପାଣି ସରପଞ୍ଚ କଳ୍ପନା ଜେନା, ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ଚିଙ୍ଗୁଡ଼ିପାଳ ସରପଞ୍ଚ ନୀଳେନ୍ଦ୍ରି ପ୍ରଧାନ, କାଙ୍କଡପାଳ ସରପଞ୍ଚ ସବିତା ମହାନ୍ତ, ପୂର୍ବତନ ସରପଞ୍ଚ ସୁଷମା ନାୟକ, ନାରୀନେତ୍ରୀ ଜେମା ଚାଖି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାଳିଆପାଣି ଖଣି ନିଗମ ମୁଖ୍ୟ ଡାକ୍ତରଖାନାରେ ଶ୍ରମିକ ସଂଘ ସହଯୋଗରେ ସୌରିକ ଆଥଲେଟିକ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଖଣି ନିଗମ ବରିଷ୍ଠ ଡା. ବିଶ୍ୱରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରକ୍ତଦାନ କରାଯାଇଥିଲା।

### ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

**ଚଣ୍ଡିଖୋଲ,୫।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ବିଜେଡି ସଭାପତି ଶୁକଦେବ ତ୍ରିପାଠୀ (୮୮)ଙ୍କ ରବିବାର ନିଜଗ୍ରାମ ଖଡ଼କପୁରଠାରେ ପରଲୋକ ଘଟିଛି। ତ୍ରିପାଠୀ ୧୯୬୭ରେ ଅବିଭକ୍ତ ଗୋପାଳପୁର ପଞ୍ଚାୟତର ସଭାପତି ଭାବେ ଜନତା ଦଳ ଦାୟିତ୍ୱ ନେଇଥିଲେ। ପରେ ଉକ୍ତ ପଞ୍ଚାୟତରେ ବିଜେଡି ସଭାପତି ଦାୟିତ୍ୱରେ ରହି ଆସିଥିଲେ। ଜଣେ ସୁସଙ୍ଗଠକ, ପରୋପକାରୀ ବ୍ୟକ୍ତି ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ବିୟୋଗ ଖବର ଜଣାପଡ଼ିବା ପରେ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ବିଜେଡି ଜିଲା ଉପସଭାପତି ଶାରଦା ପ୍ରସନ୍ନ ମହାନ୍ତି, ପ୍ରବୀର ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ସରପଞ୍ଚ ଶରତ ସାମଲ, ସରସ୍ୱତୀ ବେହେରା ଓ ଦମୟନ୍ତୀ ସାମଲ ପ୍ରମୁଖ ତାଙ୍କ ବସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ ବିଧାୟକ ଅମର ପ୍ରସାଦ ଶତପଥୀ ଶୋକବ୍ୟକ୍ତ କରିଛନ୍ତି।

# ୧୦୦୦ କାର୍ଡଧାରୀ ରାଶନ ସାମଗ୍ରୀରୁ ବଞ୍ଚିତ

**ରସୁଲପୁର ବ୍ଲକ**

■ ଏକାଧିକ ସ୍ଥାନରେ ଜଣେ ହିତାଧିକାରୀଙ୍କ ନାମ

■ ଖୋଲୁନି ପୋର୍ଟାଲ, ତ୍ରୁଟି ସଂଶୋଧନରେ ସମସ୍ୟା

ରସୁଲପୁର,୫।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକରେ ୧୦୦୦ରୁ ଊର୍ଦ୍ଧ୍ୱ ରାଶନକାର୍ଡଧାରୀ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀଙ୍କ ନାମ ଏକାଧିକ କାର୍ଡରେ ରହିଥିବାରୁ ସେମାନଙ୍କ କାର୍ଡ ବାତିଲ କରି ଦିଆଯାଇଛି। ଏହି ବର୍ଗରେ ଆସୁଥିବା କାର୍ଡଧାରୀଙ୍କ ରାଶନ ସାମଗ୍ରୀ ରିଟେଲରଙ୍କ କୋଟାରୁ କାଟି ଦିଆଯାଇଛି। ଏହାକୁ ନେଇ କାର୍ଡଧାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଏପଟେ ରାଶନକାର୍ଡରେ ଥିବା ତ୍ରୁଟିବିଚ୍ୟୁତିର ସଂଶୋଧନ ହୋଇପାରୁ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପୋର୍ଟାଲ ବନ୍ଦ ଥିବାରୁ ହିତାଧିକାରୀଙ୍କ ସମସ୍ୟା ସମାଧାନରେ ଅସୁବିଧା ସୃଷ୍ଟି ହୋଇଛି। ଶତାଧିକ ହିତାଧିକାରୀ ବ୍ଲକ ଯୋଗାଣ ବିଭାଗ ଅଫିସକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଅପରପକ୍ଷରେ ରାଶନ କାର୍ଡ ଆଧାରରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବାଣ୍ଟୁଛନ୍ତି। ଏହି ହିସାବରେ ଏବେ ରାଶନକାର୍ଡରୁ ବାଦ୍ ପଡ଼ିଥିବା ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରୁ ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଖାଦ୍ୟ ସୁରକ୍ଷା ପୋର୍ଟାଲ ତୁରନ୍ତ ଖୋଲି ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

୨୦୧୩ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କରାଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ସରକାର ୧ ଅକ୍ଟୋବର ୨୦୧୮ରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରି ସାମଗ୍ରୀ ଯୋଗାଉଛନ୍ତି। ଏହି ଯୋଜନାରେ ସାମିଲ ହିତାଧିକାରୀଙ୍କୁ ପର୍ଯ୍ୟାୟ ଅନୁସାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପରିସରଭୁକ୍ତ କରାଯାଉଛି। ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ପଞ୍ଜୀକୃତ ହିତାଧିକାରୀଙ୍କ ନାମ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡରେ ରହିଥିବାରୁ କାର୍ଡ ସ୍ୱତଃ କଟି ଯାଉଛି। ଅଗଷ୍ଟରୁ ଖାଦ୍ୟ ସୁରକ୍ଷା ପୋର୍ଟାଲ ବନ୍ଦ ଥିବାରୁ ଯୋଜନା ଲକ୍ଷ୍ୟଚ୍ୟୁତ ହୋଇପଡ଼ିଛି।

ଏହି କ୍ରମରେ ଦେଖିବାକୁ ଗଲେ ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୬,୧୨୩ ପରିବାରର ୧ଲକ୍ଷ ୪୦ ହଜାର ୪୭୫ ଜଣଙ୍କୁ ସାମଗ୍ରୀ ଯୋଗାଇ ଦିଆଯାଉଛି। ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକର ୨,୭୭୧ ପରିବାରର ୮୦୪୩ଜଣଙ୍କୁ ସାମଗ୍ରୀ ମିଳୁଥିଲା। ସେଥିମଧ୍ୟରୁ ୧୦୦୦ରୁ ଊର୍ଦ୍ଧ୍ୱ କାର୍ଡ ଓ ୫୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପରିବାରର ମୁଖ୍ୟଙ୍କ ସମେତ ଅବିବାହିତ ପୁଅ ଓ ଝିଅଙ୍କ ନାମ ରହିଥିଲା। ସେମାନେ ବିବାହିତ ହୋଇଯିବା ପରେ ନିଜ ପରିବାରକୁ ନେଇ ରାଜ୍ୟ ସରକାରଙ୍କ ଯୋଜନା ଜରିଆରେ ନୂଆ କାର୍ଡ ହାତେଇଛନ୍ତି। ଏହି ମିଶ୍ରଣ ବେଳେ କାର୍ଡରେ ଜଣେ ବ୍ୟକ୍ତିଙ୍କ ନାମ ଏକାଧିକ ସ୍ଥାନରେ ରହୁଛି। ଫଳରେ ହିତାଧିକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ଟୁନାରାଣୀ ସାହୁ କହିଛନ୍ତି, ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ନାମ ଥିବାରୁ ସେମାନଙ୍କ କାର୍ଡ ସ୍ୱତଃ କଟିଯାଇଛି ଓ ରାଶନ ମଧ୍ୟ ବନ୍ଦ ହୋଇଯାଉଛି। ଏଥିରେ ସେମାନଙ୍କ କୌଣସି ଭୂମିକା ନାହିଁ। ପୋର୍ଟାଲ୍ ଖୋଲିଲେ କାର୍ଡରେ ଥିବା ତ୍ରୁଟି ସଂଶୋଧନ କରାଯିବ। ଏହାପରେ ସେମାନେ ପୂର୍ବପରି ରାଶନ ସାମଗ୍ରୀ ପାଇପାରିବେ ବୋଲି ସାହୁ ମତ ରଖିଛନ୍ତି।

## 'ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି'

ଧର୍ମଶାଳା,୫।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ପଣ୍ଡୁଆସ୍ଥିତ ୱେଲବିଙ୍ଗ ଫିଜିଓଥେରାପି କ୍ଲିନିକ୍ ଉଦ୍‌ଘାଟନ ଅବସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ରମାକାନ୍ତ ଜେନା, ମୁଖ୍ୟବକ୍ତା ପ୍ରଫେସର ମନୋରଞ୍ଜନ ମହାନ୍ତି, ଅତିଥିଭାବେ ବିଇଓ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ ଦିବ୍ୟାଙ୍ଗ କୌଣସି ଗୁଣରେ କମ୍ ନୁହନ୍ତି। ତେଣୁ ଦିବ୍ୟାଙ୍ଗଙ୍କ ପ୍ରତି ଘୃଣ୍ୟ ଦୃଷ୍ଟି ରଖିବା ଈଶ୍ୱରଙ୍କ ସର୍ଜନା ପ୍ରତି ଉପହାସ ବୋଲି ମତ ପ୍ରକାଶ କରିଥିଲେ। ପ୍ରଫେସର ରାଧାଶ୍ୟାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଫକୀର ଚରଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରି ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା କ୍ରଶର ଆସୋସିଏଶନ ସଭାପତି ଚନ୍ଦନ ନାୟକ, ସଂଗ୍ରାମ କେଶରୀ ଜେନା, ସାମାଜିକ କର୍ମୀ ପ୍ରସନ୍ନ କୁମାର ରାଉତ, ବିଜେଡି ମିଡିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନା, ପଣ୍ଡିତ ବ୍ରଜକିଶୋର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର କୈବଲ୍ୟ ମହାପାତ୍ର ଉତ୍ସବ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ: ବରୁଣିଆ ଚାମ୍ପିୟନ

ଜେନାପୁର,୫।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ ଅଞ୍ଜିରା ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ଡ୍ରେଞ୍ଜର ଇଲେଭେନ୍ ଖେଳ ପଡ଼ିଆଠାରେ ରାଜ୍ ମେମୋରିଆଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲୁଜର ଇଲେଭେନ ବରୁଣିଆ ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍‌ରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଲୁଜର ଇଲେଭେନ ବରୁଣିଆ ଓ ଲକ୍ଷ୍ମୀ ନାରାୟଣ କ୍ରିକେଟ କ୍ଲବ ରାଇଛନ୍ଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରୁଣିଆ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୮ ଓଭର ବିଶିଷ୍ଟ ମ୍ୟାଚରୁ ୧୬ ଓଭର ଖେଳି ସମସ୍ତ ଉଇକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ଜବାବରେ ରାଇଛନ୍ଦା ୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ୩୦ ରନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

ସଂଗ୍ରହ କରି ପରାଜୟ ବରଣ କରିଥିଲା। ପ୍ରକାଶ ଦାସ, ଶ୍ରୀକାନ୍ତ ପ୍ରଧାନ ଫାଇନାଲ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. ବିନୋଦ ମଣ୍ଡନ, ସମ୍ମାନିତ ଅତିଥି ରଘୁନାଥ ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରଭାତ କୁମାର ସାହୁ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ ମେମୋରିଆଲ କ୍ରିକେଟ କ୍ଲବର ସଭାପତି ଅଭିନାଶ ପ୍ରଧାନ, ଶୁଭେନ୍ଦୁ ବେହେରା, ରାକେଶ ପ୍ରଧାନ, ହୃଦାନନ୍ଦ ପରିଡ଼ା, ବିଶ୍ୱଜିତ ପାଲ ଓ ସୁଜିତ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।

## ପରିବହନ ବନ୍ଦ କଲେ ଏନ୍‌ଆଇଏନ୍‌ଏଲ୍ କର୍ମଚାରୀ

**ଡିଆଇପିଏଏମ୍‌ର ଅଯଥା ହସ୍ତକ୍ଷେପ**

ଯାଜପୁର ଅଫିସ,୫।୧୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ବନ୍ଦ ପଡ଼ିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍) କାରଖାନାର କର୍ମଚାରୀମାନେ ଉତ୍ପାଦ ସାମଗ୍ରୀ ବିକ୍ରି ତଥା ପରିବହନକୁ ବନ୍ଦ ରଖିଛନ୍ତି। ଡିଆଇପିଏଏମ୍ (ଡିପାର୍ଟମେଣ୍ଟ ଅଫ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ ଆସେଟ୍ ମ୍ୟାନେଜମେଣ୍ଟ) ଏବଂ ଏମ୍‌ଏମ୍‌ଟିସି (ମିନେରାଲ୍ସ ଆଣ୍ଡ ମେଟାଲ ଟ୍ରେଡିଂ କର୍ପୋରେଶନ)ର ମନମାନି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହିମର୍ମରେ ସଂଘ ପକ୍ଷରୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ସଚିବ ତୁହିନକାନ୍ତ ପାଣ୍ଡେଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ଡିଆଇପିଏଏମ୍ ଓ ଏମ୍‌ଏମ୍‌ଟିସି କର୍ତ୍ତୃପକ୍ଷ ଘରୋଇ କମ୍ପାନୀ ସହ ମିଶି କର୍ମଚାରୀମାନଙ୍କ ଦୀର୍ଘଦିନର ପୁରୁଣା ପଦୋନ୍ନତି ଓ ଦରମା ରିଭିଜନକୁ ବନ୍ଦ କରି ରଖିଛନ୍ତି। ନୀଳାଚଳର ପରିଚାଳନା ଉପରେ ଡିଆଇପିଏଏମ୍ ଅଯଥା ହସ୍ତକ୍ଷେପ କରୁଛି। ନୀଳାଚଳ ଗୋଟିଏ ଅଲଗା କମ୍ପାନୀ। କର୍ମଚାରୀଙ୍କ ସମସ୍ତ ଭଲମନ୍ଦ କେବଳ ନୀଳାଚଳ ପରିଚାଳନା କମିଟି ହିଁ ବୁଝିବ। ଏ ସଂକ୍ରାନ୍ତରେ ରାଜ୍ୟ ସଭାରେ ଗତ ୩୦ ତାରିଖରେ ଏମ୍‌ପି ମନୋଜ କୁମାର ଝାଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭଗବତ କିଶନରାଓ କରାଡ଼ କହିଛନ୍ତି, କର୍ମଚାରୀ ସମ୍ବନ୍ଧୀୟ କୌଣସି ସମସ୍ୟା ବିଷୟରେ କେବଳ ନୀଳାଚଳ ପରିଚାଳନା କମିଟି ହିଁ ସମାଧାନ କରିପାରିବ। ମାତ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଡିଆଇପିଏଏମ୍ ଏକଥା ନ ମାନି ନୀଳାଚଳ ବିଷୟରେ ବାରମ୍ବାର ଅଯଥାରେ ହସ୍ତକ୍ଷେପ କରୁଥିବାରୁ କମ୍ପାନୀର କର୍ମଚାରୀମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ କର୍ମଚାରୀମାନେ ଏହାକୁ ବେଆଇନ କହି ବିରୋଧ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ନୀଳାଚଳକୁ ବିପଦ ସମୟରେ ଟଙ୍କାଟିଏ ବି ସହଯୋଗ କରି ନ ଥିବାବେଳେ କେବଳ ଘରୋଇ କମ୍ପାନୀ ପ୍ରଭାବରେ ହସ୍ତକ୍ଷେପ କରୁଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି।




ଏନ୍‌ଆଇଏନ୍‌ଏଲ କାରାଖାନାର ମୁଖ୍ୟ ଫାଟକ।

## ମୃତ୍ତିକା ଦିବସ ପାଳିତ

ତିର୍ତ୍ତୋଲ, ୫।୧୨ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ରବିବାର ବିଶ୍ୱ ମୃତ୍ତିକା ଦିବସ ଅନଲାଇନ ପ୍ଲାଟଫର୍ମରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବର୍ଷା ଓ ବାତ୍ୟା ସ୍ଥିତି ବଳବତ୍ତର ଥିବାରୁ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିଶ୍ୱ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ଓୟୁଏଟି ଅଧୀନ କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ଅଧ୍ୟକ୍ଷ ଡ. ହେମନ୍ତ କୁମାର ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷିର ଅଗ୍ରଗତି ନିମନ୍ତେ ସୁସ୍ଥ ମୃତ୍ତିକାର ଭୂମିକା ଉପରେ ଆଲୋଚନା କରିଥିଲେ। ବୈଜ୍ଞାନିକ ଡ଼. ପ୍ରଦୀପ୍ତ କୁମାର ମାଝି ମୃତ୍ତିକାରେ ଥିବା ପୋଷକତତ୍ତ୍ୱ ଓ ଲୁଣି ମାଟିର ସୁପରିଚାଳନା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ କୃଷି ଅଧିକାରୀ ମିହିର କୁମାର, ଆଶିଷ କୁମାର ମହାନ୍ତି, ଦ୍ୱାରିକା ମୋହନ ଦାସ, ପ୍ରଭାତ କୁମାର ପାଢ଼ୀ, ସୁଶ୍ରୀ ପ୍ରଶାନ୍ତି ଶର୍ମା ଓ ସରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଯୁକ୍ତ ୩ରେ ନାମ ଲେଖାଇ ପାରୁନାହାନ୍ତି ମନୋଜ

**୫ ହଜାର ଟଙ୍କା ପାଇଁ ସାର୍ଟିଫିକେଟ୍ ଦେଉନାହାନ୍ତି କଲେଜ କର୍ତ୍ତୃପକ୍ଷ**

ରସୁଲପୁର,୫।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ହାଇଟେକ୍ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମନୋଜ ସିଂହ ନାମକ ଛାତ୍ର ଯୁକ୍ତ ୩ରେ ନାମ ଲେଖାଇ ପାରୁନାହାନ୍ତି। ଛାତ୍ରଙ୍କ ବାପା ପ୍ରଫୁଲ୍ଲ ସିଂହ କଲେଜ ଫି ବାବଦକୁ ୫ ହଜାର ଟଙ୍କା ପୈଠ କରି ନ ପାରିବାରୁ କର୍ତ୍ତୃପକ୍ଷ ଛାତ୍ରଙ୍କୁ କଲେଜ ଲିଭିଂ ଓ କଣ୍ଡକ୍ଟ ସାର୍ଟି ଫିକେଟ୍ ଦେଉନାହାନ୍ତି। ଏନେଇ ଛାତ୍ରଙ୍କ ପରିବାର ପକ୍ଷରୁ ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଘଟଣାରେ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

ଯାଜପୁର ବ୍ଲକ ଶ୍ୟାମଦାସପୁର ପଞ୍ଚାୟତ କୁଖାଲା ଗ୍ରାମର ମନୋଜ ଉକ୍ତ କଲେଜରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇଥିଲେ। ପାଠ ପଢ଼ା ବାବଦକୁ ୮୫ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ୨୦୨୦ ମାର୍ଚ୍ଚରେ କରୋନା କାରଣରୁ ଅଫ ଲାଇନ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା। ମନୋଜଙ୍କ ବାପା ୪ଟି କିସ୍ତିରେ ୮୦ ହାଜର ଟଙ୍କା ପୈଠ କରିସାରିଥିଲେ। ମାତ୍ର କରୋନା ଯୋଗୁ ବାକି ୫ ହଜାର ଟଙ୍କା ଦେବାକୁ ଅସମର୍ଥ ହୋଇଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷ ଛାତ୍ରଙ୍କ ସ୍କୁଲ ଲିଭିଂ ଓ କଣ୍ଡକ୍ଟ ସାର୍ଟିଫିକେଟ ଦେବାକୁ ମନା କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷ ସନ୍ଦୀପ ବିଶ୍ୱାଳ କହିଛନ୍ତି, ସମ୍ପୃକ୍ତ ଅଭିଭାବକ ବକେୟା ଟଙ୍କା ପୈଠ କରିବେ ବୋଲି ଅଣ୍ଡରଟେକିଂ ଲେଖିଥିଲେ। ତେଣୁ ପ୍ରମାଣପତ୍ର ନେବା ବେଳକୁ ବକେୟା ଅର୍ଥ ପୈଠ କରିବାକୁ କୁହାଯାଇଥିଲା। କିନ୍ତୁ ସେ ଏହାକୁ ପୈଠ କରିବାରେ ଅସମର୍ଥ ବୋଲି କହି ପ୍ରମାଣପତ୍ର ନେବାକୁ ଦାବି କରିଥିଲେ। ଆମେ ଏ ଦିଗରେ ଆଲୋଚନା କରି ଜଣାଇବୁ ବୋଲି କହିଥିଲୁ। ମାତ୍ର ସେ କଞ୍ଜୁମର କେସ୍ କରିବେ ବୋଲି ଧମକ ଦେଇଥିଲେ।

## ଇପିଏଫ୍ ପାଇଁ ଇ-ନୋମିନେଶନ ପ୍ରକ୍ରିୟା ଆରମ୍ଭ

ପାରାଦୀପ,୫।୧୨(ସ୍ୱ.ପ୍ର.)

ଇପିଏଫ୍ ବ୍ୟବସ୍ଥାକୁ ସରଳୀକରଣ ପାଇଁ ଇ-ନୋମିନେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଫ୍‌କୋ ଓ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଭୁବନେଶ୍ୱରଠାରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ କମ୍ପାନୀ ଓ ଠିକାସଂସ୍ଥାର କର୍ମଚାରୀ ଯୋଗ ଦେଇଥିଲେ। ତୈଳ ବିଶୋଧନାଗାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଏସ.ଜୈନ, ଇଫ୍‌କୋର ମାନବସମ୍ବଳ ଅଧିକାରୀ ଏ.କେ.ମଲ ଓ ଇପିଏଫ୍ ଇନଫୋର୍ସମେଣ୍ଟ ଅଫିସର ରଞ୍ଜନ କୁମାର ପଣ୍ଡା ସାମିଲ ହୋଇଥିଲେ।

## କୁମ୍ଭକାରଙ୍କୁ ମିଳିଲା ବୈଦ୍ୟୁତିକ ଚକ

ପାରାଦୀପ,୫।୧୨(ସ୍ୱ.ପ୍ର.)

ପାରାଦୀପ ଇଫ୍‌କୋ କମ୍ପାନୀର ଜ୍ୟୋତି ଲେଡିଜ କ୍ଲବ ପକ୍ଷରୁ କୁମ୍ଭକାର ଗୋଷ୍ଠୀ ସମୂହକୁ ସହାୟତା ଯୋଗାଇ ଦିଆଯାଇଛି। କୁଜଙ୍ଗ ବ୍ଲକ ନପଙ୍ଗ ଗ୍ରାମରେ କୁମ୍ଭକାର ସମ୍ପ୍ରଦାୟର ୧୦ ଗୋଷ୍ଠୀକୁ ବୈଦ୍ୟୁତିକ ଚକ ପ୍ରଦାନ କରାଯାଇଛି। ଏଥିପାଇଁ ଉକ୍ତ ଗ୍ରାମରେ ନୀଳକଣ୍ଠେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଡିଜ କ୍ଲବ ସଭାପତି ମମତା ପଟେଲଙ୍କ ସମେତ ଶଶୀ ଗୋଏଲ, ସ୍ନିଗ୍ଧା ନାୟକ, ମିନି ନୀଳାମ୍ବରମ, ସନ୍ଦୀପା ରଥ, ରୁମାମଙ୍ଗଲ ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ କଟକଣା ଯୋଗୁ କୁମ୍ଭକାର ପରିବାର ଲୋକେ ଆର୍ଥିକ ଦୁରବସ୍ଥାରେ ଗତି କରୁଛନ୍ତି। ଆତ୍ମନିର୍ଭର ଭାରତ ଯୋଜନାରେ ସେମାନଙ୍କ ପାଇଁ ଜୀବିକା ସୁଦୃଢ଼ କରିବା ପାଇଁ ଏପରି ସହାୟତା କରାଯାଇଛି ବୋଲି କମ୍ପାନୀର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓରମାସର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ଦାସ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜ୍ୟୋତି ଲେଡିଜ କ୍ଲବ, କୁମ୍ଭକାର ଗୋଷ୍ଠୀର ସଦସ୍ୟାମାନେ।

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗଙ୍ଗବଂଶୀ ଷୋଳଗଡ଼

ଡ. ସୁରେନ୍ଦ୍ର କୁମାର ମିଶ୍ର




ଓଡ଼ିଶାର ପବିତ୍ରମୟ ତୀର୍ଥଭୂଇଁ ଥିଲା କୋଣାଦିତ୍ୟ। ଏଠାରେ ବହୁ ପ୍ରାଚୀନ କାଳରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ମନ୍ଦିର ବି ହୋଇଥିଲା। ଲାଙ୍ଗୁଳା ନରସିଂହ ଦେବ ପବିତ୍ର ତୀର୍ଥକୁ ଚଳଚଞ୍ଚଳ କରିବା ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପଦକ୍ଷେପ ଆରମ୍ଭ କରିଥିଲେ। ଗଜପତି ଶୁଭ ମୁହୂର୍ତ୍ତରେ ସୂତ୍ରଧର ଶିବେଇ ସାନ୍ତରା (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କୁ ମୁଖ୍ୟ ସ୍ଥପତି ଭାବରେ ନିଜେ ଲଙ୍କାପଡ଼ା ଶିବିରରେ ନିଯୁକ୍ତି ଦେବାପରେ ସୂତ୍ରଧର ସାତଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ଦାୟିତ୍ୱ ଅର୍ପଣ କରିଥିଲେ।

୧. କାର୍ଯ୍ୟକାରୀ ସ୍ଥପତି ବା କର୍ମକାର ଭାବରେ ଗଦାଧର ମହାରଣା, ୨. ଜଣେ ପରିଚ୍ଛା ବା ନିରୀକ୍ଷକ, ୩. ମୂର୍ତ୍ତିକାର ମହାରଣା ବିଦ୍ୟାଧର ମହାପାତ୍ର, ୪. ପଥର ସୁଆଁସିଆ (ପଥର ସ୍ଥପତି ବା ପଥୁରିଆ) ଭାବରେ ଅଇଁଠା ମହାରଣାଙ୍କୁ ମୁଖ୍ୟ ଭାବରେ ପଗଡ଼ି ବାନ୍ଧି ସ୍ୱୀକୃତି ଦେବା ପରେ, ୫. ଲେପ କାର୍ଯ୍ୟ (ଚୁନରା) ଲାଗି ବିନ୍ଧୁ ମହାରଣା, ୬. ଫାଶୀକାଠ ନିର୍ମାଣ ପାଇଁ ରାଜୀବ ମହାରଣା ଓ ୭. କମାର କଣ୍ଡା ସକାଶେ ପୁରିଆ ମହାପାତ୍ରଙ୍କୁ ସ୍ୱୀକୃତି ଦେଇଥିଲେ। ଏମାନେ କେହି ବି ବାହାରିଆ ଶିଳ୍ପୀ ନ ଥିଲେ।

ଗଜପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଶିବେଇ ସାମନ୍ତରା ସମାପ୍ତ କରିବା ପରେ ନିଜେ ଗଜପତି ରୂପାସ-ଗଡ଼ର ଦଳବେହେରାଙ୍କୁ ଶିବିର ପରିଚାଳନା ଦାୟିତ୍ୱ ଦେଇଥିଲେ। ତତ୍‌ସହିତ ଆର୍ଥିକ ଦିଗ ତଥା ହିସାବ କାର୍ଯ୍ୟ ପାଇଁ କିଲ୍ଲା ବଇଆଳିଶିବାଟୀର ହରିଚନ୍ଦନ ଭ୍ରମରବରଙ୍କୁ ଦାୟିତ୍ୱ ଦେଇଥିଲେ। ସ୍ମରଣଯୋଗ୍ୟ ଯେ, ରୂପାସ-ଗଡ଼ ସେତେବେଳେ 'ବିଶେ'ର ମାନ୍ୟତା ପାଇଥିଲା। 'ବିଶେ' କହିଲେ ଶାସନ ଦୃଷ୍ଟିରୁ ବର୍ତ୍ତମାନର 'ଜିଲା' ବୋଲି ଆମେ ବୁଝିବା। କାରଣ ବାଙ୍ଗୁରିଗାଁର ଜଗନ୍ନାଥ ସାହୁ ଓ କରୁଣାକର ସାହୁଙ୍କଠାରୁ ମିଳିଥିବା 'ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ କଳା' ପୋଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି- 'ରୂପାସ-ଗଡ଼ ଜିଲାର ପଦ୍ମତୋଳା କ୍ଷେତ୍ରରେ ମନ୍ଦିର ନିର୍ମାଣ ହେଲା।'' ଏହି ପୋଥିଟି ଓଡ଼ିଆ କରଣୀଅକ୍ଷରରେ ଲେଖାଯାଇଛି। ମିଳିଥିଲା ଭୋଇବଂଶର ଗଜପତି ପୁରୁଷୋତ୍ତମଦେବଙ୍କ ସମୟରେ। ଏଥିରେ ଶ୍ରୀପଦ୍ମକେଶର ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ସ୍ଥାନ ପାଇଛି। ଭିତର କାନ୍ଥରୁ ଭିତର କାନ୍ଥ, ବାହାରପଟ ଅଞ୍ଚଳ ଓ ରଥ ଦେଉଳର ମାପ ସ୍ପଷ୍ଟ ଭାବରେ ହିସାବ ହୋଇଛି।

**ରୂପାସ-ଗଡ଼ ପାଇଥିଲା ଜିଲାର ମାନ୍ୟତା**



ପଥରବୁହା ନଦୀରୁ ଉଦ୍ଧାର ହୋଇଥିବା ଗଡ଼ରୁପାସରେ ପୂଜିତ ଶ୍ରୀହନୁମାନ। ଗଡ଼ନାୟକଙ୍କ ଖଣ୍ଡା(ଇନ୍‌ସେଟ୍)।

ପୂର୍ବରୁ କିଲ୍ଲା ବଇଆଳିଶିବାଟୀର ସୂଚନା ଏବଂ ସେଠାରେ ଥିବା ଶ୍ରୀଗଙ୍ଗେଶ୍ୱରୀ ମନ୍ଦିର ତଥା ପଥରବୁହା ନଦୀର ସୂଚନା ଆମେ ଦେଇଥିଲୁ। କୋଣାର୍କ ଅଞ୍ଚଳରେ ୧୬ଟି ଗଡ଼ ପ୍ରଥମେ ଗଙ୍ଗବଂଶ ଶାସନ ସମୟରେ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡ଼ଗୁଡ଼ିକୁ ଆଜି ବି 'ଗଙ୍ଗବଂଶୀ' ଗଡ଼ କୁହାଯାଉଛି। ଷୋହଳଗଡ଼ ମଧ୍ୟରେ ରୂପାସ-ଗଡ଼ ଅନଙ୍ଗ ଭୀମଦେବଙ୍କ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟରେ ବିଶେ (ଜିଲା)ର ମାନ୍ୟତା ପାଇଥିବା ଏହି ଗଡ଼ର ପରିସର ଭିତରେ ରହିଥିଲା ପଦ୍ମତୋଳା କ୍ଷେତ୍ର। ବର୍ତ୍ତମାନ ଗଡ଼ର ମୁଖିଆଙ୍କ ଘରକୁ ଗଡ଼ନାୟକଙ୍କ ଖୁଆଡ଼ ବୋଲି ଚିହ୍ନିତ କରାଯାଉଛି। ପୋଥିରେ 'ଦଳବେହେରା' ଶବ୍ଦ ଅଛି। ଏହି ଗଡ଼ର ଦଳବେହେରା ମହାରଣାମାନେ ରହୁଥିବା ଶିବିରର ପରିଚାଳନା ଦାୟିତ୍ୱରେ ରହିଥିଲେ। ଗଡ଼ର ନାମକରଣକୁ ନେଇ ଏକାଧିକ ଐତିହ୍ୟ ଅଛି। ଗଡ଼ର ଉପାସକ ଥିଲେ ଦେବୀ କନକଦୁର୍ଗା। ପୂର୍ବଦିଗରେ ଦେବୀ ତାରାଙ୍କ ନିକଟରେ ଶତାଧିକ ମହାରଣା ପ୍ରସ୍ତାବିତ ଶିବିରରେ ରହୁଥିଲେ। ସଭିଏଁ ଶିବିରରୁ ପଦ୍ମତୋଳା କ୍ଷେତ୍ରକୁ ବାହାରିଲେ ଦେବୀ କନକଦୁର୍ଗା ଓ ଭୈରବୀଙ୍କ ଶରଣାଗତ ହୋଇ ବଡ଼େଇଗୋହିରୀ ଦେଇ ଯାଉଥିଲେ। ଗଡ଼ର ଖଣ୍ଡାଘରେ ଦଳବେହେରା, ପାତ୍ର ଓ ପାଇକମାନଙ୍କର ଖଣ୍ଡା ଓ ଅନ୍ୟାନ୍ୟ ଯୁଦ୍ଧଅସ୍ତ୍ର ରହୁଥିଲା। ଇଂରେଜଙ୍କ ସହିତ ୧୮୦୪ ମସିହାରେ ହୋଇଥିବା ଯୁଦ୍ଧରେ ଗଡ଼ର ବୀରମାନେ ଯୋଗ ଦେଇଥିଲେ। ଜୟୀରାଜଗୁରୁ ପାଇକମେଳି କଲାବେଳେ ଏହି ଗଡ଼କୁ ଆସି ଦଳବେହେରାଙ୍କୁ ଭେଟିଥିଲେ। ଲୋକଗୀତ, ଲୋକ କଥାରେ ଜୟୀ ରାଜଗୁରୁଙ୍କୁ ନେଇ ଅନେକ ଐତିହ୍ୟ ଗଡ଼ରେ ଆଜି ବି ବଞ୍ଚିଛି।

# ବିଜୟଠୁ ୫ ଉଇକେଟ ଦୂରରେ ଭାରତ

ମୁମ୍ବାଇ,୫।୧୨

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ସୋମବାର ଚତୁର୍ଥ ଦିବସରେ ଭାରତ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ଏବେ ଭାରତ ବିଜୟ ପାଇଁ ଆଉ ୫ ଉଇକେଟ ଆବଶ୍ୟକ କରୁଛି। ମ୍ୟାଚ୍ ଭାରତର ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ଭାବେ ରହିଥିଲେ ମଧ୍ୟ ଭାରତୀୟ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ପଦାରେ ପଡିଛି। ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ଇନିଂସରେ ୩ ଉଇକେଟ ଅକ୍ତିଆର କରି ଭାରତ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛନ୍ତି। ଅଶ୍ୱିନ ଏଥିସହ ଚଳିତ ବର୍ଷ ୫୦

## ଦ୍ୱିତୀୟ ଟେଷ୍ଟ

ଟେଷ୍ଟ ଉଇକେଟ ହାସଲ କରିଛନ୍ତି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୦୯.୫ ଓଭରରେ ୩୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସରେ ଘରୋଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୨୮.୧ ଓଭରରେ ମାତ୍ର ୬୨ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୬୩ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୭୦ ଓଭରରେ ୭ ଉଇକେଟ ହରାଇ ୨୭୬ ରନ କରି ପାଳି ଘୋଷଣା କରିଛି। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୫୪୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୫ ଓଭରରେ ୫ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଭାରତ ବିଜୟ ପାଇଁ ଆଉ ୫ ଉଇକେଟ ଓ ନ୍ୟୁଜିଲାଣ୍ଡ ୪୦୦ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ହେନେରୀ ନିକୋଲ୍ସ ୩୬ ଓ ରଚିନ ରବିନ୍ଦ୍ର ୨ ରନକରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ତରଫରୁ ଡାରିଲ ମିଚେଲ ସର୍ବାଧିକ ୬୦ ରନ ସଂଗ୍ରହ କରିଥିଲେ। ସେହିପରି ୱିଲ ୟଙ୍ଗ ୨୦, ଓପନର ଟମ୍ ଲାଥମ ୬, ଅଭିଜ୍ଞ ବ୍ୟାଟର ରସ୍ ଟେଲର ୬ ଓ ଉଇକେଟକିପର ବ୍ୟାଟର ଟମ୍ ବ୍ଲଣ୍ଡେଲ ଖାତା ଖୋଲିବା ପୂର୍ବରୁ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଅଶ୍ୱିନ ସର୍ବାଧିକ ୩ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ବର୍ଷ ଅଶ୍ୱିନ ୫୦ତମ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ରସ ଟେଲରଙ୍କୁ ଆଉଟ କରି ଅଶ୍ୱିନ ୬୫ଟି ଉଇକେଟ ଅକ୍ତିଆର କରିବା ସହ କିମ୍ବଦନ୍ତୀ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ରିଚାର୍ଡ ହାଡଲୀଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ଦ୍ୱିପାକ୍ଷିକ ସିରିଜରେ ହଡଲୀ ୨୪ ଇନିଂସରୁ ସର୍ବାଧିକ ୬୫ ଉଇକେଟ ନେଇଥିଲେ।



ପ୍ରଥମ ଉଇକେଟ ନେବା ପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଅଭିନନ୍ଦନ ଜଣାଉଛନ୍ତି ଚେତେଶ୍ୱର ପୂଜାରା।

### ଭାରତର ଇନିଂସ ଘୋଷଣା

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬୯/୦ରୁ ଭାରତ ଖେଳ ଆରମ୍ଭ କରି ରବିବାର ଇନିଂସ ଘୋଷଣା କରିଥିଲା। ଓଭରନାଇଟ ସ୍କୋର ୩୮ରୁ ମୟଙ୍କ ଅଗ୍ରୱାଲ ଓ ୨୯ରୁ ଚେତେଶ୍ୱର ପୂଜାରା ଖେଳ ଆରମ୍ଭ କରିଥିଲେ। ମୟଙ୍କ ୬୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ମୟଙ୍କ ୧୫୦ରନର ବୃହତ୍ ଶତକୀୟ ପାଳି ଖେଳିଥିଲେ। ୱାଙ୍କଡେରେ ଚତୁର୍ଥ ଭାରତୀୟ ବ୍ୟାଟର ଭାବେ ମୟଙ୍କ ଉଭୟ ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ହାସଲ କରିଛନ୍ତି। ଏହା ତାଙ୍କର ପଞ୍ଚମ ଟେଷ୍ଟ ଅର୍ଦ୍ଧଶତକ। ସେହିପରି ପୂଜାରା ୪୭ ଓ ଶୁବମନ ଗିଲ ୪୭ ରନକରି ଆଉଟ ହେବା ସହ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପୂଜାରା ୩୪ ତମ ଓଭରରେ ଏଲ୍‌ବିଡବ୍ଲ୍ୟୁ ଘୋଷିତ ହୋଇଥିଲେ। ସେ ଡିଆରଏସ୍ ନେଇଥିଲେ ଓ ନଟ୍ ଆଉଟ ଘୋଷିତ ହୋଇଥିଲେ। ସେ ଏହି ଜୀବନଦାନର ଫାଇଦା ଉଠାଇପାରି ନ ଥିଲେ। ଅଧିନାୟକ ବିରାଟ କୋହଲି ୩୬ ରନ କରିଥିବା ବେଳେ ରଚିନ ରବୀନ୍ଦ୍ରଙ୍କ ଦ୍ୱାରା ପ୍ଲେଡ୍ ଅନ୍ ହୋଇ ବୋଲ୍ଡ ହୋଇଥିଲେ। ଗତ ଦୁଇବର୍ଷ ହେବ ସେ ଶତକ ହାସଲ କରିପାରିନାହାନ୍ତି। ତାଙ୍କର ଏହି ବିଫଳତା ଜାରି ରହିଛି। ଇତିମଧ୍ୟରେ ୭୪୪ ଦିନ ବିତିଯାଇଛି ଓ ସେ ୫୮ଟି ଇନିଂସ ଖେଳିଥିଲେ ମଧ୍ୟ ଶତକ ଅର୍ଜନ କରିପାରି ନାହାନ୍ତି। ଶ୍ରେୟାସ ଆୟାର ୧୪, ଋଦ୍ଧିମାନ ଶାହା ୧୩ ଓ ଜୟନ୍ତ ଯାଦବ ୬ ରନକରି ଆଉଟ ହୋଇଥିଲେ। ଅକ୍ଷର ଦ୍ରୁତ ଗତିରେ ବ୍ୟାଟିଂ କରି ୨୬ ବଲରୁ ୩ ଚୌକା ଓ ୪ ଛକା ସହ ୪୧ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଏଜାଜ ପଟେଲ ୪ ଓ ରବୀନ୍ଦ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୦୯.୫ ଓଭରରେ ୩୨୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୮.୧ ଓଭରରେ ୬୨ ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ- ୭୦ ଓଭରରେ ୨୭୬/୭ ଇନିଂସ ଘୋଷଣା (ମୟଙ୍କ- ୬୨, ପୂଜାରା- ୪୭, ଶୁବମନ- ୪୭, ଅକ୍ଷର- ୪୧*, କୋହଲି- ୩୬, ଏଜାଜ- ୪/ ୧୦୬, ରବୀନ୍ଦ୍ର- ୩/ ୫୬ )। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୪୫ ଓଭରରେ ୧୪୦/୫ (ମିଚେଲ- ୬୦, ନିକୋଲ୍ସ- ୩୬*, ୟଙ୍ଗ୍- ୨୦, ଅଶ୍ୱିନ- ୩/ ୨୭, ଅକ୍ଷର-୧/୪୨ )।

# ସେମିରେ ଓଡ଼ିଶା

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



କରିଶ୍ମା ଓରାମ ଓ ସତ୍ୟବତୀ ଖାଡିଆ

କେରଳରେ ଚାଲିଥିବା ଜାତୀୟ ମହିଳା ସିନିୟର ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ

## ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍

କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨-୦ ଗୋଲରେ ତାମିଲନାଡ୍ରୁକୁ ପରାସ୍ତ କରି ସେମିକୁ ଉଠିଛି। ଓଡ଼ିଶା ତରଫରୁ କରିସ୍ମା ଓରାମ ଓ ସତ୍ୟବତୀ ଖାଡିଆ ଗୋଲ ସ୍କୋର କରିଥିଲେ। ୨୭ ତମ ମିନିଟରେ ଗୋଲ ଦେଇ କରିସ୍ମା ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୭ତମ ମିନିଟ୍‌ରେ ସତ୍ୟବତୀ ଗୋଲ ଦେଇଥିଲେ। ମ୍ୟାଚ୍‌ରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧରେ ଦୁଇଟି ଯାକ ଗୋଲ ସ୍କୋର ହୋଇଥିଲା। ମ୍ୟାଚ୍‌ରେ ଓଡ଼ିଶା ୬ଥର ଖେଳାଳି ବଦଳ କରିଥିଲା। ସେହିପରି ଝାଡ଼ଖଣ୍ଡ ୨ଥର ଖେଳାଳି ବଦଳ କରିଥିଲା।




# ଆଇଏସ୍‌ଏଲ: ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର,୫।୧୨:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ପ୍ରଥମ ପରାଜୟ ବରଣ କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ବେଙ୍ଗାଲୁରୁ ଏଫ୍‌ସିକୁ ୩-୧ରେ ଓ ଇଷ୍ଟ ବେଙ୍ଗଲକୁ ୬-୪ ଗୋଲରେ ହରାଇବା ପରେ ରବିବାର କେରଳ ବ୍ଲାଷ୍ଟର୍ସଠାରୁ ପରାସ୍ତ ହୋଇଛି। ଭାସ୍କୋର ତିଳକ ମଇଦାନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲରେ ହାରିଛି। କେରଳ ତରଫରୁ ଅଲଭାରୋ ଭଜକ୍ୱେଜ ୬୨ ଓ ପ୍ରଶାନ୍ତ କରୁଥାଡାଥାକୁନି ୮୫ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାଚ୍ ଶେଷରେ ଇଞ୍ଜୁରି ଟାଇମର ପଞ୍ଚମ ମିନିଟ୍‌ରେ ଓଡ଼ିଶା ତରଫରୁ ନିଖିଲ ରାଜ ମୁରୁଗେଶ କୁମାର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ।

# ବୃହତ୍ ବିଜୟ ସହ ଭାରତର ଅଭିଯାନ

ଡୋଙ୍ଘାଇ,୫।୧୨

ଦକ୍ଷିଣ କୋରିଆର ଡୋଙ୍ଘାଇଠାରେ ଆରମ୍ଭ ହୋଇଛି ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ। ରବିବାର ଭାରତ ଏହି ଟୁର୍ନାମେଣ୍ଟରେ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୧୩-୦ ଗୋଲରେ ଥାଇଲାଣ୍ଡକୁ ହରାଇଛି। ଡ୍ରାଗ ଫ୍ଲିକର ଗୁରଜିତ କୌର ୫ଟି ଗୋଲ ସ୍କୋର କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦ୍ୱିତୀୟ ମିନିଟ୍‌ରେ ସେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଗୁରଜିତ ମଧ୍ୟ ୪ଟି ଗୋଲ ସ୍କୋର କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବନ୍ଦନା କାଟାରିୟା ସପ୍ତମ ମିନିଟ୍‌ରେ ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ଏହାପରେ ୧୪ତମ ମିନିଟରେ ଲିଲିମା ମିଞ୍ଜ୍ ଗୋଲ ଦେଇଥିଲେ। ୧୪ ଓ ୧୫ତମ ମିନିଟ୍‌ରେ ଯଥାକ୍ରମେ ଗୁରଜିତ ଓ ଜ୍ୟୋତି ପେନାଲ୍ଟି କର୍ନର ମାଧ୍ୟମରେ ଦୁଇଟି ଗୋଲ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷରେ ଭାରତ ୫-୦ରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଥାଇଲାଣ୍ଡକୁ କୌଣସ ସୁଯୋଗ

## ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଦେଇ ନ ଥିଲା। ୧୬ତମ ମିନିଟ୍‌ରେ ଡେବ୍ୟୁ କରିଥିବା ରାଜବିନ୍ଦର କୌର ଫିଲ୍ଡ ଗୋଲ ଦେଇଥିଲେ। ୨୪ତମ ମିନିଟ୍‌ରେ ଗୁରଜିତ ତାଙ୍କର ତୃତୀୟ ଗୋଲ ଦେଇଥିଲେ। ଏହାପରେ ଲିଲିମା ୨୪ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଆଉ ଏକ ଗୋଲ ଦେଇଥିଲେ। ୨୫ତମ ମିନିଟ୍‌ରେ ଗୁରଜିତ ଆଉ ଏକ ଗୋଲ ଦେଇଥିଲେ। ଫଳରେ ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ଭାରତ ୯-୦ ଗୋଲରେ ଅଗ୍ରଣୀ ହୋଇଥିଲା। ତୃତୀୟ କ୍ୱାର୍ଟରରେ ଜ୍ୟୋତି ୩୬ତମ ମିନିଟ୍‌ରେ ଗୋଟିଏ ଫିଲ୍ଡ ଗୋଲ ଦେଇଥିଲେ। ୪୩ତମ ମିନିଟ୍‌ରେ ଥାଇଲାଣ୍ଡ ଡିଫେନ୍ସ ଭେଦ କରି ସୋନିକା ତାଙ୍କ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇଥିଲେ। ୫୫ତମ ମିନିଟ୍‌ରେ ମୋନିକା ଆଉ ଏକ ଗୋଲ ଦେଇଥିଲେ। ଏହାର ୩ ମିନିଟ୍ ପରେ ଗୁରଜିତ ବ୍ୟକ୍ତିଗତ ଭାବେ ୧୩ ଓ ଭାରତ ପାଇଁ ୧୩ତମ ଗୋଲ ଦେଇ ଦଳକୁ ଜିତାଇଥିଲେ।

ଟୋକିଓ ଅଲିମ୍ପିକ୍ସର ସେମିରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହି ଭାରତୀୟ ମହିଳା ଦଳ ଇତିହାସ ସୃଷ୍ଟି କରିଥିଲା। ଅଲିମ୍ପିକ୍ସ ପରେ ଭାରତ ତା'ର ପ୍ରଥମ ଟୁର୍ନାମେଣ୍ଟ ଖେଳି ଦମ୍‌ଦାର ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଛି। ନିୟମିତ ଅଧିନାୟିକା ରାନୀ ରାମପାଲଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ଗୋଲକିପର ସବିତା ଦଳରେ ନେତୃତ୍ୱ ନେଉଛନ୍ତି।

# ଓଡ଼ିଶା-ଝାଡଖଣ୍ଡ ମ୍ୟାଚ୍ ଡ୍ର

**ଭୁବନେଶ୍ୱର,୫।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଓ ଝାଡଖଣ୍ଡ ପରସ୍ପରକୁ ଭେଟିଥିଲେ। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଏଥସହ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଓଡ଼ିଶା ତରଫରୁ ରାଇସେନ ଟୁଡୁ ଦ୍ୱିତୀୟାର୍ଦ୍ଧରେ ୬୫ତମ ମିନିଟ୍‌ରେ ଗୋଲ ଦେଇଥିଲେ। ତେବେ ଝାଡଖଣ୍ଡ ପକ୍ଷରୁ ନିଖିଲ ବାର୍ଲା ୮୭ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ନିଖିଲ ବାର୍ଲାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୧୬ ବର୍ଷରୁ କମ୍ ଭାରତୀୟ ଫୁଟବଲ ଦଳର ସହକାରୀ କୋଚ୍ ଟି.ଏ. ରେନଜିଥ ନିଖିଲଙ୍କୁ ୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।




# ୱାର୍ଲ୍ଡ ଟୁର ଫାଇନାଲ୍ସ: ସିନ୍ଧୁଙ୍କୁ ରୌପ୍ୟ



ରନର୍ସଅପ ପି.ଭି. ସିନ୍ଧୁ ଓ ଚାମ୍ପିୟନ ଅନ ସେୟଙ୍ଗ

**ବାଲି,୫।୧୨:** ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସିନ୍ଧୁ କୋରିଆର ଅନ ସେୟଙ୍ଗଙ୍କଠାରୁ ପରାସ୍ତ ହେବା ସହ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି।

ଦୁଇଥର ଅଲିମ୍ପିକ୍ସ ପଦକ ଜିତିଥିବା ବିଶ୍ୱ ଚାମ୍ପିୟନ ସିନ୍ଧୁ ଫାଇନାଲ ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରାପାରି ନ ଥିଲେ। କୋରିଆ ଟିନ୍ ସେନସେସନ ସେୟଙ୍ଗ ପେସ୍ ସହିତ ସିନ୍ଧୁ ଖାପ ଖୁଆଇ ପାରି ନ ଥିଲେ। ସିନ୍ଧୁ ମଧ୍ୟ ପ୍ରତିପକ୍ଷ ଖେଳାଳିଙ୍କ ଡିଫେନ୍ସକୁ ଭେଦ କରିବାରେ ବିଫଳ ହୋଇଥିଲେ। ଫଳରେ ମାତ୍ର ୪୦ ମିନିଟ୍‌ମଧ୍ୟରେ ସିନ୍ଧୁ ୧୬-୨୧, ୧୨-୨୧ରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥିସହ ସିନ୍ଧୁ କ୍ରମାଗତ ତୃତୀୟଥର ପାଇଁ ୧୯ ବର୍ଷୀୟ ସେୟଙ୍ଗଠାରୁ ପରାସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ଉଭୟ ପରସ୍ପରକୁ ୩ଥର ଭେଟିଛନ୍ତି। ସେସନ ଶେଷରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ସେୟଙ୍ଗ ପ୍ରଥମ କୋରିଆ ଖେଳାଳିଭାବେ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଏଥିସହ କ୍ରମାଗତ ତୃତୀୟ ଟାଇଟଲ ଜିତିଛନ୍ତି। ଏହାପୂର୍ବରୁ ସେ ଇଣ୍ଡୋନେସିଆ ମାଷ୍ଟର୍ସ ଓ ଇଣ୍ଡୋନେସିଆ ଓପନ୍ ଟାଇଟଲ ଜିତିଥିଲେ। ବିଶ୍ୱର ୭ ନମ୍ବର ଖେଳାଳି ସିନ୍ଧୁ ତୃତୀୟଥର ପାଇଁ ଏହି ଟୁର୍ନାମେଣ୍ଟର ଫାଇନାଲରେ ଅଂଶଗ୍ରହଣ କରିଥିଲେ। ୨୦୧୮ରେ ସିନ୍ଧୁ ପ୍ରଥମ ତଥା ଏକମାତ୍ର ଭାରତୀୟ ଭାବେ ଏହି ଟାଇଟଲ ଜିତିଥିଲେ। ପରାଜୟରେ ସିନ୍ଧୁ ନୈରାଶ୍ୟ ପ୍ରକାଶ କରିଛନ୍ତି। ତେବେ ସେୟଙ୍ଗ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ସେ କହିଛନ୍ତି। ଏବେ ସ୍ପେନର ହୁଏଲଭାଠାରେ ବିଶ୍ୱ ଚାମ୍ପିୟନଶିପ ଆସନ୍ତା ୧୨ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ଧୁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ ଟାଇଟଲ ବଜାୟ ରଖିବାକୁ ପ୍ରୟାସ କରିବେ।

# ଓସିଏ ସଦସ୍ୟ ପ୍ରବୀରଙ୍କ ପରଲୋକ

**ଭୁବନେଶ୍ୱର/ବାରିପଦା। ଅଫିସ୍,୫।୧୨:** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟ ତଥା ପଦାଧିକାରୀ ପ୍ରବୀର କୁମାର ବିଶ୍ୱାସ ରବିବାର ସକାଳେ ବାରିପଦାସ୍ଥିତ ତାଙ୍କ ବାସଭବନରେ ପରଲୋକ ଗମନ କରିଛନ୍ତି।



ପ୍ରବୀର କୁମାର ବିଶ୍ୱାସ

ଶନିବାର ରାତିରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ତାଙ୍କ ଦେହାନ୍ତରେ ଓସିଏ ତରଫରୁ ଶୋକପ୍ରକାଶ କରାଯାଇଛି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ ଓ ଝିଅ ଉପସ୍ଥିତ ଥିଲେ। ସେ ମୟୂରଭଞ୍ଜ ଜିଲା ପାଇଁ ଜଣେ ଉଇକେଟକିପର- ବ୍ୟାଟର ଭାବେ ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ଷ୍ଟେଟ୍ ପ୍ୟାନେଲ ଅମ୍ପାୟର ଭାବେ କଳାହାଣ୍ଡି କପ୍‌ରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପରିଚାଳନା କରିଥିଲେ। ସେ ମଧ୍ୟ ରାଜ୍ୟ ଅମ୍ପାୟର କମିଟିର ସଦସ୍ୟ ରହିଥିଲେ। ଶୋକସନ୍ତପ୍ତ ତାଙ୍କ ପରିବାରକୁ ଓସିଏ ତରଫରୁ ସମବେଦନା ଜଣାଯାଇଛି। ଦୀର୍ଘ ୪୦ବର୍ଷ ଧରି ବାରିପଦା ଷ୍ଟାଡିୟମ ସହିତ ଜଡିତ ରହି ସେ ଓସିଏ କାଉନସିଲର ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ ମସିହାରୁ ଅମ୍ପାୟର ଓ ୧୯୮୯ ମସିହାରୁ ରେଫରି ଭାବେ କାର୍ଯ୍ୟ କରିଛନ୍ତି। ସେ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ଫୁଟବଲ ଦଳରେ ଖେଳାଳି ଭାବେ ରହି ସୁନାମ ଅର୍ଜନ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମରଶରୀର ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଶିକ୍ଷା ବିଭାଗରେ କିରାଣିଙ୍କ ପୁନଃ ଥଇଥାନକୁ ବିରୋଧ

ପାତ୍ରପୁର, ୫।୧୨(ଡି.ଏନ୍.ଏ.): ପାତ୍ରପୁର ବିଇଓଙ୍କ କାର୍ଯ୍ୟାଳୟରେ ଦୀର୍ଘ ୮ବର୍ଷ ଧରି କାର୍ଯ୍ୟ କରୁଥିବା ଜଣେ କିରାଣି ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ନେଇ ବ୍ଲକର ୩ ଜଣ ଶିକ୍ଷକ ଡିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ସମ୍ପୃକ୍ତ କିରାଣିଙ୍କ କାର୍ଯ୍ୟକଳାପକୁ ତଦନ୍ତ କରିବା ପାଇଁ ଡିଇଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇଲା ପରେ କିଛି ମାସ ତଳେ କିରାଣିଙ୍କୁ ବଦଳି କରାଯାଇଥିଲା। ବର୍ତ୍ତମାନ ସେହି କିରାଣିଙ୍କୁ ପୁଣି ପାତ୍ରପୁର ଶିକ୍ଷା ବିଭାଗକୁ ବଦଳି କରି ଅଣା ଯାଉଥିବା ଖବର ପାଇ ଭାଜପା ଏହାକୁ ବିରୋଧ କରିଛି। ଭାଜପାର ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ରବିବାର ଖବରଦାତା ସମ୍ମିଳନୀ ଡାକି ଏହାକୁ ଦୃଢ଼ ବିରୋଧ କରିବା ସହ ଦୁର୍ନୀତିଗ୍ରସ୍ତ କିରାଣିଙ୍କୁ ପୁନଃ ଅବସ୍ଥାପିତ କଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି।

### କୁକୁଡ଼ା ପାଳନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୫।୧୨(ଡି.ଏନ୍.ଏ.): ଗଜପତି ଜିଲା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ତାରବାଉଲ ଗ୍ରାମରେ କୁକୁଡ଼ା ପାଳନ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ୨୪ଠାରୁ ଆରମ୍ଭ ହୋଇଥିବା ୧୦ ଦିନିଆ କୁକୁଡ଼ା ପାଳନ ତାଲିମ କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକର ଶେରଙ୍ଗ ଗ୍ରାମ ପଞ୍ଚାୟତ ତାରବାଉଲ ଏବଂ ଆଖପାଖ ଗ୍ରାମରୁ ମୋଟ ୩୧ ଜଣ ମହିଳା ଓ ପୁରୁଷମାନେ ତାଲିମ ନେଇଥିଲେ। ଉଦ୍‌ଯାପନ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ସଭାପତିତ୍ୱ କରିଥିବା ବେଳେ କିଶୋର ଚନ୍ଦ୍ର ନାଇକ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ, ଗଜପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପଶୁଧନ ବିଭାଗର ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀ ସୂର୍ଯ୍ୟକାନ୍ତ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

### ଅଖିଳ ଭାରତୀୟ କୃଷକ ସଭାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଫୁଲବାଣୀ ଅଫିସ, ୫।୧୨: ଫୁଲବାଣୀଠାରେ ଅଖିଳ ଭାରତୀୟ କୃଷକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଏକ ବର୍ଷର ସଂଗ୍ରାମ ପରେ କେନ୍ଦ୍ର ସରକାର ନୂତନ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି। ଏହା ଦେଶର ଅନ୍ନଦାତାମାନଙ୍କ ଏକ ବଡ ବିଜୟ ବୋଲି ବୈଠକରେ ବକ୍ତାମାନେ କହିଥିଲେ। ତେବେ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁସାରେ କୃଷକ ମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ମୂଲ୍ୟ ଦେବା ଓ କୃଷକ ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇଛି। ସେହିପରି ଆନ୍ଦୋଳନରତ କୃଷକମାନଙ୍କ ଉପରେ ଦାଏର ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ମଧ୍ୟ ଦାବି କରିଛି କୃଷକ ସଭା। କେନ୍ଦ୍ରର ସରକାରଙ୍କ ଜନମାରଣ ନୀତି ବିରୋଧରେ ଏକାଠି ହେବାକୁ ଜନବାଦୀ ଗୌଡ ଆହ୍ୱାନ ଦେଇଥିଲେ। ସଭା ଆରମ୍ଭରେ କୃଷକ ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକ ମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଆବାସ ନାହିଁ, ମିଳିଛି ଫଳକ

ଖଣ୍ଡପଡ଼ା,୫।୧୨(ସ୍ୱ.ପ୍ର.)

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାର କରିଛନ୍ତି। ମାତ୍ର ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଜଣେ ଗରିବ ହିତାଧିକାରୀଙ୍କ ଘରେ ଆବାସ ଯୋଜନା ସମ୍ପର୍କିତ ଏକ ଫଳକ ଲଗାଇବା ପାଇଁ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡା ପଞ୍ଚାୟତ କର୍ତ୍ତୃପକ୍ଷ ଏକ ଫଳକ ପ୍ରଦାନ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ଗରିବ ପରିବାର ପ୍ରତି ବ୍ଲକ ପ୍ରଶାସନର ଉପହାସ ଅଟେ ବୋଲି ସାଧାରଣରେ ଆଲୋଚନା ହେଉଛି।

କୁମ୍ଭାରପଡା ପଞ୍ଚାୟତ ମଙ୍ଗଳା ସାହିର ଗରିବ ମହିଳା ରିନାରାଣୀ ନାଏକ ପରିବାର ସହ ଏକ ଝାଟିମାଟି



ଆବାସ ପାଇ ନ ଥିବା ରିନାରାଣୀ ଫଳକକୁ ଦେଖାଉଛନ୍ତି।

ଭଙ୍ଗା କୁଡିଆରେ ରହୁଛନ୍ତି। ଆବାସ ଯୋଜନାରେ ବାସଗୃହଟିଏ ପାଇବା ପାଇଁ ରିନାରାଣୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ସ୍ଥାନୀୟ ସରପଞ୍ଚଙ୍କୁ ନିବେଦନ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ସେ ପ୍ରକାଶ କରିଥିଲେ। ତେବେ କିଛି ମାସ ପୂର୍ବରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗଳାସାହିକୁ ଯାଇ ରିନାରାଣୀଙ୍କ ପରିବାରଙ୍କୁ ଭେଟି ଆବାସ ଯୋଜନା ସମ୍ପର୍କିତ ଏକ ସୂଚନା ଫଳକଟିକୁ ପ୍ରଦାନ କରିବା ସହ ଘରର କାନ୍ଥରେ ଲଗାଇ ଦେବାକୁ ପରାମର୍ଶ ଦେଇଥିଲେ। ମାତ୍ର

#### ଗରିବଙ୍କ ପ୍ରତି ଉପହାସ

ଆବାସ ଯୋଜନାରେ ଘର ତ ମିଳିନି, ସୂଚନା ଫଳକଟିକୁ କ'ଣ ଏହି ଝାଟିମାଟି ଘରର କାନ୍ଥରେ ମାରିବି କି ବୋଲି ରିନାରାଣୀ ପ୍ରଶ୍ନ କରିବାରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫଳକଟିକୁ ତାଙ୍କୁ ଦେଇ ଚାଲି ଆସିଥିବା ଅଭିଯୋଗ ହେଉଛି। ଏବେ ରିନାରାଣୀ ଫଳକଟିକୁ ଘରେ ରଖିଥିବା ବେଳେ କେବେ ଆଉ ତାଙ୍କୁ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ କୁମ୍ଭାରପଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀନିବାସ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ତେବେ ସରପଞ୍ଚ ରଙ୍ଗବତୀ ମୁଦୁଲିଙ୍କ ପ୍ରତିନିଧି ପ୍ରଭାତ ମୁଦୁଲିଙ୍କୁ ପଚାରିବାରେ ଆବାସ ଯୋଜନାରେ ଗୃହ ମିଳିଥିବା ବ୍ୟକ୍ତିଙ୍କ ଘରେ ଏହି ସୂଚନା ଫଳକ ମାରିବାର ବିଧି ବ୍ୟବସ୍ଥା ରହିଛି। ତେବେ ସମ୍ପୃକ୍ତ ଗ୍ରାମରେ ଏହି ରିନାରାଣୀଙ୍କ ନାମରେ ଦୁଇଜଣ ମହିଳା ରହିଥିବା ବେଳେ ସେମାନଙ୍କ ସ୍ୱାମୀଙ୍କ ନାମ ଉଲ୍ଲେଖ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ଆବାସ ଯୋଜନାରେ ସାମିଲ ହୋଇଥିବା ଅନ୍ୟ ଜଣେ ହରିଜନ ସମ୍ପ୍ରଦାୟର ମହିଳା ରିନାରାଣୀଙ୍କ ଘରେ ଏହି ସୂଚନା ଫଳକ ମାରିବା ପରିବର୍ତ୍ତେ ଭୁଲରେ ୪ ମାସ ପୂର୍ବରୁ ଉକ୍ତ ରିନାରାଣୀଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦାନ କରିଥିବା ସେ ସୂଚନା ଦେଇଛନ୍ତି। ତେବେ ଫଳକ ପ୍ରଦାନ କରାଯାଇଥିବା ରିନାରାଣୀଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୋହନା-ଆର୍.ଉଦୟଗିରି ରାସ୍ତା ମରଣଯନ୍ତା

ଆର.ଉଦୟଗିରି, ୫।୧୨(ଡି.ଏନ୍.ଏ.)

ଆର. ଉଦୟଗିରିଠାରୁ ମୋହନା ରାସ୍ତା ଦୀର୍ଘ ୮ବର୍ଷ ତଳେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା। ରାସ୍ତାଟି ରାଜ୍ୟ ରାଜପଥ ୩୨୬ (ଏ) ରୂପେ ଘୋଷଣା ହେବାପରେ ୨୦୧୬ରେ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଆର.ଉଦୟଗିରି ଶଙ୍ଖନଦୀ ନିକଟରେ ପୋଲ ସମ୍ମୁଖରେ ବଡ଼ ଖାଲ ମରାମତି ହୋଇପାରିଲାନି। ସେହିପରି ଚାନ୍ଦିପୁଟ ହାଟପଦା ନିକଟରେ ଥିବା ପୋଲ ଏବଂ ମାଣିକପୁର ନିକଟରେ ମଧ୍ୟ ଏକ ବଡ଼ ଗର୍ତ୍ତ ରହିଛି। ଚାନ୍ଦିପୁଟ ଓ ମାଣିକପୁର ଦୁର୍ଘଟଣା ଘଟିବା ପରେ ପଥର ଗୁଣ୍ଡ ପକାଇ କାମ ଚଳାଯାଇଛି। ଅଦିନିଆ ବର୍ଷାରେ ତାହା ଧୋଇ ହୋଇଯାଇଛି। ବାରମ୍ବାର ଦୁର୍ଘଟଣାର ଶୀକାର ହେଉଛନ୍ତି ଲୋକେ। ମୋହନାଠାରୁ ଆର.ଉଦୟଗିରି ୪୭ କିମି। ଏହି ରାସ୍ତାରେ ୩ ଶହରୁ ଊର୍ଦ୍ଧ୍ୱ ଖାଲଖମା ରହିଛି। ଏହି ରାସ୍ତା ଦେଇ ବିଭାଗୀୟ ଯନ୍ତ୍ରୀ, ଜନ ପ୍ରତିନିଧି ଏବଂ ପଦାଧିକାରୀ ଯାତାୟାତ କରୁଛନ୍ତି। ତଥାପି ଏହାର ପୁନରୁଦ୍ଧାର ଚିନ୍ତା କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ରାସ୍ତା ଉପରେ କିନ୍ତୁ ଲକ୍ଷ ଲକ୍ଷ ଟଙ୍କାର ଟିକସ ଆଦାୟ ହେଉଛି। ଆର. ଉଦୟଗିରିରୁ ଖଜୁରିପଦା ରାସ୍ତାରେ ବାଦପୁର ଘାଟିରେ ରାସ୍ତା ଅତି କଦର୍ଯ୍ୟ ହୋଇଥିବା ନେଇ ଯନ୍ତ୍ରୀ ବହୁବାର ଜଣାଇଲେ ମଧ୍ୟ କାମ ଶୂନ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ହଂସବଦ୍ଧନ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ମୋହନାରୁ ଚଞ୍ଚାଘାଟି ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ୧୫ କୋଟି ଆସିଛି, ଏବେ ଏହି ରାସ୍ତାର ସଫାକାମ ଚାଲିଛି। ଚଞ୍ଚାଘାଟିରୁ ହାତିବାଡି ରାସ୍ତା କାମ ପାଇଁ ଆମେ ସେଣ୍ଟରକୁ ଏଷ୍ଟିମେଟ ପଠାଇଛୁ, ଟଙ୍କା ଆସିଲେ କାମ ହେବ ବୋଲି କହିଥିଲେ।

## ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ବୈଠକ

ଓଡ଼ଗାଁ, ୫।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ ପୁଣି ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହେଉଥିବା ଜଣାଯାଇଛି। ଶିବିର ଆସନ୍ତା ୧୨ ତାରିଖରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଆୟୋଜକଙ୍କ ମହଲରୁ ଜଣାଯାଇଛି। ସ୍ଥାନୀୟ ବ୍ଲକ ଓ ଏନ୍‌ଏସି ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ହେବ। ଏଥି ନିମନ୍ତେ ରବିବାର ସ୍ଥାନୀୟ ବ୍ଲକ ସମ୍ମିଳନୀ ଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ, ତହସିଲଦାର ବିଜୟିତା ସାମନ୍ତସିଂହାର, ବିଡିଓ ସ୍ୱାତିଲେଖା ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବଳରାମ ପ୍ରଧାନ, ଆଦର୍ଶ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, କଲେଜ ଅଧ୍ୟକ୍ଷ ଉମ୍ବର ମଲ୍ଲିକ, ଜିଲାପରିଷଦ ସଭ୍ୟ ଲୋକନାଥ ସାହୁ, ବିଭୁ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ଖବରଦାତା ଓ ବୁଦ୍ଧିଜୀବୀ ବୈଠକରେ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭେଷଜ, ସ୍ତ୍ରୀ ଓ ପ୍ରସୂତି, ପାକସ୍ଥଳୀ ଓ ଅନ୍ତନଳୀ, ଅସ୍ଥି, ମାନସିକ, କର୍କଟ, ଚର୍ମ, ଶିଶୁ, ହୃଦ୍‌ରୋଗ, ସ୍ନାୟୁ, ଅନ୍ତଃଶ୍ରାବ ଓ ମଧୁମେହ, ନାଶା-କର୍ଣ୍ଣ-ଗଳା ପ୍ରମୁଖ ବିଭାଗର ୨୦ରୁ ୨୨ ଜଣ ବିଶେଷଜ୍ଞ ଶିବିରରେ ଅଂଶ ଗ୍ରହଣ କରିବେ। ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପରୀକ୍ଷା ନିରୀକ୍ଷା କରି ରୋଗୀଙ୍କୁ ଚିକିତ୍ସା କରାଯିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ସମସ୍ତ ବାସିନ୍ଦା ଯୋଗଦେଇ ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ କହାଯାଇଛି। ରୋଗୀ ଓ ସମ୍ପର୍କୀୟଙ୍କୁ ଆବଶ୍ୟକ ସହଯୋଗ କରିବାକୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ସ୍ଥିର କରାଯାଇଛି।



ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

## ଲବଣମୁକ୍ତ ମାଟିରେ ଭଲ ଫସଲ ହୁଏ


ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣ କାର୍ଡ ପ୍ରଦନ କରାଯାଉଛି।

ନୟାଗଡ଼ ଅଫିସ, ୫।୧୨

ମୃତ୍ତିକାର ଗୁଣବତ୍ତା ଅକ୍ଷୁର୍ଣ୍ଣ ରହିଲେ ଭଲ ଫସଲ ହୁଏ। ଏଥିପାଇଁ ଚାଷଜମିକୁ ଲବଣମୁକ୍ତ କରିବା ଦରକାର। ମୃତ୍ତିକାର ଗୁଣବତ୍ତା ଜାଣିବା ପାଇଁ ଚାଷୋପଯୋଗୀ ଜମିର ମୃତ୍ତିକା ପରୀକ୍ଷା ଅପରିହାର୍ଯ୍ୟ ବୋଲି ରବିବାର ମୃତ୍ତିକା ଦିବସ ଅବସରରେ ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମତପ୍ରକାଶ ପାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ପୋମା ଟୁଡୁ ଯୋଗଦେଇ କହିଥିଲେ, ମଣିଷ ଯେପରି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଏ ସେହିପରି ଚାଷୀ ମୃତ୍ତିକାର ଯତ୍ନ ନେଇ ପରୀକ୍ଷା କରିବା ଦରକାର। ପୂର୍ବରୁ ପାରମ୍ପରିକ ଚାଷରେ ଜୈବିକ ସାର ପ୍ରୟୋଗ କରାଯାଉଥିଲା। ଏବେ ରାସାୟନିକ ସାର ପ୍ରୟୋଗ ଯୋଗୁ ଜମିର ଗୁଣବତ୍ତା କମିଯାଉଛି। ଏଣୁ ଚାଷୋପଯୋଗୀ ଜମିର ମାଟି ପରୀକ୍ଷା କରି ଲବଣ ଭାଗ ଓ ଅନ୍ୟ ଧାତବ ଯୁକ୍ତ ପଦାର୍ଥଗୁଡିକର ଭାଗ ଜାଣି ସାର ପ୍ରୟୋଗ କରିବା ଦରକାର। ଜିଲାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ଜିଲାରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି। ଏ ନେଇ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ବ୍ୟବସ୍ଥା କରାଯାଇ ମୃତ୍ତିକା ସଂଗ୍ରହ କରାଯାଉଛି। ଜିଲାର ଦୁଇଗୋଟି ସ୍ଥାନରେ ମୃତ୍ତିକା ନମୁନା ସଂଗ୍ରହ ଓ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଆତ୍ମାର ଅଧ୍ୟକ୍ଷ ରାମଚନ୍ଦ୍ର ନାୟକ କହିଥିଲେ, ନୟାଗଡ଼ ଜିଲା ଆଖୁ, ବିରି, ମୁଗ, ଚିନାବାଦାମ ଓ ମକା ଚାଷ ପାଇଁ ପ୍ରସିଦ୍ଧ ଅଟେ। ଜିଲାରୁ ବୌଦ୍ଧ, ଫୁଲବାଣୀ, ପୁରୀ ଓ ଯାଜପୁର ଜିଲାକୁ ଚାଉଳ ରପ୍ତାନି ହେଉଛି। ଗୋପାଳନ ଓ ଦୁଗ୍ଧଜାତ ଦ୍ରବ୍ୟ ପାଇଁ ନୟାଗଡ଼ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି। ଜିଲାରେ ସମନ୍ୱିତ ଚାଷକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଛି। ଜିଲା କୃଷି ଅଧିକାରୀ ସୁନୁଲ କୁମାର ଜେନା ପ୍ରାରମ୍ଭିକ ଭାଷଣ ରଖି ଲବଣାକ୍ତ ମୃତ୍ତିକା ଓ ଏହାର ପରିସଂଖ୍ୟାନ ରିପୋର୍ଟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ପାଇକରାୟ, ଉଦ୍ୟାନ ଉପକୃଷି ନିର୍ଦ୍ଦେଶକ ମୁରଲୀଧର ବେହେରା, ଡାଲି ଗବେଷଣା କେନ୍ଦ୍ରର ବିଶେଷଜ୍ଞ ଅପର୍ଣ୍ଣା ପ୍ରିୟଦର୍ଶିନୀ ପାତ୍ର, କୃଷି ବୈଜ୍ଞାନିକ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମୃତ୍ତିକାର ଲବଣୀକରଣକୁ ରୋକନ୍ତୁ ଓ ମୃତ୍ତିକାର ଉତ୍ପାଦିକା ଶକ୍ତି ବଢ଼ାନ୍ତୁ ବୋଲି ମତ ରଖିଥିଲେ। ପରେ ଭିଡିଓ ଗ୍ରାଫିରେ ମୃତ୍ତିକା ନମୁନା ସଂଗ୍ରହ ପଦ୍ଧତି, ଜୈବିକ ସାର ଅମଳ, ସାର ପ୍ରୟୋଗ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏହିଅବସରରେ ୩୦ ଜଣ ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣ କାର୍ଡ ପ୍ରଦାନ କରାଯାଇଥିଲା।

## ଏକାଦଶ ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି

ଦିଗପହଣ୍ଡି,୫।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକର ପ୍ରସିଦ୍ଧ ଉଜ୍ଜଳେଶ୍ୱର ଶୈବପୀଠରେ ୧୧ ଦିନ ବ୍ୟାପି ଚାଲିଥିବା ଏକାଦଶ ରୁଦ୍ର ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ମହାଯଜ୍ଞର ଅନ୍ତିମ ଦିବସରେ ଗଞ୍ଜାମ-ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଯଜ୍ଞ ସ୍ଥଳ ପରିଦର୍ଶନ ପାଇଁ ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରୋହିତ୍ୟରେ ବହୁ ପଣ୍ଡିତ କର୍ମକାଣ୍ଡ ପୁରୋହିତ ବୃନ୍ଦ ଯଜ୍ଞ ପରିଚାଳନା କରିଥିଲେ। ଗତ ୨୨ରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଖମାରୀ ଗାଁ ସରପଞ୍ଚ କେ.ସନ୍ତୋଷ କୁମାର ପାତ୍ରଙ୍କ ସମେତ ଯଜ୍ଞ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ରଞ୍ଜନ ପାଣିଗ୍ରାହୀ, ସଞ୍ଜୟ ପାଣିଗ୍ରାହୀ, ଚିତ୍ରସେନ ଗୌଡ, ସୂର୍ଯ୍ୟକାନ୍ତ ପଣ୍ଡା, ତାରିଣୀ ସାହୁ, ରମେଶ ଚନ୍ଦ୍ର ମିଶ୍ର, ନୀଳମାଧବ ପଣ୍ଡା, ଗୌରୀ ଶଙ୍କର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

## ଟିକା ନେଲେ ପାର୍ଥଡ଼ା ପଞ୍ଚାୟତବାସୀ

କାଶୀନଗର, ୫।୧୨(ଡି.ଏନ.ଏ.)

କାଶୀନଗର ବ୍ଲକର ପାର୍ଥଡ଼ା ପଞ୍ଚାୟତ ହେଉଛି ଏକ ଅପହଞ୍ଚ ଇଲାକା। କରୋନା ମହାମାରୀରେ ଟିକାକରଣ ସମସ୍ତ ପଞ୍ଚାୟତରେ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ପାର୍ଥଡ଼ା ପଞ୍ଚାୟତରେ ଭୁଲ୍ ବୁଝାମଣା ଯୋଗୁ ଟିକାକରଣ ହୋଇପାରି ନ ଥିଲା। ରବିବାର ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ସିଡିପିଓ କନକଲତା ପୂଜାରୀ ମେଡିକାଲ ଷ୍ଟାଫ୍‌ଙ୍କ ସହ ଉକ୍ତ ପଞ୍ଚାୟତର ପାର୍ଥଡ଼ା, ଆରିମ୍ବାରେ ଟିକାକରଣ କରାଯାଇଛି। ପ୍ରଶାସନର ବହୁ ବୁଝାଶୁଝା ପରେ ସେମାନେ ସ୍ଥାନୀୟ ସରପଞ୍ଚ, ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଟିକା ନେଇଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲାପାଳଙ୍କ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ

ଗଞ୍ଜାମ,୫।୧୨(ଡି.ଏନ.ଏ.)

ଜୱାଦ ପ୍ରଭାବରେ ଫସଲ ପ୍ରଭାବିତ ହୋଇଛି। କଚା ଘରେ ଥିବା ଲୋକ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଞ୍ଜାମ ବ୍ଲକ ଚିଲିକା ଉପକୂଳବର୍ତ୍ତୀ ଇଲାକାରେ ରହିଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ପରିଦର୍ଶନ କରିଥିଲେ। ଏଥିସହ ନଷ୍ଟ ହୋଇଥିବା ଫସଲ ଦେଖି ଚାଷୀମାନଙ୍କ ସହ ଆଲୋଚନା କରି ଗଞ୍ଜାମ ବ୍ଲକର ଆରଆଇ ଓ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ତହସିଲଦାର ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ ଅଫିସ, ୫।୧୨

ଶିଶୁଙ୍କ ସୁରକ୍ଷା ଓ ଅଧିକାର ନେଇ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ପକ୍ଷରୁ ୪୦ଦିନିଆ ସଚେତନତା କାର୍ଯ୍ୟକ୍ରମ ନଭେମ୍ବର ୧ରୁ ଆରମ୍ଭ ହୋଇଛି। ରାଜ୍ୟବ୍ୟାପୀ ଭ୍ରାମ୍ୟମାଣ ସଚେତନତା କାର୍ଯ୍ୟକ୍ରମ ହେଉଛି। ଏହି କ୍ରମରେ ରବିବାର ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗ ଦେଇଥିଲେ। ଶିଶୁଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରିବା, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ଅଧିକ ଧ୍ୟାନ ଦେବା ସହ ଶିଶୁ ଶ୍ରମିକ ବନ୍ଦ କରିବାକୁ କମିଶନ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ସେଭ ଦି ଚିଲଡ୍ରେନର ସନ୍ତୋଷ ସ୍ୱାଇଁ, ଦିବ୍ୟା ସରସ୍ୱତୀ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଏକ ସଚେତନତା ରଥକୁ ଶିଶୁ ସୁରକ୍ଷା ଆୟୋଗ କମିଶନ ଅଧ୍ୟକ୍ଷ ପ୍ରଧାନ, ଜିଲାପାଳ ଡା.ବୃନ୍ଦା ଡି, ଏସ୍‌ପି ଭିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ଜିଲାର ପକନାଗାଁ, ବଲସକୁମ୍ପା, ଦୁତିମେଣ୍ଡି ଅଞ୍ଚଳରେ ଏହି ରଥ ବୁଲି ଶିଶୁ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିବ।

# ନିମ୍ନମାନର କାମ: ବର୍ଷାରେ ଧସିଲା ଗାର୍ଡୱାଲ

ହିଞ୍ଜିଳିକାଟୁ,୫।୧୨(ଡି.ଏନ୍.ଏ)

ବିକାଶର ବିଭିନ୍ନ କାର୍ଯ୍ୟ ଦେଖିବା ପାଇଁ ଶହେରୁ ଊର୍ଦ୍ଧ୍ୱ ବିଧାୟକ ଓ ଶାସକ ଦଳର ଏମ୍‌ପି, ୨୯ ଜିଲାର ପ୍ରଶାସନିକ ଅଧିକାରୀ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଗସ୍ତ କରିଥିଲେ। ଉକ୍ତ ବିକାଶ କାର୍ଯ୍ୟ ମଧ୍ୟରେ ହିଞ୍ଜିଳିକାଟୁ ମ୍ୟୁନିସିପାଲଟିର ହିଞ୍ଜିଳି ଦେଉଳ ବନ୍ଧର ସୌନ୍ଦର୍ଯ୍ୟକରଣ ଅନ୍ୟତମ ମୁଖ୍ୟ ଆକର୍ଷ ଭାବେ ସ୍ଥାନ ପାଇଥିଲା। ତେବେ ପ୍ରାୟ ୧ କୋଟି ୬୨ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମିତ ଏହି ପୋଖରୀର ଗୋଟିଏ ପାର୍ଶ୍ୱର ଗାର୍ଡୱାଲ ଲଗାଣ ବର୍ଷା ଯୋଗୁ ରବିବାର ଧସିଯାଇଛି। ଅନ୍ୟ ପକ୍ଷରେ ନିମ୍ନମାନର କାମ ହେତୁ ଏପରି ଘଟିଥିବା ଅଭିଯୋଗ ହୋଇଛି।

ପୋଖରୀର ଧସେଇ ପଡ଼ିଥିବା ଅଂଶଟି କାଳୀ ମନ୍ଦିର ସାମ୍ନାକୁ ଲାଗିଛି। ଧସେଇ ଥିବା ଅଂଶରେ ପୋଖରୀ ଚାରିପାର୍ଶ୍ୱର ବୁଲିବା ପାଇଁ ପେଭର ବ୍ଲକ ଦ୍ୱାରା ପାଦ ଚଲା ରାସ୍ତା ଓ କଂକ୍ରିଟ ପିଲର ରେଲିଂ ରହିଛି। ପାଖାପାଖି ୪୦ମିଟର ଅଂଶର ପାଦ ଚଲା ରାସ୍ତା ଓ କଂକ୍ରିଟ ପିଲର ରେଲିଂ ରବିବାର ଧସେଇ ପଡ଼ିଛି। ଏହି କାର୍ଯ୍ୟଟି ପ୍ରାୟ ବର୍ଷକ ତଳେ ନିର୍ମାଣ ହୋଇଥିଲା। ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ଓୟୁଆଇଡ଼ିଏଫ ଦ୍ୱାରା ଉକ୍ତ ପୋଖରୀ

#### ହିଞ୍ଜିଳି ଦେଉଳବନ୍ଧ

ନିର୍ମାଣ ପାଇଁ ପ୍ରାୟ ୪ବର୍ଷ ତଳେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବିନିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣ ବେଳେ ପୌର ପରିଷଦ ପକ୍ଷରୁ କାର୍ଯ୍ୟର ଗୁଣାବତା ଉନ୍ନତ ପାଇଁ ଟେଣ୍ଡର ଅଟକଳ ମୂଲ୍ୟଠାରୁ ଢ଼େର ଅଧିକ ଅର୍ଥ ବରାଦ ହୋଇଛି। ଏଥିସହ ଉକ୍ତ ବନ୍ଧରେ ଗତ ୪ବର୍ଷରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ଏଫ୍-୨ କାର୍ଯ୍ୟ ମାଧ୍ୟମରେ


ଦେଉଳବନ୍ଧର ଧସିଯାଇଥିବା ଗାର୍ଡୱାଲ।

ପ୍ରାୟ ୩୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅତିରିକ୍ତ ଅର୍ଥ ବିନିଯୋଗ ହୋଇଛି। ଉକ୍ତ ବନ୍ଧରେ ୭ବର୍ଷ ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମଧ୍ୟ କାମ କରାଯାଇଛି। ତେବେ କେଉଁଠି ରହିଲା ତ୍ରୁଟି ତାହାକୁ ନେଇ ପ୍ରଶ୍ନବାଚୀ ଉଠିଛି? ଏ ନେଇ ପୌର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶ କହିଛନ୍ତି, ୨୦୧୫ରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଦେଉଳବନ୍ଧର ଗୋଟିଏ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ଉକ୍ତ ଗାର୍ଡୱାଲ ଉପରେ ପୁର୍ନବାର ଉଚ୍ଚତା ବୃଦ୍ଧି କରାଯାଇ ପୌର ପରିଷଦର ସୌନ୍ଦର୍ଯ୍ୟକରଣ କରାଯାଇଛି। ଧସେଇ ପଡ଼ିଥିବା ଅଂଶଟି କେଉଁ ତ୍ରୁଟିରୁ ଘଟିଛି ତାହାର ତଦନ୍ତ କରାଯାଉଛି।

ଗତ ମାସରେ ମଧ୍ୟ ହିଞ୍ଜିଳିକାଟୁ ବ୍ଲକରେ ପୋଖରୀ ଗାର୍ଡୱାଲ ଧସେଇବା, କଂଟୁରୁ ଠାରେ ପାନୀୟ ଜଳ ପକଳ୍ପର ଛାତ ଢ଼ଳେଇ ବେଳେ ଧସେଇବା ଆଦି ସିରିଜ ଘଟଣା ଅଞ୍ଚଳରେ ନିମ୍ନମାନ କାମର ସ୍ପଷ୍ଟ ଉଦାହରଣ। ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଜଡ଼ିତ ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦେଶ କଂଗ୍ରେସ ସମ୍ପାଦକ ଶମ୍ଭୁ ପାଣିଗ୍ରାହୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମେମୋ ଟ୍ରେନ ପୁଣି ଚାଲିବ

**ନୟାଗଡ଼ ଅଫିସ,୫।୧୨:** ବାତ୍ୟା ଜୱାଦ ପାଇଁ ଭୁବନେଶ୍ୱରରୁ ନୟାଗଡ଼ ଟାଉନ ଷ୍ଟେଶନକୁ ବାତିଲ ହୋଇଥିବା ମେମୋ ଟ୍ରେନ (ସେବା ଏକ୍ସପ୍ରେସ) ପୁଣି ୬ ତାରିଖ ସକାଳୁ ଚାଲୁ ରହିବ। ଡିସେମ୍ବର ୩ ଓ ୪ ଦୁଇଦିନ ପାଇଁ ଟ୍ରେନ ସେବା ବନ୍ଦ ରହିଥିଲା। ରବିବାର ନୟାଗଡ଼ ଷ୍ଟେଶନରେ ମେମୋ ଟ୍ରେନ ପହଞ୍ଚିଛି।

### ମଦ ପିଇବାକୁ ଟଙ୍କା ନ ଦେବାରୁ ଆକ୍ରମଣ, ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୫।୧୨:** ମହିଳାଙ୍କୁ ବିଚ ରାସ୍ତାରେ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଜୟମଙ୍ଗଳା ନଗରର ରଞ୍ଜନ ମୂର୍ଦ୍ଦୀଙ୍ଗିଆ (୨୬)। ପୋଲିସ ନମ୍ବର ୨୫୩/୨୧ ରେ ଏକ ମାମଲା ରୁଜୁ କରି ରଞ୍ଜନଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ରଞ୍ଜନ ପ୍ରତିଦିନ ମଦ ପିଇବାକୁ ସ୍ତ୍ରୀଙ୍କୁ ଟଙ୍କା ମାଗିଥାନ୍ତି। ଗତ ୩୦ ତାରିଖରେ ସ୍ତ୍ରୀଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ରଞ୍ଜନ ତାଙ୍କୁ ଘରୁ ଟାଣି ଆଣି ରାସ୍ତାରେ ଆକ୍ରମଣ କରିବା ସହ ନାନା ପ୍ରକାର ଧମକଚମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ରଞ୍ଜନ ଫେରାର ହୋଇଯାଇଥିଲେ। ରବିବାର ସେ ଘରକୁ ଆସିଥିବା ଖବର ପାଇ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି କହିଛି।

### ଅଖିଳ ଭାରତୀୟ କୃଷକ ସଭାର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଫୁଲବାଣୀ ଅଫିସ, ୫।୧୨:** ଫୁଲବାଣୀଠାରେ ଅଖିଳ ଭାରତୀୟ କୃଷକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଏକ ବର୍ଷର ସଂଗ୍ରାମ ପରେ କେନ୍ଦ୍ର ସରକାର ନୂତନ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି। ଏହା ଦେଶର ଅନ୍ନଦାତାମାନଙ୍କ ଏକ ବଡ ବିଜୟ ବୋଲି ବୈଠକରେ ବକ୍ତାମାନେ କହିଥିଲେ। ତେବେ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁସାରେ କୃଷକ ମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ମୂଲ୍ୟ ଦେବା ଓ କୃଷକ ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇଛି। ସେହିପରି ଆନ୍ଦୋଳନରତ କୃଷକମାନଙ୍କ ଉପରେ ଦାଏର ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ମଧ୍ୟ ଦାବି କରିଛି କୃଷକ ସଭା। କେନ୍ଦ୍ରର ଭାଜପା ସରକାରଙ୍କ କୃଷକ, ଶ୍ରମିକ ଓ ଜନମାରଣ ନୀତି ବିରୋଧରେ ଏକାଠି ହେବାକୁ ସଂଗଠନର ଆବାହକ ଜନବାଦୀ ଗୌଡ ଆହ୍ୱାନ ଦେଇଥିଲେ। ସଭା ଆରମ୍ଭରେ କୃଷକ ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକ ମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା।

# ବର୍ଷା ନଷ୍ଟ କଲା ଧାନର ଗୁଣବତ୍ତା

**ନୟାଗଡ଼ ଅଫିସ,୫।୧୨**

ନୟାଗଡ଼ ଜିଲାରେ ବାତ୍ୟା ଜୱାଦ ପ୍ରଭାବ ଚାଷୀଙ୍କ ବର୍ଷଯାକର ଧାନ ଓ ପନିପରିବା ଫସଲକୁ ଉଜାଡି ଦେଇଛି। ଅମଳ ସମୟରେ ବର୍ଷା କାରଣରୁ ଧାନର ଗୁଣବତ୍ତା ଉପରେ ସନ୍ଦେହ ଉପୁଜିଛି। ଧାନ ଆଦାୟ ହେବା ଉପରେ ଚାଷୀର ଭରସା ନ ଥିବାବେଳେ ମଣ୍ଡିରେ ଧାନ ବିକିବା ଚାଷୀ ପାଇଁ ସମସ୍ୟା ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ମଣ୍ଡିରେ ଉତ୍କୃଷ୍ଟ ମାନର ଧାନ ବିକ୍ରି ବେଳେ ମିଲର ବାଲି, ଗୋଡି, ଧୂସ କହି ୫ରୁ ୨୦ କେଜି କଟନୀ ଛଟନୀ କରୁଥିଲା। ଚଳିତ ଖରିଫ ଋତୁରେ ଅମଳ ସମୟରେ ଜମିରେ ପାଣି ଜମି ଧାନର ଗୁଣବତ୍ତାକୁ ନଷ୍ଟ କରିଥିବାରୁ ବିଗତ ଦିନର ଅଭିଜ୍ଞତାକୁ ଆଧାର କରି ମିଲର ଉପରେ ସନ୍ଦେହ ଉଠିବା ସ୍ୱାଭାବିକ। ଚଳିତବର୍ଷ କଟନୀ ଛଟନୀ ଆଳ ନ କରି ଭଲ ଧାନ ନୁହେଁ କହି ମିଲର ଫେରାଇ ଦେବାର ଭୟ ଚାଷୀଙ୍କୁ ଘାରିଲାଣି। ଏଭଳିସ୍ଥଳେ ଧାନମଣ୍ଡି ଜିଲାରେ ଡିସେମ୍ବର ୨୪ରେ ଖୋଲିବ ବୋଲି ପ୍ରଶାସନ ଘୋଷଣା କରିଛି। ନଭେମ୍ବରରୁ ଅମଳ କରିଥିବା ଚାଷୀ ଧାନର ଗୁଣବତ୍ତା ନ ଥିବାରୁ ଆଗୁଆ ଦଲାଲ ଓ ବ୍ୟବସାୟୀଙ୍କୁ ଧାନ ବିକ୍ରି କରି ଚାଲିଛି। ଗାଁ ଗହଳିରେ ଅଭାବୀ ଧାନ ବିକ୍ରିକୁ ସରକାର ଓ ପ୍ରଶାସନ ରୋକିବାରେ ସମର୍ଥ ହୋଇନାହାନ୍ତି। ଏଣୁ ସରକାର ନୟାଗଡ଼ ଜିଲାର ଚାଷୀଙ୍କୁ ଧାନ ଫସଲ ପାଇଁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସେହିପରି ଧାନର ଗୁଣବତ୍ତା କମିଥିବାରୁ ମାନରେ କୋହଳ କରି ମଣ୍ଡିରେ ଧାନ କିଣିବାକୁ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ନଚେତ ଅଭାବୀ ଧାନ ବିକ୍ରିକୁ ରୋକି ହେବନି ବୋଲି ଚାଷୀ ଆଗୁଆ ସତର୍କ କରାଇ ଦେଇଛି।



ବାଲୁଗାଁ ଅଞ୍ଚଳର ଜମିରେ ଧାନ ଗଛ ପାଣିରେ ବୁଡି ରହିଛି।

- ବାରମ୍ବାର ପାଣିରେ ବୁଡିବା ପରେ ଉଠିଲା ସନ୍ଦେହ
- ଅଭାବୀ ଧାନ ବିକ୍ରି ରୋକିବାକୁ ନାହିଁ ପଦକ୍ଷେପ
- ମଣ୍ଡିରେ ଧାନ ଉଠାଇବେ ନାହିଁ ମିଲର
- କ୍ଷତିପୂରଣ, ମାନରେ କୋହଳ କରିବାକୁ ଚାଷୀଙ୍କ ଦାବି

ଜିଲାରେ ୩୫,୫୮୮ ହେକ୍ଟର ଜଳସେଚିତ ଜମି ଓ ୬୪,୨୨୯ ହେକ୍ଟର ଅଣଜଳସେଚିତ ଜମି ଏପରି ମୋଟରେ ୯୯,୮୧୭ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ସେପ୍ଟେମ୍ବର ସୁଦ୍ଧା ୯୦ ପ୍ରତିଶତ ଜମିରେ ବେଉଷଣ ବହୁ କଷ୍ଟରେ ହୋଇଥିଲା। ନିଅଣ୍ଟିଆ ବର୍ଷା ଯୋଗୁ ନୟାଗଡ଼ ଜିଲାରେ ସେପ୍ଟେମ୍ବରରେ ମରୁଡି ପରିସ୍ଥିତି ଦେଖାଦେଇଥିଲା। ବେଉଷଣ ପରେ ଜମି ଫାଟି ଆଁ କରି ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଲଘୁଚାପ ବର୍ଷା ଚାଷୀ ପାଇଁ ସୁଫଳ ଆଣିଥିଲା। ଅମଳ କମିଥିଲେ ମଧ୍ୟ ଚାଷୀ ତା'ର ପରିଶ୍ରମ ପାଇବାକୁ ଆଶା ରଖିଥିଲା। ହେଲେ ନଭେମ୍ବରରେ ଅଦିନିଆ ବର୍ଷା ସବୁ କିଛି ବିଗାଡି ଦେଲା। ଜମିରୁ ଧାନ କଟା ଯାଇ ନ ପାରିବାରୁ ବିଲରେ ଗଜା ହେବା ସହ ପଚି ଯାଉଛି। ଧାନ କାଟିଥିବା ଚାଷୀ ପାଣିରୁ ଛାଣି ଧାନ ଘରକୁ ଆଣିଥିଲେ ମଧ୍ୟ ତା'ର ଗୁଣବତ୍ତା ନାହିଁ। ଗାଁରେ କୁଇଣ୍ଟାଲ ପିଛା ବ୍ୟବସାୟୀ ଓ ଦଲାଲ ୧ ହଜାର ଟଙ୍କା ଦେଇ ଧାନ କିଣୁଛନ୍ତି। ଏବେ ଡିସେମ୍ବରରେ ବାତ୍ୟା ଜୱାଦ ବର୍ଷା ପ୍ରଭାବରେ ସବୁ ଧାନର ଗୁଣବତ୍ତା ହଜିଗଲା। ରବିବାର ଜିଲାରେ ଭାପୁର ବ୍ଲକରେ ୧୫.୩ ମି.ମି., ଦଶପଲ୍ଲାରେ ୪ ମି.ମି., ଗଣିଆରେ ୧୫ ମି.ମି., ଖଣ୍ଡପଡା ୨୯.୨ ମି.ମି., ନୟାଗଡରେ ୬୩ ମି.ମି., ନୂଆଗାଁରେ ୨୦ ମି.ମି., ଓଡ଼ଗାଁରେ ୨୦ ମି.ମି., ରଣପୁର ବ୍ଲକରେ ୨୫.୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏ ନେଇ କେନ୍ଦୁଡିପି ଓ ଦର୍ପନାରାୟଣପୁର ଚାଷୀ ଶିବ ଦାସ, ମାଟି ପ୍ରଧାନ, ବାପି ମହାନ୍ତି କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଧାନ ଚାଷ ପାଇଁ ବିପତ୍ତି ଡାକି ଆଣିଛି। ରାସ୍ତାକଡରେ ଧାନ ଗଦା ହୋଇ ରହିଛି। ହେଲେ ସବୁ ଧାନ ଗଦାରେ ପଲିଥିନ ପକାଇବା ସମ୍ଭବ ନୁହେଁ। ଏପଟେ ଧାନଗଦା ଓଦା ହୋଇଥିବା ବେଳେ ସେପଟେ ଜମିରେ ଧାନ ପାଣି ଲୋଟିଛି। ସରକାର କ୍ଷତିପୂରଣ ଦେବାର ବ୍ୟବସ୍ଥା ଓ ମାନ କମାଇ ଧାନ ବିକ୍ରିର ବ୍ୟବସ୍ଥା ନ କରାଇଲେ ଚାଷୀ ହତାଶ ହୋଇପଡିବେ ବୋଲି କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, ଜିଲାରେ ଫସଲର କ୍ଷୟକ୍ଷତି ଆକଳନ କରାଯିବ। ଏ ନେଇ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

## ଶ୍ରୀନୀଳମାଧବ ପୀଠରେ ଦେବ ଦୀପାବଳି ଶେଷ



ଶ୍ରୀନୀଳମାଧବ ଜୀଉଙ୍କ ଦେବଦୀପାବଳିର ଶେଷ ଦିବସରେ ଶ୍ରାଦ୍ଧବେଶ।

**ଖଣ୍ଡପଡ଼ା,୫।୧୨(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋର ଶ୍ରୀନୀଳମାଧବ ପୀଠରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦେବ ଦୀପାବଳି ଉତ୍ସବ ରବିବାର ପାରମ୍ପରିକ ରୀତିରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସିଂହଦ୍ୱାର ନିକଟରେ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ୩ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ରବିବାର ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ସନ୍ଧ୍ୟା ଆଳତି ଓ ଧୂପ ପରେ ହାନ୍ଦୋଳାରେ ସିଂହଦ୍ୱାର ନିକଟ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ପୂଜାର୍ଚ୍ଚନା ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟତମାନେ କୃଷ୍ଣଙ୍କ ମାତାପିତା ଦେବକୀ, ବସୁଦେବ ଓ ଯଶୋଦା, ନନ୍ଦ ତଥା ଜଗନ୍ନାଥ, ରାମଚନ୍ଦ୍ର, ଦଶରଥ ଓ ମା' କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଶ୍ରୀଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ପଥରଚକଡା ପଞ୍ଚାୟତ ଅନ୍ତର୍ଗତ ମା' ନାରାୟଣୀ ମନ୍ଦିର, କେନ୍ଦୁପଲ୍ଲୀଠାରେ ଗୋପୀନାଥ ଜୀଉ ମନ୍ଦିର ଏବଂ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି ନୀତି ସମ୍ପନ୍ନ ହୋଇଛି।

## ଜୱାଦ ଭାଙ୍ଗିଦେଲା ଚାଷୀଙ୍କ ମେରୁଦଣ୍ଡ

**ଖଣ୍ଡପଡା,୫।୧୨(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଜୱାଦର ପ୍ରଭାବରେ ଶନିବାର ମଧ୍ୟ ରାତ୍ରିରୁ ଅବିଶ୍ରାନ୍ତ ବର୍ଷା ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଲାଗି ରହିଛି। ଏଥିଯୋଗୁ ଧାନ, ପନିପରିବା ଫସଲ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି ବାତ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ଅଭିଯୋଗ ହେଉଛି। ଶତାଧିକ ଏକର ଜମିରେ ଧାନ ଫସଲ ପାଣିରେ ଭିଜୁଛି। ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଅଧିକାଂଶ ଇଲାକାରେ ଚାଷୀମାନେ ଧାନ କାଟି ଜମିରେ ପକାଇଥିବା ବେଳେ ବର୍ଷା ଫସଲ ଅମଳରେ ବାଧକ ସାଜିଛି। ସେହିପରି ଖଳା ବାରିରେ ହଜାର ହଜାର ଧାନ କଳେଇ ବର୍ଷାରେ ଭିଜୁଛି। ପାଚିଲା ଧାନ ଗଜା ହୋଇଯିବାର ସମ୍ଭାବନା ରହିଛି। ଚଳିତବର୍ଷ ଅନିୟମିତ ବୃଷ୍ଟିପାତ, ଲଘୁଚାପଜନିତ ବର୍ଷା ଏବେ ବାତ୍ୟା ପରିସ୍ଥିତି ଯୋଗୁ ବ୍ଲକ ଅଧୀନ ବେଣାଗାଡିଆ, ବାଣପୁର, ସିଧାମୂଳା, ଗଡିଆସାହି, କୋସକା, ଗୁଣ୍ଡୁଣି, ଶାଳଝରିଆ, ଜଗନ୍ନାଥପ୍ରସାଦ, ବନମାଳୀପୁର, ରାଣୀଛେଲ୍ଲୀ, ବୋଦସା ଏବଂ ଭାପୁର ବ୍ଲକ ଅଧୀନ ପଥରଚକଡା, ଧାନଚେଙ୍ଗଡା, କେନ୍ଦୁପଲ୍ଲୀ, ବାଉଁଶବାଟୀ, ପଦ୍ମାବତୀ ଆଦି ପଞ୍ଚାୟତ ଅଞ୍ଚଳର ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ଫସଲ ସାଙ୍ଗକୁ ପନିପରିବା ଓ ରବି ଫସଲ ମଧ୍ୟ ବର୍ଷା ଯୋଗୁ ନଷ୍ଟ ହୋଇଯାଇଥିବାରୁ ଗାଁ ଗଣ୍ଡାର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନଦୀ ତଟବର୍ତ୍ତୀ ଚାଷଜମି ଓ ଖାଲୁଆ ଅଞ୍ଚଳରେ ଥିବା ଜମିଗୁଡିକରେ ବର୍ଷା ଜଳ ଜମି ରହିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଆନୁଷଙ୍ଗିକ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡା ବ୍ଲକ କୃଷି ଅଧିକାରୀ, ରାଜସ୍ୱ ନିରୀକ୍ଷକମାନେ ବିଭିନ୍ନ ଅଞ୍ଚଳକୁ ଯାଇ କ୍ଷୟକ୍ଷତିର ଆକଳନ କରି ତ୍ୱରିତ୍ ସହାୟତା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।



ବର୍ଷା ଛାଡିଯିବା ପରେ ଜଣେ ଚାଷୀ ଜମିକୁ ଯାଇ ଧାନ ଗଛକୁ ଦେଖୁଛନ୍ତି।

## ଦଶପଲ୍ଲାର ୨ ପ୍ରମୁଖ ବିଦ୍ୟାଳୟକୁ ଅଣଦେଖା

**ଦଶପଲ୍ଲା, ୫।୧୨(ଡି.ଏନ.ଏ.)**

ରାଜ୍ୟରେ ଥିବା କେତେକ ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ସରକାର ଗୁରୁତ୍ୱ ଦେବା ସହ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ତନ୍ମଧ୍ୟରୁ ଦଶପଲ୍ଲାର ୯ ଗୋଟି ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି। ହେଲେ ୨ଟି ପ୍ରମୁଖ ବିଦ୍ୟାଳୟକୁ ସାମିଲ କରାଯାଇ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସାମିଲ୍ ହୋଇଥିବା ବିଦ୍ୟାଳୟଗୁଡିକ ମଧ୍ୟରେ ଖମାରସାହି ଉଚ୍ଚ ବିଦ୍ୟାଳୟ, ତେଣ୍ଡାବାଡି ଉଚ୍ଚ ବିଦ୍ୟାଳୟ, ଦେଢଶର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଘୋଳାହାଣ୍ଡି ଉଚ୍ଚ ବିଦ୍ୟାଳୟ, ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟ, ନଛିପୁର ଉଚ୍ଚ ବିଦ୍ୟାଳୟ, କୁଲୁରୁକୁମ୍ପା ଉଚ୍ଚ ବିଦ୍ୟାଳୟ, ହନୁମନ୍ତ ଉଚ୍ଚ ବିଦ୍ୟାଳୟ, ଉଲିସାହି ଉଚ୍ଚ ବିଦ୍ୟାଳୟ। ହେଲେ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଦଶପଲ୍ଲା ବାଳକ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇନାହିଁ। ଏହି ଦୁଇ ବିଦ୍ୟାଳୟକୁ ୫-ଟିରୁ ବାଦ୍ ଦିଆଯିବାକୁ ସାଧାରଣ ଲୋକେ ଗ୍ରହଣ କରି ପାରୁନାହାନ୍ତି। ଉଲ୍ଲେଖଯୋଗ୍ୟ ୫-ଟିରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ଲେଖାଏ ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ମିଳିବ ବୋଲି ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି।




୫ଟି ଯୋଜନାରୁ ବାଦ୍ ପଡିଥିବା ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ୨ କାନ୍ଥ

**ବୁଗୁଡ଼ା,୫।୧୨(ଡି.ଏନ.ଏ.)**

ବର୍ଷାରେ ରବିବାର ବୁଗୁଡ଼ା ବ୍ଲକ ଅରଖପୁର ପଞ୍ଚାୟତ ଖରିଡା ଗ୍ରାମର କଳାବତୀ ବିଷୋୟୀ ଓ ରେଣୁକା ବିଷୋୟୀଙ୍କ ଘର କାନ୍ଥ ଭୁଶୁଡି ପଡ଼ିଛି। ଏଥିରେ ୨ ପରିବାର ଲୋକେ ବିପଦରୁ ରକ୍ଷା ପାଇ ଯାଇଛନ୍ତି। ଖବର ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ଦୁଇ ପରିବାରକୁ ଜରିପାଲ ଯୋଗାଇ ଦେବା ସହ ଅନ୍ୟ ସହାୟତାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଉକ୍ତ ଦୁଇ ପରିବାର ବାରମ୍ବାର ନିବେଦନ ସତ୍ତ୍ୱେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇ ନ ଥିଲେ।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

**ଦଶପଲ୍ଲା, ୫।୧୨ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ସ୍ତରୀୟ ଭିନ୍ନକ୍ଷମ ଦିବସ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ ହରିଡା ବାଡି ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ପାଳିତ ହୋଇଯାଇଛି। ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ନେଇ ଶୋଭାଯାତ୍ରା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ବିଦ୍ୟାଳୟଠାରେ ପହଞ୍ଚିଥିଲା। ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ନେଇ ଗୀତ, ଚିତ୍ରକଳା, ଚିତ୍ରାଙ୍କନ ଓ ସଙ୍ଗୀତ ଚୌକି ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ସଭାରେ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ବେହେରା, ଏବିଇଓ ଶ୍ୟାମସୁନ୍ଦର ଯାନୀ, ଗୋପବନ୍ଧୁ ଦେହୁରୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ଅକ୍ଷମ ନୁହନ୍ତି ସେମାନେ ସକ୍ଷମ ବୋଲି ମତବ୍ୟକ୍ତ କରିଥିଲେ। ଏପରି କି ସେମାନଙ୍କୁ ମାତା ପିତା କେବେ ବି ଅବହେଳା କରିବା ଅନୁଚିତ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସୁଧାକର ଘଡେଇ, ସରୋଜ କୁମାର ସାହୁ, କାଳନ୍ଦୀ ସାହୁ, ଆଶ୍ୱିନ କୁମାର ବେହେରା, କୁବେରମଣି ସାହୁ, ମମତା ସାହୁ, ତୁଷାରବାଳା ମହାପାତ୍ର, ଆଲୋକ ସେନାପତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଉପସ୍ଥିତ ଅଭିଭାବକମାନେ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗଙ୍ଗବଂଶୀ ଷୋଳଗଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଓଡ଼ିଶାର ପବିତ୍ରମୟ ତୀର୍ଥଭୂଇଁ ଥିଲା କୋଣାଦିତ୍ୟ। ଏଠାରେ ବହୁ ପ୍ରାଚୀନ କାଳରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ମନ୍ଦିର ବି ହୋଇଥିଲା। ଲାଙ୍ଗୁଳା ନରସିଂହ ଦେବ ପବିତ୍ର ତୀର୍ଥକୁ ଚଳଚଞ୍ଚଳ କରିବା ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପଦକ୍ଷେପ ଆରମ୍ଭ କରିଥିଲେ। ଗଜପତି ଶୁଭ ମୁହୂର୍ତ୍ତରେ ସୂତ୍ରଧର ଶିବେଇ ସାନ୍ତରା (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କୁ ମୁଖ୍ୟ ସ୍ଥପତି ଭାବରେ ନିଜେ ଲଙ୍କାପଡ଼ା ଶିବିରରେ ନିଯୁକ୍ତି ଦେବାପରେ ସୂତ୍ରଧର ସାତଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ଦାୟିତ୍ୱ ଅର୍ପଣ କରିଥିଲେ।

୧. କାର୍ଯ୍ୟକାରୀ ସ୍ଥପତି ବା କର୍ମକାର ଭାବରେ ଗଦାଧର ମହାରଣା, ୨. ଜଣେ ପରିଚ୍ଛା ବା ନିରୀକ୍ଷକ, ୩. ମୂର୍ତ୍ତିକାର ମହାରଣା ବିଦ୍ୟାଧର ମହାପାତ୍ର, ୪. ପଥର ସୁଆଁସିଆ (ପଥର ସ୍ଥପତି ବା ପଥୁରିଆ) ଭାବରେ ଅଇଁଠା ମହାରଣାଙ୍କୁ ମୁଖ୍ୟ ଭାବରେ ପଗଡ଼ି ବାନ୍ଧି ସ୍ୱୀକୃତି ଦେବା ପରେ, ୫. ଲେପ କାର୍ଯ୍ୟ (ଚୁନରା) ଲାଗି ବିନ୍ଦୁ ମହାରଣା, ୬. ଫାଶୀକାଠ ନିର୍ମାଣ ପାଇଁ ରାଜୀବ ମହାରଣା ଓ ୭. କମାର କଣ୍ଟା ସକାଶେ ପୁରିଆ ମହାପାତ୍ରଙ୍କୁ ସ୍ୱୀକୃତି ଦେଇଥିଲେ। ଏମାନେ କେହି ବି ବାହାରିଆ ଶିଳ୍ପୀ ନ ଥିଲେ।

ଗଜପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଶିବେଇ ସାମନ୍ତରା ସମାପ୍ତ କରିବା ପରେ ନିଜେ ଗଜପତି ରୂପାସ-ଗଡ଼ର ଦଳବେହେରାଙ୍କୁ ଶିବିର ପରିଚାଳନା ଦାୟିତ୍ୱ ଦେଇଥିଲେ। ତତ୍‌ସହିତ ଆର୍ଥିକ ଦିଗ ତଥା ହିସାବ କାର୍ଯ୍ୟ ପାଇଁ କିଲ୍ଲା ବଇଆଳିଶିବାଟୀର ହରିଚନ୍ଦନ ଭ୍ରମରବରଙ୍କୁ ଦାୟିତ୍ୱ ଦେଇଥିଲେ। ସ୍ମରଣଯୋଗ୍ୟ ଯେ, ରୂପାସ-ଗଡ଼ ସେତେବେଳେ 'ବିଶେ'ର ମାନ୍ୟତା ପାଇଥିଲା। 'ବିଶେ' କହିଲେ ଶାସନ ଦୃଷ୍ଟିରୁ ବର୍ତ୍ତମାନର 'ଜିଲା' ବୋଲି ଆମେ ବୁଝିବା। କାରଣ ବାଙ୍ଗୁରିଗାଁର ଜଗନ୍ନାଥ ସାହୁ ଓ କରୁଣାକର ସାହୁଙ୍କଠାରୁ ମିଳିଥିବା 'ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ କଳା' ପୋଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି- 'ରୂପାସ-ଗଡ଼ ଜିଲାର ପଦ୍ମତୋଳା କ୍ଷେତ୍ରରେ ମନ୍ଦିର ନିର୍ମାଣ ହେଲା।'' ଏହି ପୋଥିଟି ଓଡ଼ିଆ କରଣୀଅକ୍ଷରରେ ଲେଖାଯାଇଛି। ମିଳିଥିଲା ଭୋଇବଂଶର ଗଜପତି ପୁରୁଷୋତ୍ତମଦେବଙ୍କ ସମୟରେ। ଏଥିରେ ଶ୍ରୀପଦ୍ମକେଶର ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ସ୍ଥାନ ପାଇଛି। ଭିତର କାନ୍ଥରୁ ଭିତର କାନ୍ଥ, ବାହାରପଟ ଅଞ୍ଚଳ ଓ ରଥ ଦେଉଳର ମାପ ସ୍ପଷ୍ଟ ଭାବରେ ହିସାବ ହୋଇଛି।

### ରୂପାସ-ଗଡ଼ ପାଇଥିଲା ଜିଲାର ମାନ୍ୟତା



ପଥରବୁହା ନଦୀରୁ ଉଦ୍ଧାର ହୋଇଥିବା ଗଡ଼ରୁପାସରେ ପୂଜିତ ଶ୍ରୀହନୁମାନ। ଗଡ଼ନାୟକଙ୍କ ଖଣ୍ଡା(ଇନ୍‌ସେଟ୍)।

ପୂର୍ବରୁ କିଲ୍ଲା ବଇଆଳିଶିବାଟୀର ସୂଚନା ଏବଂ ସେଠାରେ ଥିବା ଶ୍ରୀଗଙ୍ଗେଶ୍ୱରୀ ମନ୍ଦିର ତଥା ପଥରବୁହା ନଦୀର ସୂଚନା ଆମେ ଦେଇଥିଲୁ। କୋଣାର୍କ ଅଞ୍ଚଳରେ ୧୬ଟି ଗଡ଼ ପ୍ରଥମେ ଗଙ୍ଗବଂଶ ଶାସନ ସମୟରେ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡ଼ଗୁଡ଼ିକୁ ଆଜି ବି 'ଗଙ୍ଗବଂଶୀ' ଗଡ଼ କୁହାଯାଉଛି। ଷୋହଳଗଡ଼ ମଧ୍ୟରେ ରୂପାସ-ଗଡ଼ ଅନଙ୍ଗ ଭୀମଦେବଙ୍କ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟରେ ବିଶେ (ଜିଲା)ର ମାନ୍ୟତା ପାଇଥିବା ଏହି ଗଡ଼ର ପରିସର ଭିତରେ ରହିଥିଲା ପଦ୍ମତୋଳା କ୍ଷେତ୍ର। ବର୍ତ୍ତମାନ ଗଡ଼ର ମୁଖିଆଙ୍କ ଘରକୁ ଗଡ଼ନାୟକଙ୍କ ଖୁଆଡ଼ ବୋଲି ଚିହ୍ନିତ କରାଯାଉଛି। ପୋଥିରେ 'ଦଳବେହେରା' ଶବ୍ଦ ଅଛି। ଏହି ଗଡ଼ର ଦଳବେହେରା ମହାରଣାମାନେ ରହୁଥିବା ଶିବିରର ପରିଚାଳନା ଦାୟିତ୍ୱରେ ରହିଥିଲେ। ଗଡ଼ର ନାମକରଣକୁ ନେଇ ଏକାଧିକ ଐତିହ୍ୟ ଅଛି। ଗଡ଼ର ଉପାସକ ଥିଲେ ଦେବୀ କନକଦୁର୍ଗା। ପୂର୍ବଦିଗରେ ଦେବୀ ତାରାଙ୍କ ନିକଟରେ ଶତାଧିକ ମହାରଣା ପ୍ରସ୍ତାବିତ ଶିବିରରେ ରହୁଥିଲେ। ସଭିଏଁ ଶିବିରରୁ ପଦ୍ମତୋଳା କ୍ଷେତ୍ରକୁ ବାହାରିଲେ ଦେବୀ କନକଦୁର୍ଗା ଓ ଭୈରବୀଙ୍କ ଶରଣାଗତ ହୋଇ ବଡ଼େଇଗୋହିରୀ ଦେଇ ଯାଉଥିଲେ। ଗଡ଼ର ଖଣ୍ଡାଘରେ ଦଳବେହେରା, ପାତ୍ର ଓ ପାଇକମାନଙ୍କର ଖଣ୍ଡା ଓ ଅନ୍ୟାନ୍ୟ ଯୁଦ୍ଧଅସ୍ତ୍ର ରହୁଥିଲା। ଇଂରେଜଙ୍କ ସହିତ ୧୮୦୪ ମସିହାରେ ହୋଇଥିବା ଯୁଦ୍ଧରେ ଗଡ଼ର ବୀରମାନେ ଯୋଗ ଦେଇଥିଲେ। ଜୟୀରାଜଗୁରୁ ପାଇକମେଳି କଲାବେଳେ ଏହି ଗଡ଼କୁ ଆସି ଦଳବେହେରାଙ୍କୁ ଭେଟିଥିଲେ। ଲୋକଗୀତ, ଲୋକ କଥାରେ ଜୟୀ ରାଜଗୁରୁଙ୍କୁ ନେଇ ଅନେକ ଐତିହ୍ୟ ଗଡ଼ରେ ଆଜି ବି ବଞ୍ଚିଛି।